

ଭୀରୁ ବାରମ୍ବାର ମରେ; କିନ୍ତୁ ସାହସୀ ଲୋକର ଜୀବନରେ ମାତ୍ର ଥରେ ମୃତ୍ୟୁ ହୋଇଥାଏ।
- ନେପୋଲିୟନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଇଣ୍ଡିଆନ ଚାମ୍ବର ଅଫ କମର୍ସ ପକ୍ଷରୁ ଏମଏସଏମଇ ସମ୍ମିଳନୀ, ହୋଟେଲ ସ୍ୱସ୍ତି ପ୍ରିମିୟର, ପୂର୍ବାହ୍ନ ୧୦ଟା।
- ଏଚ୍‌ସିଜି ପଣ୍ଡା କ୍ୟୁରି କ୍ୟାନ୍‌ସର ହସ୍ପିଟାଲ ପକ୍ଷରୁ ଡେ କେୟାର କେମୋ ଥେରାପି ସେଣ୍ଟରର ଶୁଭାରମ୍ଭ, ଜୟଦେବ ବିହାର, ଅପରାହ୍ନ ୩ଟା।
- ସାଟୋ ପକ୍ଷରୁ ରାଜ୍ୟସ୍ତରୀୟ ଆର୍ଟିଷ୍ଟ କର୍ମଶାଳା, ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି, ଅପରାହ୍ନ ୪ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୂଲ୍ୟରେ ୧୫୯ତମ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର ସନ୍ଧ୍ୟା ୬ଟା।
- ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ଚିତଉ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଶ୍ରୀ ଶ୍ରୀ ବଡ଼ମା'ଙ୍କର ଆବିର୍ଭାବ ଦିବସ ଅବସରରେ ଗ୍ରନ୍ଥପାଠ, ରସୁଲଗଡ଼ ସତ୍‌ସଙ୍ଗ ବିହାର, ସନ୍ଧ୍ୟା ୬ଟା ୨୭।
- ଗୀତ ତରଙ୍ଗ ଟ୍ରଷ୍ଟ ପକ୍ଷରୁ ଗୀତ ତରଙ୍ଗ ସମ୍ମାନ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ପ୍ରଫେସର ହୃଦାନନ୍ଦ ରାୟଙ୍କ ଚତୁର୍ଥ ବାର୍ଷିକୀ ଶ୍ରାଦ୍ଧୋତ୍ସବ, ଶାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ବିଦାୟୀକାଳୀନ ସମ୍ବର୍ଦ୍ଧନା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡାବଜାର, ଅପରାହ୍ନ ୩ଟା।
- ରୋଟାରୀ କ୍ଲବ ଅଫ ନୀଳାଚଳର ଇନଷ୍ଟାଲେଶନ୍ ଉତ୍ସବ, ହୋଟେଲ ପ୍ରମୋଦ, ସିଟି ରୋଡ, ରାତି ୮ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅନ୍ୟାୟର ଅନ୍ତ ଘଟିବ

ବହୁ ବାଦବିବାଦ ପରେ ତିନି ତଲାକ୍ ବିଲ୍ ପାର୍ଲାମେଣ୍ଟରେ ମଙ୍ଗଳବାର ଗୃହୀତ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ଆଇନରେ ପରିଣତ ହେବାକୁ ଯାଉଛି। ଏହାଦ୍ୱାରା ମୁସଲମାନ ମହିଳାମାନଙ୍କ ପ୍ରତି ହେଉଥିବା ଅନ୍ୟାୟର ଅନ୍ତ ଘଟିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।




### କୋରାନରେ ତିନି ତଲାକ୍ ନାହିଁ



ତିନି ତଲାକ୍ ବୋଲି କିଛି ଶବ୍ଦ କୋରାନରେ ନାହିଁ। ତଲାକ ପାଇଁ ଅନେକ ନିୟମ ରହିଛି। ଯଦି କୌଣସି ସମସ୍ୟା ହୁଏ ତେବେ ୩ ମାସ ଭିନ୍ନ ରହିବାକୁ ପଡ଼େ ଓ ବହୁତ ନିୟମ ମାନିବାକୁ ପଡ଼ିଥାଏ। ହେଲେ ମୁସଲମାନମାନେ କୋରାନର ଅର୍ଥ ବୁଝୁନାହାନ୍ତି। ତିନି ତଲାକ୍ ଆଦୌ ବୈଧ ନୁହେଁ। ଏହା ପୂରା ଉଠିଯିବା ହିଁ ସମସ୍ତଙ୍କ ପାଇଁ ଭଲ। ଏହି ବିଲ୍ ପାସ୍ ହେବା ସ୍ୱାଗତଯୋଗ୍ୟ।

- ବସିରନ୍ ବିବି, ଲେଖିକା, ନୟାଗଡ଼

### ଯୁଗାନ୍ତକାରୀ ପଦକ୍ଷେପ



ବୁର୍ଖା ଭିତରେ ରହୁଥିବା ମୁସଲମାନ ମହିଳାଙ୍କୁ ସଶକ୍ତୀକରଣ କରିବା ପାଇଁ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ତିନି ତଲାକ୍ କହି ଯେଉଁ ବୈବାହିକ ସମ୍ପର୍କକୁ ଭାଙ୍ଗି ଦିଆଯାଉଥିଲା ସେଥିରେ ବର୍ତ୍ତମାନ ପୂର୍ଣ୍ଣଚ୍ଛେଦ ପଡ଼ିଲା। ସେମାନେ ଆଉ ଡରି ଡରି ବଞ୍ଚିବେ ନାହିଁ। ଖୁସି ଲାଗୁଛି ଯେ ଟ୍ରିପଲ ତଲାକ ଯୁଗର ଅନ୍ତ ଘଟିଛି।

-ଅଞ୍ଜୁମ୍ ଅଖ୍‌ତର, ସିନ୍ଦୂରିଆ, ନୟାଗଡ଼

### ବିନା ଭୟରେ ଜୀବନଯାପନ କରିବେ



ଏହି ବିଲ୍ ପାସ୍ ହେବା ଏକ ଐତିହାସିକ ଘଟଣା। ଏହା ବହୁତ ପୂର୍ବରୁ ହେବାର ଥିଲା। ତେବେ ବିଳମ୍ବରେ ହେଉ ପଛେ ଏହି ବିଲ୍ ପାରିତ ହୋଇଛି, ଯାହା ସମସ୍ତ ମୁସଲମାନ ମହିଳାଙ୍କୁ ଖୁସି ଆଣିଦେଇଛି। ମୁସଲମାନ ସମ୍ପ୍ରଦାୟର ମହିଳାମାନେ ଯେଉଁ ନିର୍ଯାତନା ପାଉଥିଲେ, ତାହା ବର୍ତ୍ତମାନ ବନ୍ଦ ହୋଇଯିବ। ବିନା ଭୟରେ ସେମାନେ ଜୀବନଯାପନ କରିପାରିବେ।

- ଦେବଶ୍ରୀ ହଲିମ୍, ବରମୁଣ୍ଡା, ଭୁବନେଶ୍ୱର

### ସ୍ୱାଗତଯୋଗ୍ୟ



ତିନି ତଲାକ ବିଲ୍ ପାର୍ଲାମେଣ୍ଟରେ ପାସ୍ ହେବା ନିଶ୍ଚିତ ଭାବେ ମୁସଲମାନ ମହିଳାଙ୍କୁ ସଶକ୍ତ କରିବ। ନିର୍ଯାତିତାମାନେ ନ୍ୟାୟ ପାଇବେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

- ଶୋଫେଦା ବିବି, କଡବ, ଖୋର୍ଦ୍ଧା

### ପୁରୁଣା ରୀତିନୀତିକୁ ନେଇ ବଞ୍ଚିବା କଷ୍ଟକର



ଯୁଗ ବଦଳୁଛି। ଏହାସହ ଲୋକଙ୍କ ଚିନ୍ତାଧାରା ଓ ମତ ମଧ ବଦଳୁଛି। ଏହି ସମୟରେ ପୁରୁଣା ରୀତିନୀତିକୁ ନେଇ ବଞ୍ଚିବା କଷ୍ଟକର। ତିନି ତଲାକ୍ ଦ୍ୱାରା ପୂର୍ବରୁ ମୁସଲମାନ ମହିଳା କିପରି ସମସ୍ୟା ଭୋଗିଛନ୍ତି ତାହା ବହୁ ପାଖରୁ ଦେଖିଛୁ। ଏହି ନିୟମ ପରିବର୍ତ୍ତନ ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

- ସୁଲତାନା ବେଗମ୍, କଟକ

### ମୁସଲମାନ ମହିଳା ଏବେ ଆଶ୍ୱସ୍ତି ଅନୁଭବ କରିବେ



ଧର୍ମ ନିରପେକ୍ଷ ରାଷ୍ଟ୍ର ଭାରତରେ ଏକତାର କଥା ସବୁବେଳେ କୁହାଯାଏ। ଏହି ଏକତାର ପ୍ରମାଣ ଦିଆଯିବା ବି ଦରକାର। ପୁରୁଷ ପ୍ରଧାନ ଦେଶ ବୋଲି ଭାରତର ପରିଚୟ ନାହିଁ। ମୁସଲମାନ ମହିଳାମାନେ ଏବେ ଆଶ୍ୱସ୍ତି ଅନୁଭବ କରିବେ।

- ଅନିଶା ଖାତୁନ୍, କଟକ

**ନନ୍ଦନକାନନ**

## ପଶୁପକ୍ଷୀ ଅଦଳବଦଳ ପାଇଁ ଉଦ୍ୟମ ଆରମ୍ଭ

**ବାରଙ୍ଗ,୩୦।୭(ଡି.ଏନ୍.ଏ.):** ନନ୍ଦନକାନନକୁ ନୂଆ ଅତିଥି ଆସିବାନେଇ ପ୍ରସ୍ତୁତପର୍ବ ଆରମ୍ଭ ହୋଇଛି। ଆସନ୍ତା ଅଗଷ୍ଟ ଭିତରେ ଅନେକ ନୂଆ ଅତିଥିମାନେ ନନ୍ଦନକାନନକୁ ଆସିବାର ଯୋଜନା ରହିଛି। ଅଦଳବଦଳ ପ୍ରକ୍ରିୟାରେ ଅଗଷ୍ଟ ୧ରେ ନନ୍ଦନକାନନର ଏସିଏଫ ଅଞ୍ଜନ କୁମାର ମହାନ୍ତି ଓ ଡା.ଆଲୋକ କୁମାର ଦାସଙ୍କ ନତେୃତ୍ୱରେ ଦୁଇଜଣିଆ ଟିମ ଜିରାଫ ଆଣିବା ପାଇଁ ମହୀଶୂର ଯିବେ। ଫଳରେ ଦୀର୍ଘଦିନଧରି ନିଃସଙ୍ଗ ଜୀବନ ବିତାଉଥିବା 'ଖୁସି'ର ଖୁସି ଫେରିବାକୁ ଯାଉଛି। ଏଥିପାଇଁ କେନ୍ଦ୍ରୀୟ ଚିଡିଆଖାନା କର୍ତ୍ତୃପକ୍ଷ ମୋହର ମାରିଥିବାବେଳେ ମହୀଶୂର ଚିଡିଆଖାନାରୁ ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ଜିରାଫ ଦୁଇଟି ସମ୍ବାଜି ବଦଳରେ ନନ୍ଦନକାନନକୁ ଆସିବେ। ସେହିଭଳି ମଧପ୍ରଦେଶର ଇନଡର ଚିଡିଆଖାନାରୁ ୨ଟି ଧୂସର ରଙ୍ଗର ଗଧିଆ, ତିନୋଟି କୋକିଶିଆଳି ଆଣିବାପାଇଁ ରେଞ୍ଜ ଅଫିସର କୁମର ବେହେରାଙ୍କ ନେତୃତ୍ୱରେ ୬ ଜଣିଆଦଳ ୨ତାରିଖରେ ଯାତ୍ରା ଆରମ୍ଭ କରିବ। ଅନ୍ୟପଟେ ଉପହାରରେ ମିଳିବାକୁ ଥିବା ମାଡ୍ରାସ କ୍ରୋକୋଡାଇଲ ଏମସିବିଟି ପାର୍କରୁ କମ ବୟସର ୪ଟି ଆନାକୋଣ୍ଡା ଓ ୩ଟି ନୀଳରଙ୍ଗର କୁମ୍ଭୀର ଆଣିବାକୁ ୧୪ତାରିଖରେ ଜନ୍ତୁବିଭାଗ ଏସିଏଫ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ଏକ ଦଳ ଯିବାକୁ ସ୍ଥିର ହୋଇଛି।



## ଲୟୋଲା ଦିବସରେ ସେଣ୍ଟ ଇଗ୍ନାସିୟସ୍‌ଙ୍କୁ ମନେପକାଇଲେ

**ଭୁବନେଶ୍ୱର, ୩୦।୭(ବ୍ୟୁରୋ)**

ମାନବ ସେବାରେ ନିଜକୁ ଉତ୍ସର୍ଗ କରିଥିବା ସେଣ୍ଟ ଇଗ୍ନାସିୟସ୍‌ଙ୍କ ଜୁଲାଇ ୩୧ ମହାପ୍ରୟାଣ ଦିବସ ପରିପ୍ରେକ୍ଷୀରେ ମଙ୍ଗଳବାର ଲୟୋଲା ସ୍କୁଲ ପକ୍ଷରୁ ଲୟୋଲା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଲୟୋଲା ସ୍କୁଲ ପ୍ରିନ୍ସିପାଲ ଫାଦର ଭିକ୍ଟର ଏଫ୍. ମିସ୍‌କୁଇଥ୍ ଇଗ୍ନାସିୟସଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାର୍ଥନା ବୋଲାଯାଇଥିଲା। କାର୍ଯ୍ୟକ୍ରମରେ ଫାଦର ଗିଲ୍‌ବର୍ଟ, ପାଦର ଭିକ୍ଟର, ଫାଦର ଜେରାଲ୍ଡ, ଫାଦର ଥାନା, ଫାଦର ଶାନ୍ତିନନ୍ଦନ, ଫାଦର ଅଜିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଦର ଗିଲ୍‌ବର୍ଟ ଛାତ୍ରୀଛାତ୍ରଙ୍କୁ ସେଣ୍ଟ ଇଗ୍ନାସିୟସଙ୍କ ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ସୂଚନା ଦେଇଥିଲେ। କ୍ଲାସ୍ ୧୦ 'ଡି'ର ଛାତ୍ର ନିଷ୍ଠା ବଶାକ ଲୟୋଲା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ 'ସବୁ କ୍ଷେତ୍ରରେ ଭଗବାନଙ୍କୁ ଖୋଜ' ଶୀର୍ଷକ ଡ୍ୟାନ୍ସ ଡ୍ରାମା ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ, ଅତିଥି ଓ ଅନ୍ୟମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ପିଲାମାନେ 'ନୋବେଲ ନାଇଟ୍' ଭଜନ ଗାଇ ସେଣ୍ଟ ଇଗ୍ନାସିୟସଙ୍କୁ ସମର୍ପିତ କରିଥିଲେ।



## ବାଘୁଣୀ ବର୍ଷା, ବାରାସିଙ୍ଗାର ହେଲା ଚିକିତ୍ସା

**ବାରଙ୍ଗ,୩୦।୭(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୧୯ସି ଏନକ୍ଲୋଜରରେ ଥିବା କଲରାପତରିଆ ବାଘୁଣୀ ବର୍ଷାର ମଙ୍ଗଳବାର ଚିକିତ୍ସା ହୋଇଛି। ଗତ ସାତଦିନ ହେବ ବର୍ଷାର ଦେହ ଅସୁସ୍ଥ ଥିଲା। ଡାକ୍ତରମାନଙ୍କ ଚିକିତ୍ସା ସତ୍ତ୍ୱେ ଅସୁସ୍ଥର ପ୍ରକୃତ କାରଣ ଜଣାପଡୁ ନ ଥିବାବେଳେ ଦିନକୁ ଦିନ ଅସୁସ୍ଥତା ବଢିବାରେ ଲାଗିଥିଲା। ସୋମବାର ଦାୟିତ୍ୱରେ ଥିବା କର୍ମଚାରୀ ବର୍ଷାର ମଳଦ୍ୱାର ବାହାରିବା ଭଳି ସ୍ଥିତି ଥିବାର ଦେଖି ଡାକ୍ତରଙ୍କୁ ଅବଗତ କରାଇଥିଲେ। ମଙ୍ଗଳବାର ବର୍ଷାକୁ ଏନକ୍ଲୋଜରରୁ ଡାକ୍ତରଖାନାକୁ ନେଇ ନିଶା ଦିଆଯାଇ ବେହୋସ କରାଯାଇଥିଲା। ପରେ ବାହାରିଥିବା ମଳଦ୍ୱାରକୁ ଭିତରକୁ ପୂରାଇ ସିଲାଇ କରାଯାଇଥିଲା। ଏବେ ବର୍ଷା ଡାକ୍ତରଖାନାର କ୍ୱାରେଣ୍ଟାଇନରେ ଡାକ୍ତରଙ୍କ ନଜରବନ୍ଦିରେ ୫ଦିନ ପର୍ଯ୍ୟନ୍ତ ରହିବ ବୋଲି ଜଣାପଡିଛି। ଚନ୍ଦକାରୁ ଧରାହୋଇ ଆସିଥିବା ୧୩ବର୍ଷର ଏହି ବାଘୁଣୀ ବର୍ଷା ଦୀର୍ଘ ୨୦ବର୍ଷର ବ୍ୟବଧାନ ପରେ ୨୦୧୦ ଫେବୃୟାରୀ ୨୦ରେ ଦୁଇଟି ଛୁଆଜନ୍ମ କରି ନନ୍ଦନକାନନ ପାଇଁ କଲରାପତାରିଆ ବାଘ ସଂଖ୍ୟା ବୃଦ୍ଧିର ମଙ୍ଗ ଧରିଥିଲା। କିନ୍ତୁ ଜନ୍ମିତ ପିଲା ବଞ୍ଚିପାରି ନ ଥିଲେ ମଧ ବର୍ଷା ନନ୍ଦନକାନନ ପାଇଁ ଆବଶ୍ୟକତା ସାଜିଛି। ସେହିଭଳି ୩୯ନଂ ଏନକ୍ଲୋଜରରେ ରହୁଥିବା ଏକ ମାଈ ବାରାସିଙ୍ଗାର ପୁଣି ଦ୍ୱିତୀୟଥର ପାଇଁ ଚିକିତ୍ସା କରାଯାଇଛି। ଗତ ୨୧ରେ ଏହି ବାରାସିଙ୍ଗାର ଫୁଲ ପଦାକୁ ବାହାରି ଆସିଥିବାରୁ ଡାକ୍ତରମାନେ ଅପରେଶନରେ ଭିତରେ ପୂରାଇ ସିଲେଇ କରିଥିଲେ। ପୁଣି ୨୪ତାରିଖରେ ଏହି ବାରାସିଙ୍ଗାଟିର ଅସ୍ତ୍ରୋପଚାର କରାଯାଇ ଏକ ମୃତ ଛୁଆକୁ ଡାକ୍ତରମାନେ ବାହର କରିଥିଲେ। କିନ୍ତୁ ମଙ୍ଗଳବାର ବାରାସିଙ୍ଗାର ଫୁଲଟି ଦ୍ୱିତୀୟଥର ପାଇଁ ବାହାରିବାରୁ ଡାକ୍ତରମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଯାହା ଡାକ୍ତରମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଣିଥରେ ବାରାସିଙ୍ଗାଟିକୁ ନିଶା ଦେଇ ଫୁଲଟିକୁ ପୂରାଇ ସିଲେଇ କରାଯାଇଛି। ସେହିଭଳି ଏହି ଏନକ୍ଲୋଜରରେ ଥିବା ଏକ ଅଣ୍ଡିରା ବାରାସିଙ୍ଗାର ମୁହଁରେ ଟ୍ୟୁମର ହୋଇଥିବାରୁ ତା'ର ଚିକିତ୍ସା ସତ୍ତ୍ୱେ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରିନାହିଁ। ଧୀରେ ଧୀରେ ସେ ଖାଦ୍ୟ ଖାଇବା କମାଇଥିବାର ଦେଖିବାକୁ ମିଳିଛି।

# ନନ୍ଦନକାନନ ପାଇଁ ଅଡୁଆ ସାଜିଛି ବାଉଁଶ ଗଛ

**ବାରଙ୍ଗ,୩୦।୭(ଡି.ଏନ୍.ଏ.)**

ବାତ୍ୟା ପ୍ରକୋପରେ ଅର୍ଦ୍ଧାଧିକ ନଷ୍ଟ ହୋଇଥିବା ନନ୍ଦନକାନନ ଚତୁଃପାର୍ଶ୍ୱକୁ ଧୀରେ ଧୀରେ ସଜଡା ଯାଉଥିବାବେଳେ ଏବେ ଅଡୁଆ ସାଜିଛି ବାଉଁଶ ଗଛ। ଏହି ବାଉଁଶ ପତ୍ର ହିଁ ଜୀବଜନ୍ତୁମାନଙ୍କ ପାଇଁ ବିପଦର କାରଣ ପାଲଟିଛି। ନନ୍ଦନକାନନରେ ଏତେ ପରିମାଣର ଥିବା ବାଉଁଶ ଗଛକୁ କାଟିବା ସମ୍ଭବପର ନ ଥିବାବେଳେ ଫନୀରେ ଭାଙ୍ଗି ଯାଇଥିବା ଗଛର ମୂଳ ଉପଡାଯାଉଛି। ଏହାସହ ଗଛର ତଳପାର୍ଶ୍ୱର ଡାଳଗୁଡ଼ିକକୁ କାଟି ଦିଆଯାଉଛି। ନନ୍ଦନକାନନର ପୂର୍ବାବସ୍ଥାକୁ ଫେରାଇବା ପାଇଁ ଆନ୍ଧ୍ରପ୍ରଦେଶରୁ ବିଭିନ୍ନ ଗଛ ଅଣାଯାଇ ପରିସରରେ ଲଗାଯାଉଛି। ଏହାସହ ନଷ୍ଟ ହୋଇଯାଇଥିବା ବାଉଁଶ ଗଛଗୁଡିକ ଯେଭଳି ପଶୁପକ୍ଷୀଙ୍କ ପାଇଁ କୌଣସି କ୍ଷତି ନ ହେବ ସେଥିପ୍ରତି ଧାନ ରଖାଯାଉଛି। କାରଣ ଏହି ବାଉଁଶଗଛର ପତ୍ରଗୁଡିକ ତଳେ ପଡିବାପରେ ବର୍ଷାକାକରରେ ପଚି ଟିଙ୍କ ସୃଷ୍ଟି ହେଉଛି ବୋଲି ଜନ୍ତୁ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ତେଣୁ ଏନକ୍ଲୋଜରଗୁଡ଼ିକରେ ଥିବା ବାଉଁଶ ଗଛଗୁଡିକୁ ଉଞ୍ଚିବା କାର୍ଯ୍ୟରେ ଲାଗିପଡିଛି ଜନ୍ତୁବିଭାଗ। ଗତ ମାସରେ ଓ୍ୱୁଏଟିର କେତେକ ଅଧିକାରୀମାନେ ନନ୍ଦନକାନନ ପରିଦର୍ଶନରେ ଆସିଥିବାବେଳେ ବାଉଁଶ ଗଛ ନଷ୍ଟ ହେବା ପତ୍ରଗୁଡ଼ିକ ଝାଉଁଳି ପଡି ଦେଖି ଟିଙ୍କ ସୃଷ୍ଟି ହେବାର ଥିବାରୁ କର୍ତ୍ତୃପକ୍ଷଙ୍କୁ ଯଥାଶୀଘ୍ର ସଫାସୁତରା କରିବା ପାଇଁ ପରାମର୍ଶ ଦେଇଥିଲେ। ଅର୍ଦ୍ଧଭଗ୍ନାବସ୍ଥା ଓ ଶୋଇରହିଥିବା ବାଉଁଶଗଛଗୁଡିକୁ କାଟିବା ସହ ସମ୍ପୂର୍ଣ୍ଣ ଭାଙ୍ଗି ମୂଳଥିବା ଗଛଗୁଡିକୁ ମଧ ଉପୁଡାଯାଉଛି। ସବୁଦିନେ ଏନ୍‌କ୍ଲୋଜରଗୁଡିକ ସହ ଡିସପ୍ଲେଗୁଡିକର ଝାଡୁମରା ହେଉଥିବାବେଳେ ଏହି ଗଛଗୁଡିକର ମୂଳକୁ ଝାଡୁମାରିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ତଳେ ପଡୁଥିବା ପତ୍ରଗୁଡିକ ପଚି ଟିଙ୍କ ସୃଷ୍ଟି ହେବାରୁ ଏନକ୍ଲୋଜରରେ ରହୁଥିବା ପଶୁପକ୍ଷୀଙ୍କ ପାଇଁ ବିପଦର କାରଣ ସାଜିଥାଏ। କାରଣ ଏହି ପତ୍ର ସବୁ ସେମାନେ ଖାଇଦେଲେ କୌଣସି ରୋଗ ହେବାର ଆଶଙ୍କା ଥାଏ। ଏଣୁ ଏବେ ବିଭିନ୍ନ ବାଘ, ଏମୁ, ଅଷ୍ଟ୍ରିଜ ଆଦି ଏନକ୍ଲୋଜରରେ ଜନ୍ତୁ ବିଭାଗ ପକ୍ଷରୁ କର୍ମଚାରୀମାନଙ୍କୁ ଏହି କାମରେ ଲଗାଯାଇଥିବାର ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜନ୍ତୁ ବିଭାଗ ଦାୟିତ୍ୱରେ ଥିବା ଏସିଏଫ ଅଶୋକ କୁମାର ଦାସ କୁହନ୍ତି, ବାଉଁଶ ଗଛ ମୂଳରେ ଝାଡୁମାରିବା କଷ୍ଟ ହେଉଛି। ମୂଳରେ ପତ୍ରପଡି ବର୍ଷା ପାଣିରେ ପଚି ଟିଙ୍କର ବାହକ ସାଜୁଛନ୍ତି। ନନ୍ଦନକାନନରେ ବହୁ ବାଉଁଶଗଛ ଥିବାରୁ ସେସବୁକୁ କାଟିବା ସମ୍ଭବପର ନୁହେଁ। ତେଣୁ ଭାଙ୍ଗିଥିବା ଗଛର ମୂଳକୁ ଉପାଡିବା ସହ ଗଛସବୁକୁ ତଳପଟୁ ଉଞ୍ଚୁଡା ଯିବ, ଯେପରି ଓଳାଇବାରେ ଅସୁବିଧା ନ ହେବ।

### ଓଦାପତ୍ର ପଚି ସୃଷ୍ଟି ହେଉଛି ଟିଙ୍କ




## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ରଶ୍ମିରେଖା


ବିଜୟ


କିରଣ


ରାଜେଶ


ଆୟୁଷ୍ମାନ୍


ଗୌରାଙ୍ଗ


ଆଦିତ୍ୟ


ବିଶ୍ୱଜିତ୍



ଭୁଲ କରିବାଟା ମନୁଷ୍ୟର ପ୍ରକୃତି, ତେଣୁ ସେ କ୍ଷମା ପାଇପାରିବ ।
- ଯୋସେଫ୍



## ସଂକ୍ଷେପରେ

### ସିବିଏସ୍‌ଇ ସିଟିଇଟି ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର,୩୦।୭(ବ୍ୟୁରୋ):** କେନ୍ଦ୍ରୀୟ ମାଧମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା(ସିଟିଇଟି) ୨୦୧୯ର ଫଳ ପ୍ରକାଶ ପାଇଛି। ଜୁଲାଇ ୭ ରେ ସମଗ୍ର ଦେଶରେ ସିଟିଇଟିର ଦ୍ୱାଦଶ ସଂସ୍କରଣ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୧୦୯ଟି ସହରରେ ଥିବା ୨,୯୪୯ଟି କେନ୍ଦ୍ରରେ ଏହି ପରୀକ୍ଷା ଆୟୋଜିତ ହୋଇଥିଲା। ପରୀକ୍ଷା ଲାଗି ମୋଟ ୨୯ ଲକ୍ଷ ୨୨ ହଜାର ୨୨୭ ଜଣ ପ୍ରାର୍ଥୀ ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୨୩ ଲକ୍ଷ ୭୭ ହଜାର ୩୧ ଜଣ ପରୀକ୍ଷା ଦେଇଥିଲେ। ତେବେ ପରୀକ୍ଷା ଦେଇଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୮୩୦ ଜଣ ପ୍ରାର୍ଥୀଙ୍କୁ ଯୋଗ୍ୟ ଘୋଷଣା କରାଯାଇଛି। ଯୋଗ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ୨ ଲକ୍ଷ ୧୪ ହଜାର ୬୫୮ ଜଣ ପ୍ରାର୍ଥୀ ପେପର-୧ (ପ୍ରାଇମେରୀ ସ୍କୁଲ) ଏବଂ ୧ ଲକ୍ଷ ୩୭ ହଜାର ୧୭୨ ଜଣ ପ୍ରାର୍ଥୀ ପେପର-୨ (ଜୁନିୟର ହାଇସ୍କୁଲ) ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଚଳିତବର୍ଷ ପରୀକ୍ଷାଫଳ ରେକର୍ଡ ୨୩ ଦିନ ମଧ୍ୟରେ ଘୋଷଣା କରାଯାଇଥିବା ବେଳେ ପ୍ରାର୍ଥୀଙ୍କ ମାର୍କଶିଟ୍ ଡିଜିଲକରରେ ଅପଲୋଡ ହେବ। ସେହିଭଳି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରରେ ଲଗ୍‌ଇନ ବିବରଣୀ ପ୍ରଦାନ କରାଯିବ। ପରୀକ୍ଷାର ସହଜ ଏବଂ ନିରପେକ୍ଷ ପରିଚାଳନା ଲାଗି ପ୍ରତ୍ୟେକ ସହରରେ ୧୧୪ ଜଣ ସଂଯୋଜକ, ୨୯୪୨ ଜଣ କେନ୍ଦ୍ରୀୟ ନିରୀକ୍ଷକ, ୪୩୩୫ ଜଣ ପର୍ଯ୍ୟବେକ୍ଷକ ଏବଂ ସିବିଏସଇର ୮୨୭ ଜଣ ଅଧିକାରୀ ନିୟୋଜିତ ହୋଇଥିଲେ।

### କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଖୁଣ୍ଟୁଣୀ,୩୦।୭(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମଥୁରାପୁର ଗ୍ରାମର ଏକ କୂଅରୁ ମଙ୍ଗଳବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ସୁମନ୍ତ ବେହେରା(୨୧)। ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩/୧୯) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗତ ସୋମବାର ରାତି ପ୍ରାୟ ୧୦ଟାରେ ସୁମନ୍ତ ଘରକୁ ଫେରୁଥିବା ବେଳେ ଡାଙ୍ଗରେ ଥିବା ଏକ କୂଅରେ ଗଳି ପଡିଥିଲେ। ପାଖରେ ବସିଥିବା ଲୋକେ ଶବ୍ଦ ଶୁଣି କୂଅ ନିକଟକୁ ଆସି ସୁମନ୍ତ କୂଅରେ ବୁଡିଯାଉଥିବା ଦେଖି ତାଙ୍କ ଘର ଲୋକଙ୍କୁ ଖବର ଦେବା ସହ ଆଠଗଡ଼ ଅଗ୍ନିଶମ କେନ୍ଦ୍ରକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ମଙ୍ଗଳବାର ସକାଳୁ ବୁଡାଳି ଦଳ ପହଞ୍ଚି ସୁମନ୍ତଙ୍କୁ ଉଦ୍ଧାର କରିଥିବା ପୋଲିସ କହିଛି।

### 'ଜଜ୍‌ମେଣ୍ଟାଲ୍ ହୈ କ୍ୟା'ରେ ଓଡ଼ିଆ ପୁଅଙ୍କ କମାଲ

**ଭୁବନେଶ୍ୱର,୩୦।୭(ବ୍ୟୁରୋ):** ବଲିଉଡରେ ପୁଣି ଜଣେ ଓଡ଼ିଆ ନିଜର କମାଲ ଦେଖାଉଛନ୍ତି। ଗତ ଶୁକ୍ରବାର ରିଲିଜ ହୋଇଥିବା ବହୁ ପ୍ରତୀକ୍ଷିତ ହିନ୍ଦୀଫିଲ୍ମ 'ଜଜ୍‌ମେଣ୍ଟାଲ୍ ହୈ କ୍ୟା'ରେ ଅଭିନୟ କରି ଲୋକଲୋଚନକୁ ଆସିଛନ୍ତି ଓଡ଼ିଶାର ଦେବଦୋଶ ଦର୍ଜୀ। କଙ୍ଗନା ରଣାଓ୍ୱତ ଓ ରାଜକୁମାର ରାଓ ଅଭିନୀତ ଏହି ଫିଲ୍ମରେ ଦେବଦୋଶ ଦୁଇଟି ଚରିତ୍ରରେ ନଜରକୁ ଆସିଛନ୍ତି। ତାହା ପୁଣି ହନୁମାନ ଚରିତ୍ରରେ। ହନୁମାନ ଚରିତ୍ରରେ ବେଶ୍ ଚମତ୍କାର ଓ ଜୀବନ୍ତ ଅଭିନୟ କରି ଦେବଦୋଶ ସମସ୍ତଙ୍କ ପ୍ରଶଂସା ସାଉଁଟିଛନ୍ତି। ସେହିଭଳି ୱାର୍ଡବୟ ଚରିତ୍ରରେ ମଧ୍ୟ ତାଙ୍କ ଅଭିନୟ ବେଶ୍ ଚମତ୍କାର ହୋଇଛି। ପିଲାବେଳୁ ଅଭିନୟ ପ୍ରତି ତାଙ୍କର ଦୁର୍ବଳତା ଥିବାବେଳେ ପ୍ରଥମଥର ବାଲାଜୀ ଟେଲିଫିଲ୍ମ ବ୍ୟାନରରେ ସେ ଡେବ୍ୟୁ କରିବାର ସୁଯୋଗ ପାଇଛନ୍ତି। ଏକ କଳାକାର ପରିବାରରେ ଜନ୍ମ ଦେବଦୋଶ ଏକାଧିକ ଥିଏଟର ସହ ନାଟକରେ ଅଭିନୟ କରିଛନ୍ତି।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ବିରୋଧରେ ସାଂଘାତିକ ଅଭିଯୋଗ

# ପାଚେରି ଗଢ଼ି ପ୍ରାକୃତିକ ସମ୍ପତ୍ତି ଜବରଦଖଲ

**କୁମାରଶ୍ରୀ**
**କଟକ ଅଫିସ, ୩୦।୭**

- ଖରସୁଆ ନାଳ ଉପରେ ହୋଇଛି ବେଆଇନ ନିର୍ମାଣ
- କାଠଯୋଡ଼ିରେ ବନ୍ୟା ଆସିଲେ ବୁଡ଼ିବ ସିଡିଏ
- ଚିନ୍ତାରେ ସିଡିଏ କର୍ତ୍ତୃପକ୍ଷ ଓ ଜଳସେଚନ ବିଭାଗ
- କୁଳପତି କହିଲେ ନିୟମ ଉଲ୍ଲଂଘନ କରିନାହୁଁ

ରେଭେନ୍ସା ବିଶ୍ୱବିଦ୍ୟାଳୟ ବିରୋଧରେ ଉଠିଛି ସାଂଘାତିକ ଅଭିଯୋଗ। ନରାଜଠାରେ ଏହି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସରେ ବେଆଇନ ଭାବେ ପାଚେରୀ ନିର୍ମାଣ କରାଯାଇଛି। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ଙ୍କ ନିୟମ ଓ ହାଇକୋର୍ଟଙ୍କ ଆଦେଶକୁ ଉଲ୍ଲଂଘନ କରାଯାଇ ଖରସୁଆ ନାଳ ଉପରେ ପାଚେରି ତିଆରି ହୋଇଥିବାରୁ ପ୍ରାକୃତିକ ସମ୍ପତ୍ତିକୁ ଜବରଦଖଲ କରାଯାଇଛି ବୋଲି ଅଭିଯୋଗ ହୋଇଛି। ସେହିପରି ଏହି ପାଚେରୀ ଯୋଗୁ ଖରସୁଆ ନାଳର ପଥ ଅବରୋଧ ହୋଇ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି। ଏଥିଯୋଗୁ ସିଡିଏ କର୍ତ୍ତୃପକ୍ଷ ଓ ଜଳସେଚନ ବିଭାଗର ଚିନ୍ତା ବଢ଼ିଛି। କାଠଯୋଡ଼ି ନଦୀରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ କରିବାରେ ସହାୟକ ହେଉଥିବା ଖରସୁଆ ଏବେ ପୋତି ହୋଇପଡ଼ିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ୍‌ର ପାଚେରି ଭଙ୍ଗା ନ ଗଲେ ଆଗାମୀ ଦିନରେ ଏହାର ପ୍ରଭାବ ଏହି ଶିକ୍ଷାନୁଷ୍ଠାନ ସମେତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲୟୁ) ଏବଂ ସାରା ସିଡିଏ ଅଞ୍ଚଳ ଉପରେ ପଡ଼ିବ। ବର୍ଷାଋତୁରେ କାଠଯୋଡ଼ିର ଜଳପତ୍ତନ ବୃଦ୍ଧି ପାଇ ବନ୍ୟା ହେଲେ ସିଡିଏ ଜଳମଗ୍ନ ହେବ।

ଖରସୁଆ ହେଉଛି ବହୁ ପୁରାତନ ନାଳ। ବର୍ଷର ଅନେକ ଦିନ ଶୁଷ୍କ ରହୁଥିବା ଏହି ନାଳ ମୁଖ୍ୟତଃ କାଠଯୋଡ଼ି ନଦୀରୁ ବନ୍ୟାଜଳ ନିଷ୍କାସନ କରିବାରେ ସହାୟକ ହୋଇଥାଏ। ଏହାର ଲମ୍ବ ପ୍ରାୟ ୨.୫କିମି। ପୂର୍ବରୁ ଅନେକ ଥର କାଠଯୋଡ଼ିରୁ ବନ୍ୟାଜଳ ନିଷ୍କାସନ କରିବାରେ ଖରସୁଆ ନାଳର ଭୂମିକା ରହିଛି। ତେବେ ଏହି ନାଳଟି ସିଡିଏର ସେକ୍ଟର-୧୪ ଓ ସେକ୍ଟର-୧୫ ଅଞ୍ଚଳ ଦେଇଯାଇଛି। ସେକ୍ଟର-୧୪ର ଅର୍ଦ୍ଧାଧିକ ଭାଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସ ଓ ସେକ୍ଟର-୧୫ର ଅର୍ଦ୍ଧାଧିକ ଭାଗରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ରହିଛି। ଏହାଛଡ଼ା ଗଢ଼ି ଉଠୁଥିବା ସେକ୍ଟର-୧୩ ଅଞ୍ଚଳର ସୀମାରେଖାରେ ରହିଛି ଖରସୁଆ। ଏଣୁ ଖରସୁଆର ପଥ ଅବରୋଧ ହେଲେ ଏହାର ପ୍ରଭାବ ସିଡିଏର ବିଭିନ୍ନ ଅଞ୍ଚଳ ଉପରେ ପଡ଼ିବ ବୋଲି ସିଡିଏ ପକ୍ଷରୁ କୁହାଯାଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସରେ ବର୍ତ୍ତମାନ ପ୍ରାୟ ୮କୋଟି ଟଙ୍କା ବ୍ୟୟରେ ପାଚେରି ଓ କିଛି ରାସ୍ତା ନିର୍ମାଣ ଶେଷ ହୋଇଛି। ପ୍ରାଥମିକ କାର୍ଯ୍ୟ ନିମନ୍ତେ ୧୦କୋଟି ଟଙ୍କାର ବଜେଟ ଧାର୍ଯ୍ୟ ହୋଇଥିବା ବେଳେ ବଳକା ଟଙ୍କାରେ ଦ୍ୱିତୀୟ କ୍ୟାମ୍ପସ ପରିସରସ୍ଥ ଉନ୍ନତିରେ ଖର୍ଚ୍ଚ ହେବ। ଏବେ ୨୪କୋଟି ଟଙ୍କା ଅନୁଦାନ ମିଳିଛି। ନିର୍ବାଚନ ଆଚରଣ ବିଧି ଲାଗୁ ଯୋଗୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଖୁବ୍‌ଶୀଘ୍ର ପୁନର୍ବାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେକ୍ଟର-୧୩ ନିର୍ମାଣ ସରିଲେ ଏହି ଅଞ୍ଚଳର ଆବର୍ଜନା ପାଣିକୁ ଉକ୍ତ ନାଳକୁ ଛଡ଼ାଯିବ। ଏ ନେଇ ସିଡିଏର ଯନ୍ତ୍ରୀ ରମେଶ କୁମାର ମହାନ୍ତି କହିଛନ୍ତି, ଖରସୁଆ ଉପରେ ପାଚେରି ନିର୍ମାଣ ସମସ୍ତଙ୍କ ପାଇଁ ଚିନ୍ତା ବଢ଼ାଇଛି। ବିଶ୍ୱବିଦ୍ୟାଳୟକୁ ଯେଉଁ ପରିମିତ ଜମି ଦିଆଯାଇଛି ସେମାନେ ତାହାକୁ ନେଇ କାର୍ଯ୍ୟ କରିଛନ୍ତି। ହେଲେ ପ୍ରାକୃତିକ ଅବବାହିକାକୁ ଅବରୋଧ କରିବା ସମ୍ପୂର୍ଣ୍ଣ ଭାବେ ବେଆଇନ। ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଖୁବ୍‌ଶୀଘ୍ର ଆଲୋଚନା କରାଯିବ ବୋଲି ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଯନ୍ତ୍ରୀ ସନ୍ତୋଷ କୁମାର ସ୍ୱାଇଁ କହିଛନ୍ତି, ଜଳସେଚନ ବିଭାଗ ପକ୍ଷରୁ ସମସ୍ୟା ଉପୁଜିଥିବା ସ୍ଥାନ ସର୍ଭେ କରାଯାଇଛି। ଆଗାମୀ ଦିନରେ ଖରସୁଆର ମହାନଦୀ ପାର୍ଶ୍ୱସ୍ଥ ମଧୁସେତୁ ନିକଟରେ ସ୍ଲୁଇସ ଗେଟ ତିଆରି କରାଯିବାର ଯୋଜନା ରହିଛି। ସିଡିଏ ସେକ୍ଟର-୧୩, ୧୪ ଓ ୧୫ ଅଞ୍ଚଳବାସୀଙ୍କ ପାଇଁ ଖରସୁଆର ଆବଶ୍ୟକତା ବହୁତ ରହିଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ପାଚେରି ଖରସୁଆର ଦୁଇଟି ସ୍ଥାନକୁ ଅବରୋଧ କରୁଛି। ଏଣୁ ଏହି ସମସ୍ୟା ସୁଧାରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ବିଶ୍ୱବିଦ୍ୟାଳୟ କୁଳସଚିବ ଅଶୋକ କୁମାର ଦାସଙ୍କୁ ପଚାରିବାରେ କହିଛନ୍ତି, ଘଟଣା ସମ୍ପର୍କରେ ଆମେ ଅବଗତ। ନିୟମ ଅନୁଯାୟୀ ନିର୍ମାଣ କାର୍ଯ୍ୟ କରାଯାଇଛି। ସିଡିଏ ଏବଂ ଜଳସେଚନ ବିଭାଗ ସହ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସେହିପରି କୁଳପତି ପ୍ରଫେସର ଈଶାନ କୁମାର ପାତ୍ର କହିଛନ୍ତି, ମାଷ୍ଟର ପ୍ଲାନ ଅନୁଯାୟୀ ସମସ୍ତ କାର୍ଯ୍ୟ ହେଉଛି। କୌଣସି ନିୟମକୁ ଉଲ୍ଲଂଘନ କରାଯାଇନାହିଁ। ସରକାରୀ ଜମିରେ ନିର୍ମାଣ କାର୍ଯ୍ୟ କରାଯାଉଛି। ସିଡିଏ ଓ ଜଳସେଚନ ବିଭାଗର ଅଭିଯୋଗକୁ ସମ୍ମୁଖୀନ କରାଯିବ। ସେମାନଙ୍କ ସହ ଆଲୋଚନା ହେବ। ସେମାନେ କେବଳ ଅଭିଯୋଗ କରୁଥିବାବେଳେ ଆମକୁ ଏଯାଏ ଆଲୋଚନାରେ ସାମିଲ କରିନାହାନ୍ତି। ସର୍ଭେ ସମୟରେ ମଧ୍ୟ ଆମକୁ ଡାକି ନ ଥିଲେ ବୋଲି କୁଳପତି ପ୍ରକାଶ କରିଛନ୍ତି।



## ଅଗଷ୍ଟ ୨ରେ ଭୁବନେଶ୍ୱରରେ 'ଇଣ୍ଡିଆନ ଆଇଡଲ' ଅଡିଶନ

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

ଲୋକପ୍ରିୟ ଟେଲିଭିଜନ ସିଙ୍ଗିଙ୍ଗ୍ ରିୟଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ୍' ଏଥର ସିଜନ୍ ୧୧ସହ ପୁଣିଥରେ ଫେରିବାକୁ ଯାଉଛି। ସୋନି ଏଣ୍ଟରଟେନ୍‌ମେଣ୍ଟ ଟେଲିଭିଜନ ଦ୍ୱାରା ପ୍ରସାରିତ ଏହି ରିୟଲିଟି ଶୋ' ପାଇଁ ଭୁବନେଶ୍ୱର ଅଡିଶନ ଅଗଷ୍ଟ ୨ରେ ଏମ୍ସ ନିକଟ ଡୁନ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପରିସରରେ ଅନୁଷ୍ଠିତ ହେବ। ସକାଳ ୮ରୁ ଅଡିଶନ ଆରମ୍ଭ ହୋଇ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୫ରୁ ୩୦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପ୍ରତିଯୋଗୀ ଭାଗ ନେଇପାରିବେ। ଏହି ଅଡିଶନ ଭୁବନେଶ୍ୱର ବ୍ୟତୀତ ଜୟପୁର, କଲିକତା, ଗୁଆହାଟୀ, ଡେରାଡୁନ୍, ଚଣ୍ଡିଗଡ଼, ଲକ୍ଷ୍ନୌ, ଇନ୍ଦୋର, ନାଗପୁର ସହ ଦିଲ୍ଲୀରେ ଅନୁଷ୍ଠିତ ହେବ। ବମ୍ବେରେ ଏହାର ଫାଇନାଲ୍ ଅଡିଶନ ହେବ ବୋଲି ସୋନି ଟେଲିଭିଜନର ପ୍ରୋଗ୍ରାମିଙ୍ଗ୍ ମୁଖ୍ୟ ଆଶିଷ ଗୁୱାଲକର୍ କହିଛନ୍ତି।

## ବାଲ୍ୟ ବିବାହକୁ ବିରୋଧ କରି ଆତ୍ମନିର୍ଭରଶୀଳ ହେଲେ ୨ ଝିଅ



**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

ବାଲ୍ୟବିବାହ ଏକ ଘୃଣ୍ୟ ସାମାଜିକ ପ୍ରଥା। ଏହି କୁପ୍ରଥା ବିରୋଧରେ ଆଇନ ପ୍ରଣୟନ ହୋଇଥିଲେ ବି ଗାଁ ଗହଳିରେ ଅନେକ ଝିଅ ବାଲ୍ୟ ବିବାହର ଶିକାର ହେଉଛନ୍ତି। ମୟୂରଭଞ୍ଜର ଦୁଇ ଝିଅ ବାଲ୍ୟ ବିବାହକୁ ବିରୋଧ କରି ଏବେ ଅନ୍ୟମାନଙ୍କ ଲାଗି ଉଦାହରଣ ସାଜିଛନ୍ତି। ଖୁଣ୍ଟା ବ୍ଲକର ସ୍ମୃତିରେଖା ସିଂହ ଓ ସମଖୁଣ୍ଟା ବ୍ଲକର ମାମିନା ନାଏକ ଦୁଇଜଣ ନାବାଳିକାଙ୍କ ପରିବାର ସେମାନଙ୍କ ଇଚ୍ଛା ବିରୋଧରେ ବିବାହ କରାଉଥିଲେ। ଜିଲା ପ୍ରଶାସନ ଖବରପାଇ ସେମାନଙ୍କୁ ଉଦ୍ଧାର କରି ଶିଶୁ ପ୍ରଯତ୍ନ ଗୃହରେ ରଖିଥିଲା। ଶିଶୁ କଲ୍ୟାଣ ସମିତିର ପରାମର୍ଶକ୍ରମେ ସେମାନଙ୍କୁ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ତାଲିମ ଦିଆଯାଇଥିଲା। ଏବେ ସେମାନେ ସାବାଳିକା ହୋଇସାରିଥିବାରୁ ବାଙ୍ଗାଲୋରର ଅରବିନ୍ଦ ପ୍ରାଇଭେଟ ଲିମିଟେଡରେ ୮୮୦୦ ଟଙ୍କା ଦରମା ଓ ଅନ୍ୟାନ୍ୟ ସୁବିଧା ସହ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଦୁଇ ଝିଅଙ୍କ ସଫଳତାରେ ଖୁସି ହୋଇ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

## ରତାଗଡ଼ରେ ହେବ କର୍କଟ ଚିକିତ୍ସାଳୟ

# ସ୍ଥାନ ବୁଲି ଦେଖିଲେ ଜିଲାପାଳ



**ବାରଙ୍ଗ,୩୦।୭(ଡି.ଏନ୍.ଏ.)**

ବାରଙ୍ଗ ଅନ୍ତର୍ଗତ ରତାଗଡଠାରେ ଓଡ଼ିଶା କର୍କଟ ଚିକିତ୍ସାଳୟ ଓ ଗବେଷଣ କେନ୍ଦ୍ର ହେବାକୁଯାଉଛି। ଏଥିପାଇଁ କରାଯାଇଥିବା ଜାଗା ଚିହ୍ନଟ ସ୍ଥାନକୁ ମଙ୍ଗଳବାର କଟକ ଜିଲାପାଳ ଅନୁଧ୍ୟାନ କରି ଫେରିଛନ୍ତି। ଟାଟା ମେମୋରିଆଲ ଦ୍ୱାରା ହେବାକୁ ଥିବା ଏହି ସର୍ବୋତ୍କୃଷ୍ଟ ଓ ସର୍ବବୃହତ ହସ୍ପିଟାଲ ପାଇଁ ୧୯ଏକର ଜାଗା ଚିହ୍ନଟ ହୋଇଛି। ଏହି ଜାଗାକୁ ମୁଖ୍ୟରାସ୍ତା ପାଇଁ ସଂଯୋଗୀକରଣ ରାସ୍ତାର କିଭଳି ବ୍ୟବସ୍ଥା ହୋଇଛି ତାହାକୁ ଅଧିକାରୀମାନେ ବୁଲି ଦେଖିଥିଲେ। ରତାଗଡଠାରୁ ପୁରୀ ମେନ କେନାଲ ମଧୁବନ ଦେଇ ବାରଙ୍ଗ ମୁଖ୍ୟରାସ୍ତାକୁ ଏହି ଚିକିତ୍ସାଳୟ ପାଇଁ ବାଟ ସ୍ଥିର କରାଯାଇଥିବାର ଜାଣିବାକୁ ପାଇଥିଲେ। ଏହି ହସ୍ପିଟାଲ ଖୁବ କମ ଦିନ ମଧ୍ୟରେ କାମ ଆରମ୍ଭ ହେବାକୁ ଥିବାବେଳେ କଟକ ଜିଲାପାଳ ଭବାନୀ ଶଙ୍କର ସ୍ୱାଇଁ, ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର, ନିର୍ବାହୀଯନ୍ତ୍ରୀ ବିଘ୍ନରାଜ ପୁରୋହିତ ପ୍ରମୁଖ ଅଧିକାରୀମାନେ ଅନୁଧ୍ୟାନ କରି ଫେରିଥିବାର ଜଣାପଡ଼ିଛି।

# ଉନ୍ନୟନ ବିଭାଗ ଅଧୀନରୁ ହଟିପାରେ ବିଏମ୍‌ସି ହସ୍ପିଟାଲ

**ଭୁବନେଶ୍ୱର,୩୦।୭(ବ୍ୟୁରୋ)**

- ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି
- ସ୍ୱାସ୍ଥ୍ୟ ବିଭାଗ ନେଇପାରେ ପରିଚାଳନା ଦାୟିତ୍ୱ



ଉନ୍ନୟନ ବିଭାଗ ଅଧୀନରୁ କଢାଯାଇପାରେ ରାଜଧାନୀର ଅନ୍ୟତମ ପୁରାତନ ତଥା ପ୍ରମୁଖ ହସ୍ପିଟାଲ ଭୁବନେଶ୍ୱର ମହାନଗର ନିଗମ ବା ବିଏମ୍‌ସି ହସ୍‌ପିଟାଲର ପରିଚାଳନା ଦାୟିତ୍ୱ। ଏନେଇ ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବିଏମ୍‌ସି ହସ୍ପିଟାଲ ସମସ୍ୟା ସଂକ୍ରାନ୍ତରେ ବିଜ୍ଞାନ ଓ କାରିଗରି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରିଚାଳନାରେ ଅବହେଳା ତଥା ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ହସ୍ପିଟାଲ ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗ ନେବା ଉପରେ ଗୁରୁତ୍ୱ ପ୍ରକାଶ ପାଇଛି।

ବୈଠକରେ ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ ରାଉତ ଉପସ୍ଥିତ ରହି ହସ୍ପିଟାଲର ସମସ୍ୟା ବାବଦରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏହି ହସ୍ପିଟାଲର ବହିର୍ବିଭାଗକୁ ଦୈନିକ ୧ ହଜାରରୁ ଉର୍ଦ୍ଧ୍ୱ ରୋଗୀ ଆସୁଥିବାବେଳେ ଡାକ୍ତର ଅଭାବ ଯୋଗୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସିଷ୍ଟାଣ୍ଟ ସର୍ଜନ, ଶଲ୍ୟ ଚିକିତ୍ସା ବିଶେଷଜ୍ଞ, ନିଶ୍ଚେତକ ବିଶେଷଜ୍ଞ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ନ ଥିବାରୁ ଗୁରୁତର ସମସ୍ୟା ଉପୁଜୁଛି। ସେହିଭଳି ଅସ୍ତ୍ରୋପଚାର କକ୍ଷ ନିମନ୍ତେ ଆବଶ୍ୟକ ଆସବାବପତ୍ର ଏଠାରେ ନାହିଁ। ଆମ୍ବୁଲାନ୍ସ ବ୍ୟବସ୍ଥା ମଧ୍ୟ ଆହୁରି ଖରାପ। ଏଭଳିସ୍ଥଳେ ସାଧାରଣ ରୋଗୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ହସ୍ପିଟାଲ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଥିଲା।

ଏହାପରେ ବିଏମ୍‌ସି ହସ୍‌ପିଟାଲର ପରିଚାଳନା ଦାୟିତ୍ୱ ନଗର ଉନ୍ନୟନ ବିଭାଗରୁ କାଢ଼ି ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଗଲେ ଏହି ଚିକିତ୍ସାଳୟର ପ୍ରତ୍ୟକ୍ଷ ପରିଚାଳନା ସହଜ ହେବାସହ କ୍ୟାପିଟାଲ୍ ହସ୍ପିଟାଲ୍ ଉପରେ ପଡୁଥିବା ଭାର ଲାଘବ ହୋଇପାରିବ ବୋଲି ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି। ଭୁବନେଶ୍ୱର ମହାନଗର ଅଞ୍ଚଳରେ ରହିଥିବା ୨୨ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ତିନୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଂପର୍କରେ ମଧ୍ୟ ମନ୍ତ୍ରୀ ଏହି ଅବସରରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ସମସ୍ୟାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହିତ ଆନୁଷଙ୍ଗିକ ସମସ୍ୟାକୁ ଦୂର କରିବାକୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଓ ବିଏମ୍‌ସି ହସ୍‌ପିଟାଲ୍‌ର ମୁଖ୍ୟ ଚିକିତ୍ସାଧିକାରୀ ଡ. ଗଣେଶ ପ୍ରସାଦ ଦାସ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ।



ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ଚାଲିଥିବା ତୃତୀୟ ବର୍ଣ୍ଣାଳି ଉତ୍ସବର ମଙ୍ଗଳବାର ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ଗୁରୁ ଆଲୋକା କାନୁନ୍‌ଗୋ।

## ଫଟୋରେ ଖବର




ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରୁଛନ୍ତି ମାତୃପ୍ରସାଦ ଦାସ ଓ ସାଥୀ।




ସ୍ଥାୟୀ ନିଯୁକ୍ତି ସହ ୬ ଦଫା ଦାବିରେ ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦୀନ, ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି ।

- ଦୀନ ଦୟାଲ



## ସଂକ୍ଷେପରେ

### ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ

**ନିମାପଡ଼ା,୩୦।୭(ଡି.ଏନ୍.ଏ.):** ନିଆଳି ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଜଣେ ଯୁବକ ଗତ ୨୭ ତାରିଖରେ ବଳାତ୍କାର କରିଥିବା ନେଇ ମଙ୍ଗଳବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯୧/୧୯)ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗତ ୨୭ ତାରିଖରେ ଛାତ୍ରୀ ଜଣଙ୍କ ଘରକୁ ଆସିବା ପାଇଁ ସ୍ଥାନୀୟ ବଜାରରେ ଛିଡା ହୋଇଥିଲେ। ଜଣେ ଯୁବକ ଘରେ ଛାଡିଦେବି କହି ଛାତ୍ରୀଙ୍କୁ ବାଇକ୍‌ରେ ବସାଇ ଗ୍ରାମକୁ ନେବା ବେଳେ ବାଟରେ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ମା' ନିଆଳି ଥାନା ଓ ପରେ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ନିଆଳି ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଧରି ନିମାପଡ଼ା ପୋଲିସକୁ ହସ୍ତାନ୍ତର କରିଛି।

### ବ୍ରାଉନସୁଗାର ଜବତ, ଜେଲ ଗଲେ ଅଭିଯୁକ୍ତ



**ନିମାପଡ଼ା,୩୦।୭(ଡି.ଏନ୍.ଏ.):** ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ନିମାପଡ଼ା ଅବକାରୀ ବିଭାଗ ମଙ୍ଗଳବାର କୋଣାର୍କ ଥାନା ଅନ୍ତର୍ଗତ ଜନ୍ତନା ଗ୍ରାମର ଶୁକଦେବ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ୭ଗ୍ରାମ ବ୍ରାଉନସୁଗାର ଓ ଗୋଟିଏ ବାଇକ୍ (ଓଡି ୧୩ଜେ ୮୭୭୯) ଜବତ ହୋଇଛି। ଜବତ ନିଶା ସାମଗ୍ରୀର ମୂଲ୍ୟ ପ୍ରାୟ ୭୦ ହଜାର ଟଙ୍କା ହେବ ବୋଲି ନିମାପଡ଼ା ଅବକାରୀ ସବ୍‌ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକ କହିଛନ୍ତି। ଏ ନେଇ ଏକ ମାମଲା (ନଂ.୨୧/୧୯) ରୁଜୁ ହୋଇଛି। ଶୁକଦେବ ବାଇକ୍‌ରେ ମଙ୍ଗଳବାର ନିମାପଡ଼ାରୁ ବ୍ରାଉନସୁଗାର ନେଇ କୋଣାର୍କ ଯାଉଥିଲେ। ବିଶେଷ ସୂତ୍ରରୁ ଖବରପାଇ ନିମାପଡ଼ା ଅବକାରୀ ଏସ୍.ଆଇ. ପଟ୍ଟନାୟକ ତାଙ୍କୁ ପିଛା କରି ସର୍ବପଡ଼ା ଛକରେ ଗିରଫ କରିଥିଲେ।

### ପ୍ରଶାସନକୁ ଲୋକାଭିମୁଖୀ କର: କେନ୍ଦ୍ରାଞ୍ଚଳ ଆରଡ଼ିସି

**ଭୁବନେଶ୍ୱର,୩୦।୭(ବ୍ୟୁରୋ):** ବୈଷୟିକ ସହାୟତାରୁ ଲାଭ ଉଠାଇ ସ୍ୱଚ୍ଛତାର ସହ ସମୟ ଭିତ୍ତିକ କାର୍ଯ୍ୟ କଲେ ପରିବର୍ତ୍ତନ ନିଶ୍ଚୟ ସମ୍ଭବ। ବୁଧବାର ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହଠାରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଏକ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ଉପରୋକ୍ତ ପରାମର୍ଶ ଦେଇଥିଲେ। ରାଜସ୍ୱ ମାମଲାଗୁଡିକର ତୁରନ୍ତ ଫଇସଲା, ଦାଖଲ ଖାରଜ ମାମଲାଗୁଡିକୁ ଓଆର୍‌ଟିପିଏସ ଅଧିନିୟମର ସମୟ ସୀମା ମଧ୍ୟରେ ଫଇସଲା କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ରାଜସ୍ୱ ଧାର୍ଯ୍ୟ ସମୟ ଭିତରେ ଆଦାୟ କରିବାକୁ ବୈଠକରେ ଗୁରୁତ୍ୱ ଦେଇଥିଲେ। ତା'ସହ ସାଧାରଣ ଲୋକ ପ୍ରଚଳିତ ନିୟମ ଅନୁଯାୟୀ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ନିର୍ଦ୍ଦିଷ୍ଟ ସମୟ ଭିତରେ କିଭଳି ପାଇବେ ତାକୁ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ସାମଲ ପରାମର୍ଶ ଦେଇଥିଲେ। ବୈଠକରେ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ, ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ଅରୁଣ କୁମାର ବେହେରା ଏବଂ ଜିଲାର ସମସ୍ତ ତହସିଲଦାର ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କ ଟଙ୍କା ଲୁଟି ସ୍ୱାମୀ ଗିରଫ

**କଟକ ରୋଡ,୩୦।୭(ଡି.ଏନ୍.ଏ.):** ସ୍ତ୍ରୀଙ୍କ ଟଙ୍କା ଲୁଟିବା ଅଭିଯୋଗରେ ବଡ଼ଗଡ଼ ପୋଲିସ ମଙ୍ଗଳବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବିହାର ରାଜ୍ୟ ବେସୁରିଆ ଅଞ୍ଚଳର ଅଜିତ୍ ଠାକୁର। ସେ ଏକ ସାଲୁନରେ କର୍ମଚାରୀ ଥିବା ବେଳେ ବଡ଼ଗଡ଼ ଦୋଳମଣ୍ଡପ ସାହିରେ ରୁହନ୍ତି। ପୋଲିସ ସୂଚନା ଅନୁଯାୟୀ, ଅଜିତ୍‌ଙ୍କ ସ୍ତ୍ରୀ ରାଜଧାନୀରେ ଏକ ଜମି କିଣିବା ପାଇଁ ଦେଢ଼ ଲକ୍ଷ ଟଙ୍କା ରଖିଥିଲେ। ୨୦୧୮ ଅକ୍ଟୋବର ୧୯ରେ ଅଜିତ୍ ଓ ତାଙ୍କର କେତେଜଣ ସହଯୋଗୀ ଜବରଦସ୍ତ ସ୍ତ୍ରୀଙ୍କ ଆଲମିରାରୁ ଟଙ୍କା ଲୁଟି ନେଇଥିଲେ। ଦୀର୍ଘଦିନ ପରେ ଏ ନେଇ କୌଣସି ସମାଧାନ ନ ହେବାରୁ ଗତ ୨୮ରେ ଅଜିତ୍‌ଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ମାମଲା (ନଂ. ୧୭୭/୧୯)ରୁଜୁ ହୋଇଥିଲା।

# ଶ୍ରୀମନ୍ଦିର ସୂଚନା କେନ୍ଦ୍ର ହେବ ଯାତ୍ରୀ ସହାୟତା କେନ୍ଦ୍ର

**ପୁରୀ ଅଫିସ, ୩୦।୭**

- ଯାତ୍ରୀପଣ୍ଡା ଚିନ୍ତିତ, ସେବାୟତଙ୍କ ବିରୋଧ
- ପରିଚାଳନା କରିବ ଘରୋଇ ଅନୁଷ୍ଠାନ
- ମିଳିବ ୨୪ ଘଣ୍ଟିଆ ସେବା

ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରୀମନ୍ଦିରକୁ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ତେବେ ଶ୍ରୀମନ୍ଦିର ସମେତ ପୁରୀ ସହରର ଆଖପାଖ ଏବଂ ଜିଲାର ଅନ୍ୟ କେତେକ ଦର୍ଶନୀୟସ୍ଥଳ ସମ୍ପର୍କରେ ଜାଣିବାକୁ ଚାହିଁଥାନ୍ତି। ସେମାନେ ଘରୋଇ ଟୁର୍ ଅପରେଟର କିମ୍ବା ଅନ୍ୟ ଲୋକଙ୍କ ସହଯୋଗ ନେଉଥିବାବେଳେ ଏଥିପାଇଁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ମଧ୍ୟ ହୋଇଥାନ୍ତି। ତେଣୁ ପୁରୀକୁ ଆସୁଥିବା ଦର୍ଶନାର୍ଥୀମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରି ଭଲ ଅନୁଭୂତି ସାଉଣ୍ଟି ଫେରିବେ ତା' ଉପରେ ଗୁରୁତ୍ୱ ଦେଇଛି ଜିଲା ପ୍ରଶାସନ। ଏଥିପାଇଁ ଭିଜିଟର୍ସ ଫେସିଲିଟେଶନ ସେଣ୍ଟର ବା ଯାତ୍ରୀ ସହାୟତା କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନେଇଛି। ଏହି କେନ୍ଦ୍ରର ସହାୟକମାନେ ଶ୍ରୀମନ୍ଦିର ସମେତ ଅନ୍ୟ ସ୍ଥାନର ମହତ୍ତ୍ୱ ଏବଂ ସେଠାକୁ ବୁଲିଯିବା ସମ୍ପର୍କରେ ଯାତ୍ରୀମାନଙ୍କୁ ସୂଚନା ଦେଇପାରିବେ। ଘରୋଇ ଅନୁଷ୍ଠାନକୁ ଏହାର ପରିଚାଳନା ଦାୟିତ୍ୱ ଦେବାକୁ ଆଲୋଚନା ହୋଇଥିବା ବେଳେ ୨୪ ଘଣ୍ଟିଆ ସେବା ମିଳିବ। ପ୍ରଶାସନ ପକ୍ଷରୁ ନିଯୁକ୍ତ ଜଣେ ଅଧିକାରୀ ଏହାର ତଦାରଖ କରିବେ। ତେବେ ଦୀର୍ଘବର୍ଷ ହେଲା ଶ୍ରୀମନ୍ଦିରକୁ ଆସୁଥିବା ଯାତ୍ରୀଙ୍କୁ ସେବା ଦେଉଥିବା ଯାତ୍ରୀ ପଣ୍ଡା ଏବଂ ଧୂଳିଆ ଚିନ୍ତିତ ହୋଇପଡିଛନ୍ତି। ସେମାନେ ଯାତ୍ରୀଙ୍କୁ ଶ୍ରୀମନ୍ଦିର ଓ ଅନ୍ୟ ଦର୍ଶନୀୟ ସ୍ଥାନ ବୁଲାଇ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ପ୍ରଶାସନର ଏହି ନିଷ୍ପତ୍ତିକୁ ନେଇ ସେମାନଙ୍କ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସେବାୟତ ଏହାକୁ ବିରୋଧ କରିଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ହୋଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଚାରିଧାମ ମଧ୍ୟରୁ ପୁରୀ ଅନ୍ୟତମ। ଏହା ହିନ୍ଦୁ ଭକ୍ତମାନଙ୍କର ଏହି ପବିତ୍ର ସ୍ଥଳ। ପ୍ରତ୍ୟହ ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରକୁ ୩୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଆସିଥାନ୍ତି। ଶ୍ରୀମନ୍ଦିର ବ୍ୟତୀତ ଏହାର ଆଖପାଖରେ ପୁରୀ ବେଳାଭୂମି, କୋଣାର୍କ ମନ୍ଦିର, ଚିଲିକା ହ୍ରଦ ଏବଂ ଐତିହ୍ୟ ଗାଁ ରଘୁରାଜପୁର ପ୍ରଭୃତି ପ୍ରମୁଖ ଦର୍ଶନୀୟ ସ୍ଥାନ ରହିଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ଯାତ୍ରୀମାନେ ଏହିସବୁ ସ୍ଥାନକୁ ବୁଲି ଯାଇଥାନ୍ତି। ଯାତ୍ରୀମାନେ ଘରୋଇ ଟୁର୍ ଅପରେଟର କିମ୍ବା ସ୍ଥାନୀୟ ଲୋକଙ୍କଠାରୁ ଶ୍ରୀମନ୍ଦିର ଏବଂ ଅନ୍ୟ ଦର୍ଶନୀୟ ସ୍ଥାନକୁ ଯିବା ଲାଗି ସବିଶେଷ ବୁଝିଥାନ୍ତି। ତେଣୁ ଏହି ଯାତ୍ରୀମାନଙ୍କୁ ସବୁ ପ୍ରକାର ସହଯୋଗ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଯାତ୍ରୀ ସହାୟତା କେନ୍ଦ୍ରର ପରିକଳ୍ପନା କରାଯାଇଛି। କେନ୍ଦ୍ରରେ ଯେ କେହି ପହଞ୍ଚି ସହାୟତା ପାଇପାରିବେ। ସ୍ଥାନଗୁଡ଼ିକ ସମ୍ପର୍କର ସୂଚନା, ଏହାର ମହତ୍ତ୍ୱ, ନିକଟସ୍ଥ ଦର୍ଶନୀୟ ସ୍ଥାନ କ'ଣ, ବୁଲିବା, ରହଣି ନିମନ୍ତେ ସୁବିଧା, ମନ୍ଦିରର ଦର୍ଶନ ବ୍ୟବସ୍ଥା ଆଦି ସହଜରେ ଜାଣିହେବ। ଏଥିଲାଗି ଶ୍ରୀମନ୍ଦିର ସୂଚନା କେନ୍ଦ୍ରକୁ ଯାତ୍ରୀ ସହାୟତା କେନ୍ଦ୍ର କରିବା ଲାଗି ଯୋଜନା ହୋଇଛି। ଏହାକୁ କାର୍ଯ୍ୟକାରୀ କରିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଆଶାୟୀ ଏଜେନ୍ସିଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏହି ନିଷ୍ପତ୍ତିକୁ ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର ବିରୋଧ କରିଛନ୍ତି। ସେ କହିଛନ୍ତି, ଏ ନେଇ ପରିଚାଳନା କମିଟିରେ କୌଣସି ପ୍ରକାର ଆଲୋଚନା କରାଯାଇ ନାହିଁ। ଶ୍ରୀମନ୍ଦିର କୌଣସି ଦର୍ଶନୀୟ ସ୍ଥାନ ନୁହେଁ। ଏହାର ସ୍ୱତନ୍ତ୍ର ପରମ୍ପରା, ଐତିହ୍ୟ ଓ ସେବାପୂଜା ରହିଛି। ଦର୍ଶନ ବ୍ୟବସ୍ଥା ମଧ୍ୟରେ କୌଳିକ ପଣ୍ଡାମାନେ କାହିଁ କେବେଠାରୁ ଯାତ୍ରୀ ପରିଚର୍ଯ୍ୟା କରିଆସୁଛନ୍ତି ଏବଂ ଆଗକୁ ମଧ୍ୟ କରିବେ। ଜିଲା ପ୍ରଶାସନ ଯଦି ଏଥିରେ ହସ୍ତକ୍ଷେପ କରେ ତା'ହେଲେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ବର୍ତ୍ତମାନ ଯେଉଁ ସୂଚନା କେନ୍ଦ୍ର ରହିଛି ତାକୁ ଆହୁରି ସୁଦୃଢ଼ କରିବାକୁ ପଡିବ। ଏହି କେନ୍ଦ୍ରରେ ଆହୁରି ୩/୪ ଜଣଙ୍କୁ ନିଯୁକ୍ତି ପାଇଁ ବିଜ୍ଞାପନ କରାଯାଇଛି ବୋଲି କହିଥିଲେ।

## କେଲୁଣୀ ମୁହାଣ ବନ୍ଦ ଯୋଗୁ ପ୍ରାଚୀ, କାଦୁଆରେ କୃତ୍ରିମ ବନ୍ୟା

# ପାଣି ଘେରରେ ୫ ଗାଁ, ରାସ୍ତାରେ ୪ଫୁଟର ପାଣି



ତଣ୍ଡାହାର-ଛେନୁ ଗାଁ ରାସ୍ତା ଉପରେ ପାଣି ଚାଲିଛି।

**କାକଟପୁର, ୩୦।୭(ଡି.ଏନ୍.ଏ.)**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତଣ୍ଡାହାର ଗ୍ରାମ ନିକଟରେ ରହିଛି କେଲୁଣୀ ମୁହାଣ। ଏଠାରେ ପ୍ରାଚୀ ଓ କାଦୁଆ ନଦୀ ସମୁଦ୍ରରେ ମିଶିଛନ୍ତି। ପ୍ରାଚୀ ଓ କାଦୁଆ ନଦୀରେ ବର୍ଷା ଯୋଗୁ ଜଳ ବୃଦ୍ଧି ଏବଂ କେଲୁଣୀ ମୁହାଁଣ ବନ୍ଦ ହୋଇଯାଇଥିବାରୁ ନଦୀ ଉପକୂଳବର୍ତ୍ତୀ ଗ୍ରାମ ଗୁଡ଼ିକରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସମୁଦ୍ର ଅଶାନ୍ତ ହୋଇପଡ଼ିଥିବାବେଳେ କେଲୁଣୀ ମୁହାଁଣ ବାଲିରେ ପୋତିହୋଇ ପଡ଼ିଛି। ମୁହାଁଣ ଦେଇ ନଦୀ ଦ୍ୱୟର ଜଳ ଠିକ୍ ଭାବେ ସମୁଦ୍ରକୁ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ତଟବର୍ତ୍ତୀ ଗ୍ରାମର ଚାଷଜମି ଉଦ୍‌ବୃତ୍ତ ବର୍ଷାଜଳରେ ବୁଡ଼ି ରହିଛି। ମୁହାଁଣ ନିକଟବର୍ତ୍ତୀ ତଣ୍ଡାହାର, ଛେନୁ, ଉଦୟକଣି, କଟକଣା, ବାଘଡ଼ିଆ ଗାଁ ଚର୍ତ୍ତୁପାର୍ଶ୍ୱରେ ବର୍ଷାଜଳ ଘେରିଯାଇଥିବାରୁ ଏହି ୫ଟି ଗାଁ ଏବେ ପାଣି ଘେରରେ ରହିଛି। ତଣ୍ଡାହାର ଓ ଛେନୁ ଗାଁ ମଧ୍ୟରେ ଥିବା ରାସ୍ତା ଉପରେ ବର୍ଷାଜଳ ଜମିଛି। ଫଳରେ ଗ୍ରାମବାସୀ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ନଦୀ ତଟବର୍ତ୍ତୀ କାକଟପୁର ବ୍ଲକର ଶିଶୁଅ, କୋରଣା, ପାଟଳଦା, ଛୁରୀଅନା ପଞ୍ଚାୟତର ଶହଶହ ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ପ୍ରତିବର୍ଷ ବର୍ଷା ଋତୁରେ କେଲୁଣୀ ମୁହାଁଣ ବାଲିରେ ପୋତିହୋଇ ପଡୁଥିବାରୁ ଏପରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତୁରନ୍ତ କେଲୁଣୀ ମୁହାଁଣ ଖନନ କରାଯାଇ ବର୍ଷାଜଳ ଯେପରି ସମୁଦ୍ରକୁ ଠିକ୍ ଭାବେ ନିଷ୍କାସନ ହୋଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧିନକୁମାର ନାୟକ କହିଛନ୍ତି।

## ଗ୍ରାମାଞ୍ଚଳ କ୍ରିକେଟ୍‌ରଙ୍କୁ ଉତ୍ସାହିତ କରୁଛନ୍ତି 'ବନମାଳୀ'

# ବ୍ୟାଟ୍ ତିଆରି ଦେଇଛି ସ୍ୱତନ୍ତ୍ର ପରିଚୟ

**ସାକ୍ଷୀଗୋପାଳ, ୩୦।୭(ଡି.ଏନ୍.ଏ.)**



ପିଲାଦିନରୁ ତାଙ୍କର କ୍ରିକେଟ୍ ଖେଳ ପ୍ରତି ଆଗ୍ରହ ରହିଥିଲା। ନଡ଼ିଆବାହୁଙ୍ଗା କିମ୍ବା ପତଳା ପଟା ଖଣ୍ଡେ ମିଳିଗଲେ ସେଥିରେ ବ୍ୟାଟିଂ ଆରମ୍ଭ କରିଦେଉଥିଲେ। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଆବଶ୍ୟକ ବ୍ୟାଟ୍, ବଲ୍ ଆଦି ସରଞ୍ଜାମ କିଣିବା ତାଙ୍କ ପାଇଁ ସମ୍ଭବ ହେଉ ନ ଥିଲା। କ୍ରିକେଟ୍ ଖେଳିବା ନିଶା ଯୋଗୁ ସେ ପାଖ ଜଙ୍ଗଲରୁ କାଠ ସଂଗ୍ରହ କରି କତୁରି ସାହାଯ୍ୟରେ ବ୍ୟାଟ୍ ତିଆରି କରି ଖେଳୁଥିଲେ। ବଡ଼ ହେବା ପରେ ନିଜର ପିଲାଦିନର ଅଭାବ କଥାକୁ ମନେ ପକାଇ ବର୍ତ୍ତମାନର ଅଭାବୀ ପିଲାମାନଙ୍କ ପାଇଁ ବ୍ୟାଟ୍ ତିଆରି କରୁଛନ୍ତି ପୁରୀ ଜିଲା ସତ୍ୟବାଦୀ ବ୍ଲକ ପୋଡ଼ଙ୍ଗସାହି ଗ୍ରାମର ବନମାଳୀ ବିଶ୍ୱାଳ।

ବକୁଳବନ ବଜାରରେ ଛୋଟିଆ ପାନ ଦୋକାନ କରିଛନ୍ତି। ଜଣେ ହ୍ୟାଣ୍ଡମେଡ୍ ବ୍ୟାଟ୍ ପ୍ରସ୍ତୁତକାରୀ ଭାବରେ ସେ ଅଞ୍ଚଳରେ ତାଙ୍କର ବେଶ୍ ଖ୍ୟାତି ରହିଛି। ବନମାଳୀ କାଠରେ ନୂଆ ବ୍ୟାଟ୍ ତିଆରି କରିବା ସହିତ ବ୍ୟାଟ୍ ମରାମତି କରିବା କାମରେ ଲାଗିଛନ୍ତି। ଗ୍ରାମାଞ୍ଚଳର ସବୁ କ୍ରିକେଟ ଖେଳାଳି ବଜାରରୁ ବ୍ୟାଟ୍ କିଣି ଖେଳିବା ସମ୍ଭବ ହେଉ ନ ଥିବାବେଳେ ସେମାନଙ୍କୁ କମ୍ ମୂଲ୍ୟରେ ବ୍ୟାଟ୍ ଯୋଗାଉଛନ୍ତି ବନମାଳୀ। ବଜାରରେ ବିକ୍ରି କରାଯାଉଥିବା ବ୍ୟାଟ୍ ଭଳି ସେ ମଧ୍ୟ ବ୍ୟାଟ୍ ତିଆରି କରି ସ୍ଥାନୀୟ କ୍ରିକେଟର୍‌ଙ୍କ ସହ ସାକ୍ଷୀଗୋପାଳ, ପୁରୀ, ଜଟଣୀ, ଭୁବନେଶ୍ୱରରେ ଥିବା ଖେଳ ଉପକରଣ ଦୋକାନଗୁଡ଼ିକୁ ଯୋଗାଇଦେଉଛନ୍ତି। ବ୍ୟାଟ୍ ତିଆରି ପାଇଁ ଆବଶ୍ୟକ ଯନ୍ତ୍ରାଂଶ ଓ ସରଞ୍ଜାମ ମଧ୍ୟରେ କାଠ, କରତ, ବଟାଳି, ଖଲି ବଟାଳି, ମୁନା, ସାଇଣ୍ଡର ମେଶିନ, ଅଠା, ସୂତା, ଷ୍ଟିକର ଓ ହ୍ୟାଣ୍ଡେଲ ସଂଗ୍ରହ କରନ୍ତି। ଗୋଟିଏ ବ୍ୟାଟ୍ ପ୍ରସ୍ତୁତ କରିବାକୁ ଦୁଇଦିନ ଲାଗୁଥିବା ବେଳେ ତାକୁ ୩୦୦ରୁ ୪୦୦ ଟଙ୍କାରେ ବିକ୍ରୟ କରୁଛନ୍ତି। ବିଶେଷ ଲାଭ ହେଉ ନ ଥିଲେ ମଧ୍ୟ ଆଗକୁ ସରକାରୀ ସହାୟତା ମିଳିଲେ ଆଧୁନିକ ଯନ୍ତ୍ରାଂଶ ଓ ସରଞ୍ଜାମ କିଣି ସେ ଲାଭବାନ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ପିଲାବେଳର ଅଭାବୀ ଜୀବନକୁ ସେ ବେଶ୍ ଅନୁଭବ କରି ପାନ ଦୋକାନ ସହିତ ଚାଷ କାମରେ ନିୟୋଜିତ ହେବା ସଙ୍ଗେସଙ୍ଗେ ଜଣେ ସଫଳ ବ୍ୟାଟ୍ ପ୍ରସ୍ତୁତକାରୀ ଭାବରେ ନିଜର ପରିଚୟ ସୃଷ୍ଟି କରିବା ତାଙ୍କର ଲକ୍ଷ୍ୟ ବୋଲି କୁହନ୍ତି।

## ଜବରଦଖଲ ଉଚ୍ଛେଦ ପାଇଁ ପ୍ରଚାର

**ସାକ୍ଷୀଗୋପାଳ, ୩୦।୭ (ଡି.ଏନ୍.ଏ.)**

ପୁରୀ ଜିଲା ସାକ୍ଷୀଗୋପାଳ ବଜାରରେ ଜବରଦଖଲ କରିଥିବା ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବଙ୍କର ମୂଲ୍ୟବାନ ଜମି ଉଚ୍ଛେଦ କରିବାକୁ ମଙ୍ଗଳବାର ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଛି। ଓଡ଼ିଶା ହାଇକୋର୍ଟ ଡବ୍ଲୁପିସି କେସ ନମ୍ବର ୪୭୯୭/ ୧୯ ଏବଂ ରାଜ୍ୟ ଦେବୋତ୍ତର କମିଶନରଙ୍କ କୋର୍ଟ ଓଇଏ କେସ ନମ୍ବର ୪ / ୨୦୦୬ ଆଦେଶକ୍ରମେ ଆଗାମୀ ୨ତାରିଖ ସକାଳେ ପ୍ରଶାସନ ଦଖଲ ଉଚ୍ଛେଦ କରିବ। ସତ୍ୟବାଦୀ ତହସିଲ ଅଧୀନ ସତ୍ୟବାଦୀ ପେଣ୍ଠପଡା ଓ ଗୋପାଳପୁର ପାଟଣା ମୌଜାର ପ୍ଲଟ ନମ୍ବର ୭୪୦, ୭୩୦/ ୭୯୬, ୭୩୬, ୭୩୭, ୭୭୨, ୭୩୧/୮୧୫, ୪୦୩/ ୭୯୫ ଓ ୪୯୩ ଉପରୋକ୍ତ ଠାକୁରଙ୍କ ଜମିରେ ଜବରଦଖଲ କରି ରହିଥିବା ବ୍ୟକ୍ତିମାନେ ସେମାନଙ୍କର ଆସବାବପତ୍ର ନିର୍ଦ୍ଧାରିତ ଦିବସ ପୂର୍ବରୁ ସୁରକ୍ଷିତ ସ୍ଥାନକୁ ଉଠାଇ ନେବାକୁ ସୂଚନା ଦିଆଯାଇଛି। ମଙ୍ଗଳବାର ସକାଳେ ସତ୍ୟବାଦୀ ଅତିରିକ୍ତ ତହସିଲଦାର ଉଲ୍ଲାସ କୁମାର ସେଠୀ, ରାଜସ୍ୱ ନିରୀକ୍ଷକ ଶ୍ୟାମସୁନ୍ଦର ପୂର୍ତ୍ତୀ ଓ ଅମିନ ମୃତ୍ୟୁଞ୍ଜୟ ସିଂ ପ୍ରମୁଖ ମାପଚୁପ କରି ଜବରଦଖଲ ଉଚ୍ଛେଦ ଜମି ଚିହ୍ନଟ କରିଥିଲେ। ଅପରାହ୍ନରେ ସାକ୍ଷୀଗୋପାଳ ବଜାରରେ ଅତିରିକ୍ତ ତହସିଲଦାର ଶ୍ରୀ ସେଠୀ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର ପୋଲିସ ଅଧିକାରୀଙ୍କ ସହ ବଜାରରେ ପ୍ରଚାର କରିଥିବା ଦେଖାଯାଇଥିଲା।

## ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରୋଇ ହସ୍ପିଟାଲକୁ ରୋଗୀ ସ୍ଥାନାନ୍ତର ପ୍ରସଙ୍ଗ

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ, ପୀଡ଼ିତାଙ୍କୁ ୩ଲକ୍ଷ କ୍ଷତିପୂରଣ ଦାବି

**ପୁରୀ ଅଫିସ, ୩୦।୭**

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଘରୋଇ ମେଡିକାଲକୁ ରୋଗୀ ସ୍ଥାନାନ୍ତର କରାଯାଉଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଘଟଣାର ତଦନ୍ତ ଲାଗି ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏମ୍‌ଓ ଏହି ଘଟଣାର ତଦନ୍ତ ଲାଗି ଏଡିଏମ୍‌ଓ(ମେଡିକାଲ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଏଡିଏମ୍‌ଓ ମେଡିକାଲ ଶିଶିର ରଥ କହିଛନ୍ତି। ଅନ୍ୟପଟେ ଏହି ଘଟଣାର ତଦନ୍ତ ଲାଗି ମାନାବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବାଧିକାର କମିଶନ(ଏନଏଚଆରସି)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହ ପୀଡିତାଙ୍କୁ ୩ଲକ୍ଷ କ୍ଷତିପୂରଣ ପ୍ରଦାନ ଲାଗି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ଏହି ଟଙ୍କା ସଂପୃକ୍ତ ଡାକ୍ତର ଏବଂ ସିଡିଏମଓଙ୍କ ଠାରୁ ଆଦାୟ ଲାଗି ସେ ଦାବି କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏକ ସ୍ୱତନ୍ତ୍ର ଟିମ୍ ଜରିଆରେ ଏହି ଘଟଣାର ତଦନ୍ତ ଲାଗି ମୁଖ୍ୟଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ସହ ସଂପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ଏନଏଚଆରସିରେ ଦାବି କରିଛନ୍ତି।

ଜୁଲାଇ ୧୮ରେ ସ୍ଥାନୀୟ ମାଟିଆପଡା ଛକ ନିବାସୀ ଗୁରୁପ୍ରସାଦ ମହାନ୍ତି ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ସୁମିତ୍ରାଙ୍କ ଆପେଣ୍ଡିସାଇଟ୍ସ ଅପରେଶନ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ତାଙ୍କ ଅବସ୍ଥା ଗୁରୁତର ରହିଥିବାରୁ ସୁମିତ୍ରାଙ୍କୁ ସର୍ଜରି ୱାର୍ଡରେ ଭର୍ତ୍ତି କରିଥିଲେ। ଚିକିତ୍ସା ସଂକ୍ରାନ୍ତରେ ଗୁରୁପ୍ରସାଦ ଡ୍ୟୁଟିରେ ଥିବା ଜନୈକ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ସଂପୃକ୍ତ ଡାକ୍ତର ସୁମିତ୍ରାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ତୁରନ୍ତ ଅପରେଶନ କରିବାକୁ ପଡିବ ବୋଲି କହିଥିଲେ। ଏଠାରେ କୌଣସି ବ୍ୟବସ୍ଥା ନାହିଁ, ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଘରୋଇ ଚିକିତ୍ସାଳୟକୁ ନେଇଯିବାକୁ କହିଥିଲେ। ଏକ ଚିରିକୁଟିରେ ରୋଗୀଙ୍କ ନାମ ଲେଖି ସଂପୃକ୍ତ ଘରୋଇ ଚିକିତ୍ସାଳୟ ଡାକ୍ତରଙ୍କ ସହ ସାକ୍ଷାତ କଲେ କମ୍ ଖର୍ଚ୍ଚ ହେବ ବୋଲି କହିଥିଲେ।

## ପଞ୍ଜାବ ସମବାୟ ମନ୍ତ୍ରୀଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



ସୂର୍ଯ୍ୟମନ୍ଦିର ପରିଦର୍ଶନ ଅବସରରେ ମନ୍ତ୍ରୀ ସୁଖଜିନ୍ଦର ସିଂ ରାନ୍ଧୱା ଏବଂ ଅନ୍ୟମାନେ।

**କୋଣାର୍କ,୩୦।୭(ଡି.ଏନ୍.ଏ.)**

ପଞ୍ଜାବର ସମବାୟ ମନ୍ତ୍ରୀ ସୁଖଜିନ୍ଦର ସିଂ ରାନ୍ଧୱା ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ସୂର୍ଯ୍ୟମନ୍ଦିରର ମୁଖ୍ୟ ଫାଟକ ନିକଟରେ ରାନ୍ଧୱା ପହଞ୍ଚିବାପରେ ତାଙ୍କୁ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମନ୍ତ୍ରୀ ରାନ୍ଧୱା ମନ୍ଦିରର କାରୁକାର୍ଯ୍ୟ ଦେଖି ବିମୋହିତ ହେବା ସହ ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସ ମହାନ୍ତିଙ୍କଠାରୁ ମନ୍ଦିର ବିଷୟରେ ତଥ୍ୟ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ସହ ପଞ୍ଜାବ ସମବାୟ ମୁଖ୍ୟ, ଓଡ଼ିଶା ସମବାୟ ସଂସ୍ଥାର ଅଧିକାରୀମାନେ ମଧ୍ୟ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ପାଇଁ କୋଣାର୍କ ପୋଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ମହିଳାଙ୍କ ଅର୍ଥନୈତିକ ଉନ୍ନତି ପାଇଁ କର୍ମଶାଳା

**ପୁରୀ ଅଫିସ, ୩୦।୭**

ବିଭିନ୍ନ ବିଭାଗ ଜରିଆରେ ପୁରୀ ଜିଲାରେ କାର୍ଯ୍ୟକାରୀ କରାଯାଉଥିବା ସରକାରୀ ଯୋଜନାଗୁଡ଼ିକରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ସାମିଲ କରାଯିବ। ଏହି ଯୋଜନାଗୁଡ଼ିକ କିପରି ସଫଳ କରାଯିବ ସେ ନେଇ ମଙ୍ଗଳବାର ସର୍କିଟ ହାଉସ୍ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ୧୦ଟି ବିଭାଗର ଜିଲା ଅଧିକାରୀ ଯୋଗଦେଇଥିଲେ। ପୁରୀ ଜିଲାରେ ସମୁଦାୟ ୩୧,୦୫୮ ଏସ୍‌ଏଚ୍‌ଜିର ମହିଳାମାନଙ୍କ ଅର୍ଥନୈତିକ ଉନ୍ନତି ପାଇଁ କେଉଁ କେଉଁ ଯୋଜନାରେ ସାମିଲ କରାଯାଇପାରିବ ସେଥିନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାରେ ୧୬,୧୩୫ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି ୧୭,୭୯୮ ଗୋଷ୍ଠୀଙ୍କୁ ମୋବାଇଲ ପାଇଁ ସହାୟତା ପ୍ରଦାନ କରାଯାଇଥିବା ଆଲୋଚନା ହୋଇଥିଲା। ଏଥିରେ ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ରଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସ୍ଥାଣୁ ପାଲଟିଛି ପୁରୀ ଜିଲା କ୍ରୀଡ଼ା ସଂସଦ

**ପୁରୀ ଅଫିସ, ୩୦।୭**

- ପ୍ରୋତ୍ସାହନରୁ ବଞ୍ଚିତ ହେଉଛନ୍ତି ପ୍ରତିଭାବାନ ଖେଳାଳି
- ୧୪ବର୍ଷ ଧରି ହୋଇନି ନିର୍ବାଚନ
- ୧୨ବର୍ଷ ହେଲା ବସିନି ସାଧାରଣ ବୈଠକ



ଜିଲାପାଳଙ୍କୁ ବକ୍ସିଂ ସମ୍ପାଦକ ସବ୍ୟସାଚୀ ରଥ ଦାବିପତ୍ର ଦେଉଛନ୍ତି।

କ୍ରୀଡା କ୍ଷେତ୍ରରେ ଶ୍ରୀକ୍ଷେତ୍ରରେ ସ୍ଥାନ ସ୍ୱତନ୍ତ୍ର। ଅତୀତରେ ବହୁ ଖେଳାଳି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବହୁ ସୁନାମ ଅର୍ଜନ କରିଛନ୍ତି। ପୁରୀ ଜିଲାରେ କ୍ରୀଡାର ବିକାଶ ଲାଗି ୧୯୬୪ରେ ଜିଲା କ୍ରୀଡା ସଂସଦ ଗଠିତ ହୋଇଥିଲା। ୧୯୬୫ରେ ରାଜ୍ୟ ସରକାରଙ୍କ କାଉନସିଲ ଅଫ ସ୍ପୋର୍ଟସ ନିକଟରେ ପଞ୍ଜୀକରଣ ହୋଇଥିଲା। ଏହା ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ସହ ଜଡିତ ରହିଛି। ଏତଦ୍ ବ୍ୟତୀତ ଏହା ଓଡ଼ିଶା ଅଲମ୍ପିକ୍ସ ଆସୋସିଏଶନ ସହ ଜଡିତ ରହିଛି। ପୁରୀ ଜିଲା କ୍ରୀଡା ସଂସଦ ଗତ ୧୪ବର୍ଷ ଧରି ସ୍ଥାଣୁ ପାଲଟିଥିବା ନେଇ ଅଭିଯୋଗ ଆସିଛି। ପୁରୀ ଜିଲାପାଳଙ୍କ ନିକଟରେ ମଙ୍ଗଳବାର ଜିଲା କ୍ରୀଡା ସଂସଦର କେତେଜଣ ଆଜୀବନ ସଦସ୍ୟ, କେତକ କ୍ରୀଡା ଅନୁଷ୍ଠାନ, କ୍ରୀଡା ସଙ୍ଗଠକ, କ୍ରୀଡାବିତ୍ ଏହି ଅଭିଯୋଗ କରିଛନ୍ତି।

ଏହି ଅଭିଯୋଗରେ ଦର୍ଶାଯାଇଛି ଯେ, ଗତ ୨୦୦୫ରୁ ଅନୁଷ୍ଠାନର ନିର୍ବାଚନ ଓ ସଦସ୍ୟତା ଗ୍ରହଣ କରାଯାଇନାହିଁ। ଏଥିସହିତ ୨୦୦୭ରୁ ସଂସଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇନାହିଁ। ଆୟବ୍ୟୟର ଅଡିଟ କରାଯାଉନାହିଁ। ନିୟମ ଅନୁସାରେ ପ୍ରତି ଦୁଇବର୍ଷକୁ ଥରେ ସଂସଦର ନିର୍ବାଚନ ହେବା କଥା। ନିର୍ବାଚନ କରାଯାଇ ସାଧାରଣ ସମ୍ପାଦକ, ୪ଜଣ ଉପସଭାପତି, ସହ ସମ୍ପାଦକ, କୋଷାଧ୍ୟକ୍ଷ, ୮ଜଣ ବିଭାଗୀୟ ସମ୍ପାଦକ ଏବଂ ୧୦ ଜଣ କାର୍ଯ୍ୟକାରୀ ସଭ୍ୟ ନିର୍ବାଚିତ ହେବାର ନିୟମ ରହିଛି। ନିୟମ ଅନୁଯାୟୀ ୨ବର୍ଷ ପରେ ଯଦି ୯୦ ଦିନ ପର୍ଯ୍ୟନ୍ତ ନିର୍ବାଚନ ନ ହୁଏ ତେବେ କାର୍ଯ୍ୟକାରୀ କାଉନସିଲ ରଦ୍ଦ ହୋଇଯାଏ। କିନ୍ତୁ ଏଠାରେ ଏହି ନିୟମ କାର୍ଯ୍ୟକାରୀ କରାଯାଉନାହିଁ। ଜିଲାପାଳ ଏହାକୁ ନିଜ ଅକ୍ତିଆରକୁ ନେଇଯିବା କଥା। ବର୍ତ୍ତମାନ ସୁଦ୍ଧା କୌଣସି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଏହି ଅଭିଯୋଗ ପ୍ରଦାନବେଳେ ସଂସଦର ପ୍ରଥମ ଆଜୀବନ ସଦସ୍ୟ କୈଳାସ ନାଥ ରଥ, ସଂସଦର ସହ ସମ୍ପାଦକ ବୀରେନ୍ଦ୍ର କୁମାର ଖୁଣ୍ଟିଆ, ହକି ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ, ସଭ୍ୟ ବିମଳ ପ୍ରସାଦ ମହାନ୍ତି ଓ ଦ୍ୱାରିକାନାଥ ମିଶ୍ର, କବାଡି ସମ୍ପାଦକ ଭଗବାନ ଦାଶ, କ୍ରୀଡା ସଙ୍ଗଠକ ଜିତେନ୍ଦ୍ର କୁମାର ମହାନ୍ତି, ରାଜକିଶୋର ମହାନ୍ତି, ଶିବ ଶଙ୍କର ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ପୁରୀ ଜିଲା ବକ୍ସିଂ ସମ୍ପାଦକ ତଥା ଯୁବ କ୍ରୀଡା ସଙ୍ଗଠକ ସବ୍ୟସାଚୀ ରଥ କୁହନ୍ତି, କିଛି ମୁଷ୍ଟିମେୟ ବ୍ୟକ୍ତି ଏହାର କ୍ଷମତା ଉପଭୋଗ କରୁଛନ୍ତି। ଏହାଦ୍ୱାରା କ୍ରୀଡ଼ାବିତ ଓ କ୍ରୀଡ଼ା ସଂଗଠକମାନେ ଯେଉଁ ସୁବିଧା ସୁଯୋଗ ପାଇବା କଥା ସେଥିରୁ ବଞ୍ଚିତ ହେଉଛନ୍ତି। ଏନେଇ କ୍ରୀଡା ସଂସଦ ଉପସଭାପତି ତଥା ବରିଷ୍ଠ ସେବାୟତ କ୍ରୀଡାବିତ୍ ରାମଚନ୍ଦ୍ର ଦାସମହାପାତ୍ର କୁହନ୍ତି, ଦୀର୍ଘଦିନ ଧରି ପୁରୀ ଜିଲା କ୍ରୀଡ଼ା ସଂସଦର ନିର୍ବାଚନ, ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇନାହିଁ। କ୍ରୀଡା ସଂସଦ ଏବେ ସ୍ଥାଣୁ ପାଲଟିଛି। ପ୍ରୋତ୍ସାହନ ଅଭାବରୁ ବହୁ ପ୍ରତିଭାବାନ ଖେଳାଳି ଉପେକ୍ଷିତ ହେଉଛନ୍ତି। ଜିଲା କ୍ରୀଡାଧିକାରୀ ଚନ୍ଦନ ସାହୁ କୁହନ୍ତି, ଗତ କିଛିଦିନ ହେବ ଏଠାରେ ଯୋଗଦାନ କରିଛି। ପୁରୀ ଜିଲାରେ କ୍ରୀଡ଼ାର ଭିତ୍ତିଭୂମିର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି। ନିକଟରେ କ୍ରୀଡ଼ାର ବିକାଶ ନେଇ ଆୟୋଜିତ ଏକ କର୍ମଶାଳାରେ ସ୍ଥାନୀୟ ବୁଦ୍ଧିଜୀବୀ, କ୍ରୀଡାପ୍ରେମୀ କ୍ରୀଡ଼ା ସଂସଦର ବହୁ ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀଙ୍କୁ ପଚାରିବାରେ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ସମ୍ପର୍କିତ ମାମଲା କୋର୍ଟରେ ବିଚାରାଧୀନ ରହିଛି। ସେଥିପାଇଁ ନିର୍ବାଚନ ହୋଇପାରୁନାହିଁ। ମାମଲାରେ ଫଇସଲା ହୋଇଯିବା ପରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଥିଲେ। ଜିଲାପାଳ ବଲୱନ୍ତ ସିଂ ଦୀର୍ଘଦିନ ଧରି ସଂସଦର ନିର୍ବାଚନ ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ନ ଥିବା ଜାଣିବା ପରେ ଏନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଘଟଣାର ତଦନ୍ତ ଲାଗି ଜିଲା କ୍ରୀଡାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଘଟଣା: ଅଭିଯୁକ୍ତ ଗିରଫ

ପୁରୁଣା ଭୁବନେଶ୍ୱର/ ଜଟଣୀ, ୩୦। ୭ (ଡି.ଏନ.ଏ.):ଏୟାରଫିଲ୍ଡ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୧୨।୮।୧୭ ରାତିରେ ବଳାତ୍କାର କରାଯାଇଥିଲା। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ଦଫା ୪୯୩, ୩୭୬ ଓ ପୋକସ ଆକ୍ଟ ଅନୁଯାୟୀ ନଂ. ୨୪୭/୧୭ରେ ମାମଲା ରୁଜୁ କରିଥିଲା। ସେବେଠାରୁ ଫେରାର ଥିବା ଅଭିଯୁକ୍ତ ଆଲୋକ ସୁବୁଦ୍ଧି ଓରଫ ଲିପୁନା(୨୬) ସୋମବାର ବିଳମ୍ବିତ ରାତିରେ ପୋଲିସ ଜଟଣୀ ଥାନା ଅଧୀନ ବେଲପଡା ଗାଁରୁ ଗିରଫ କରିଥିଲା। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି। ସୂଚନାଯୋଗ୍ୟ ଆଲୋକ ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ ପାଇଁ ମନା କରି ଦେଇଥିଲେ।

### ବାଇକ୍-ଟ୍ରକ ମୁହାଁମୁହିଁ ଧକ୍କା, ୨ ଗୁରୁତର

ବାରଙ୍ଗ/ନରାଜ,୩୦।୭(ଡି.ଏନ୍.ଏ.) ବାରଙ୍ଗ ଥାନା ଅନ୍ତର୍ଗତ ବାଙ୍କୀ କଟକ ମୁଖ୍ୟରାସ୍ତାର ନେତଲସ୍ଥିତ ରେଲୱେ ବ୍ରିଜ ନିକଟରେ ଗୋଟିଏ ବାଇକ୍ ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇ ଦୁଇଜଣ ଗୁରୁତର ହୋଇଛନ୍ତି। ଆହତଦ୍ୱୟ ହେଲେ କଟକ କ୍ଲବ ପାଖର ମୁରଲି ନାୟକ ଓ କଟକ ଗଡଚଣ୍ଡିସାହିର ବିପିନ ନାୟକ। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ଣ ୩ଟାରେ ଗୋଡିସାହି ପଟୁ ଏକ ୟାମ୍ହା ବାଇକ ନଂ ଓଆର-୦୫ ଇ-୪୨୪୧ରେ ଦୁଇଜଣ ଯୁବକ କଟକ ଅଭିମୁଖେ ଯାଉଥିବା ସମୟରେ କଟକରୁ ଆସୁଥିବା ଏକ ଟ୍ରକ ନଂ ଓଆର-୦୪-୬୮୯୭ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଯୁବକଦ୍ୱୟ ବାଇକ୍‌ରୁ ଛିଟିକିପଡି ତାଙ୍କ ମୁଣ୍ଡ ଓ ଗୋଡରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ଗୋଡିସାହି ଫାଣ୍ଡିର କନଷ୍ଟେବଲ ବୈକୁଣ୍ଠନାଥ ସାହୁ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଥିଲେ। ବାଇକ ଓ ଟ୍ରକକୁ ଜବତ କରିବାସହ ଟ୍ରକ ଚାଳକଙ୍କୁ ଫାଣ୍ଡିରେ ଅଟକ ରଖିଛନ୍ତି।

### ଜେଲଫେରନ୍ତା ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୩୦।୭(ବ୍ୟୁରୋ): ଜଣେ ଜେଲଫେରନ୍ତା ଯୁବକଙ୍କୁ ୪ଜଣ ରାସ୍ତା ମଝିରେ ଭୁଜାଲିରେ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଏଭଳି ଘଟଣା ଏୟାରପୋର୍ଟ ଥାନା ଅନ୍ତର୍ଗତ ମଧୁସୂଦନ ପାର୍କ ନିକଟରେ ଘଟିଛି। ଆହତ ଯୁବକ ହେଲେ ନରେନ୍ଦ୍ର କୁମାର ବରାଳ(୩୫)। ତାଙ୍କର ବେକ, ହାତ, ପିଠି ଓ କାନ୍ଧରେ ଗଭୀର କ୍ଷତ ରହିଛି। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ନରେନ୍ଦ୍ର ନୟାପଲ୍ଲୀ ଥାନା ସାଲିଆସାହିରେ ପରିବାର ସହ ରୁହନ୍ତି। କିଛି ଦିନ ତଳେ ସ୍ତ୍ରୀଙ୍କୁ ମାଡ଼ ମାରିବାରୁ ନୟାପଲ୍ଲୀ ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମଙ୍ଗଳବାର ସେ ଜେଲରୁ ଜାମିନରେ ଫେରି ତାଙ୍କ ଘରକୁ ଯାଇଥିଲେ। ସେଠାକୁ ଯିବା ପରେ ଦେଖିବାକୁ ପାଇଲେ ଯେ, ତାଙ୍କ ଘର ତାଲା ପକାଯିବା ସହ ଆଗରେ ଏକ ସଂଘ ଚାଲୁଥିବା ନେଇ ପୋଷ୍ଟର ମରାଯାଇଥିଲା। ନରେନ୍ଦ୍ର ଏକ ଫଟୋ ଉଠାଇ କୌଣସି କାମରେ ଖଣ୍ଡଗିରି ଯାଇଥିଲେ। ସେଠାରୁ ସେ ଭୀମଟାଙ୍ଗିରେ ରହୁଥିବା ଭାଇ ଘରକୁ ଯାଉଥିବାବେଳେ ମଧୁସୂଦନ ପାର୍କ ନିକଟରେ ୩ଜଣ ଯୁବକ ବାଇକରେ ଆସି ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିବା ନରେନ୍ଦ୍ର ଅଭିଯୋଗ କରିଛନ୍ତି। ତାଙ୍କୁ ପିସିଆର ଭ୍ୟାନ କର୍ମଚାରୀ ଉଦ୍ଧାର କରି ଆଣି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ଏୟାରପୋର୍ଟ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି ଯେ, ଉକ୍ତ ଯୁବକ ଜଣକ ମିଛ କହୁଛି। ସେ ସ୍କୁଟିରେ ଯାଉଥିବା ବେଳେ ଗଛରେ ଦୁର୍ଘଟଣା ଘଟାଇ ଖଣ୍ଡିଆ ଖାବେରା ହୋଇଛନ୍ତି। ଆକ୍ରମଣ କରାଯିବା କଥା ସମ୍ପୂର୍ଣ୍ଣ ମିଛ।

■ ଛାତ୍ର ସଂସଦ ନିର୍ବାଚନକୁ ନେଇ ଆରମ୍ଭ ହେଲାଣି ଛକାପଞ୍ଝା

# ଛାତ୍ରଙ୍କୁ ନିର୍ଯାତନା, କଲେଜ ଯିବାକୁ ବାରଣ

**ଆଇନ ହାତକୁ ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ: ଥାନା ଅଧିକାରୀ**

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ବର୍ତ୍ତମାନ ସୁଦ୍ଧା ଛାତ୍ର ସଂସଦ ନିର୍ବାଚନ ନେଇ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ବେଳେ ଏ ନେଇ ବିଭିନ୍ନ କଲେଜରେ ଚକାପଞ୍ଝା ଆରମ୍ଭ ହୋଇଯାଇଥିବା ଦେଖିବାକୁ ମିଳୁଛି। ନିର୍ବାଚନକୁ କେନ୍ଦ୍ରକରି ୩ ମାସ ହେବ ଜଣେ ଛାତ୍ରଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦିଆଯାଉଛି। ଏ ନେଇ ବଡଗଡ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏପରିକି କଲେଜ ଯିବାକୁ ଛାତ୍ରଙ୍କୁ ବାରଣ କରାଯିବା ସହ ଯିବା ପରେ କିଛିଦିନ ତଳେ ଆକ୍ରମଣ କରାଯାଇଥିଲା। ସେ ସୁରକ୍ଷିତ ଭାବେ କଲେଜ ଯିବାକୁ ଚାହୁଁଥିବା ବେଳେ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି। ଏ ନେଇ ସମ୍ପୃକ୍ତ ଛାତ୍ରଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

ସୂଚନା ମୁତାବକ, ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ (ବିଜେବି କଲେଜ) ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା ବିଭାଗ ଛାତ୍ର ଆଦିତ୍ୟ କୁମାର। ଆଦିତ୍ୟଙ୍କ ଅଭିଯୋଗ ମୁତାବକ, ଗତବର୍ଷ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ ରହି ସେ କଲେଜ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ମାତ୍ର ଚଳିତବର୍ଷ ରାଜନୈତିକ ନେତାଙ୍କ ମଧ୍ୟରେ ମନୋମାଳିନ୍ୟ ହେବା ପରେ ଉକ୍ତ ଛାତ୍ର ଗୋଷ୍ଠୀ ଦୁଇଭାଗ ହୋଇଯାଇଛି। ଫଳରେ ନିର୍ବାଚନ ପୂର୍ବରୁ ଉକ୍ତ ଦୁଇ ଗୋଷ୍ଠୀ ଛାତ୍ରମାନଙ୍କ ଭିତରେ ଛକାପଞ୍ଝା ଏବେ ଆରମ୍ଭ ହୋଇଛି। ୩ ମାସ ହେବ ଆଦିତ୍ୟ ଅପରପକ୍ଷର ଛାତ୍ରଗୋଷ୍ଠୀଙ୍କୁ ସମର୍ଥନ କରିବା, ତାଙ୍କ ସହ ଥିବା ଛାତ୍ରଗୋଷ୍ଠୀଙ୍କ ସହ ବୁଲାବୁଲି ନ କରିବାକୁ ଫୋନରେ ଧମକ ଦିଆଯାଉଛି। ଏପରିକି କଲେଜ ଖୋଲିବା ପରେ ନ ଆସିବାକୁ ଧମକ ଦିଆଯାଇଥିଲା। ବୁଧବାର ସେମାନଙ୍କ କଥା ନ ମାନି କଲେଜ ସାରି ଏକୁଟିଆ ଫେରିବା ବେଳେ କଲେଜ ପଡିଆ ନିକଟରେ ତାଙ୍କୁ କେତେଜଣ ଯୁବକ ଆକ୍ରମଣ କରିଥିଲେ। ସେ ଭୟଭୀତ ହେବା ସହ ସୋମବାର ବଡଗଡ ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଥାନାରେ ଅଭିଯୋଗ କରିବା ନେଇ ଆଦିତ୍ୟଙ୍କୁ ଅପରଗୋଷ୍ଠୀର କେତେଜଣ ଛାତ୍ର ଧମକ ଦେଇଥିବା ସେ ଗଣମାଧ୍ୟମକୁ କହିଥିଲେ। ଏ ନେଇ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କୁ ପଚାରିବାରେ ଉଭୟପକ୍ଷର ଛାତ୍ରମାନଙ୍କୁ ଥାନାକୁ ଡକାଇ ତାଗିଦ୍ କରାଯିବା ସହ ଘଟଣାର ସମାଧାନ କରାଯାଇଛି। ମାତ୍ର ପରବର୍ତ୍ତୀ ସମୟରେ ଯେଉଁମାନେ ଆଇନକୁ ହାତକୁ ନେବା ପାଇଁ ଚେଷ୍ଟା କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକରୀ କହିଛନ୍ତି।

## ଯୋଗ ଦ୍ୱାରା ସୁସ୍ଥ ସମାଜ ଗଠନ କରି ହେବ



ଯୋଗ ଶିବିରରେ ଲୋକମାନେ ଯୋଗ କରୁଛନ୍ତି।

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ଭାରତୀୟ ଯୋଗ ସଂସ୍ଥାନ ନନ୍ଦନକାନନ ଜିଲା ପକ୍ଷରୁ ମଙ୍ଗଳବାର ସ୍ମୃତି ଦିବସ ପାଳନ କରାଯାଇଛି। ସଂସ୍ଥାପକ ସ୍ୱର୍ଗତ ପ୍ରକାଶ ଲାଲଙ୍କ ତିରୋଧାନ ଦିବସକୁ ନନ୍ଦନକାନନ ଜିଲା ସ୍ମୃତି ଦିବସ ରୂପେ ପାଳନ କରୁଛି। ପଟିଆ ସାଇ ମନ୍ଦିର ପ୍ରାଙ୍ଗଣରେ ଶତାଧିକ ବ୍ୟକ୍ତି ଯୋଗ ଓ ପ୍ରାଣାୟମ କରି ପ୍ରକାଶ ଲାଲଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜିଲା ପ୍ରଭାରୀ ଅକ୍ଷୟ କୁମାର ସ୍ୱାଇଁ, ଜିଲା ପ୍ରଧାନ ରମେଶ ଚନ୍ଦ୍ର ବେହେରା, ଜିଲା ମନ୍ତ୍ରୀ ଡ. ଶ୍ରୀକାନ୍ତ କୁମାର ଦାସ ଓ ଇଂ. ବସନ୍ତ କୁମାର ବେହେରା କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିମାନେ ପ୍ରକାଶ ଲାଲ କିଭଳି ଯୋଗକୁ ସେବାର ମାଧ୍ୟମ କରିଥିଲେ ଓ ଯୋଗ ଦ୍ୱାରା ସୁସ୍ଥ ସମାଜ ଗଠନ କରିହେବ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଡ. ଜୟଲକ୍ଷ୍ମୀ ସାମଲ ମଞ୍ଚ ପରିଚାଳନା କରିଥିଲେ। ହୃଷୀକେଶ, ପ୍ରସନ୍ନ, ସ୍ମୃତିରଞ୍ଜନ, ନାରାୟଣ, ମିହିର, ଜଗନ୍ନାଥ ଓ ଲକ୍ଷ୍ମୀଧର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ ନନ୍ଦନ କ୍ଷେତ୍ରର ମନ୍ତ୍ରୀ କାଶୀନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।



ୟୁନିଟ-୮ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ମଙ୍ଗଳବାର ଆୟୋଜିତ ସଚେତନତା ରାଲିରେ ପ୍ରେରଣା ଗ୍ରୀନ ଆର୍ମିର ମୁଖ୍ୟଙ୍କ ସହ ଛାତ୍ରୀଛାତ୍ର।

### ପ୍ରେରଣା ଗ୍ରୀନ ଆର୍ମି ପାଳିଲେ ବିଶ୍ୱ ପ୍ରକୃତି ସଂରକ୍ଷଣ ଓ ବ୍ୟାଘ୍ର ଦିବସ

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ସ୍ଥାନୀୟ ୟୁନିଟ-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଓ ଆର୍ନ୍ତଜାତିକ ବ୍ୟାଘ୍ର ଦିବସ ପାଳିତ ହୋଇଛି। ଅନୁଷ୍ଠାନର ମୁଖ୍ୟ କମାଣ୍ଡର ଡ. ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିବେଶ ବିଜ୍ଞାନୀ ପ୍ର. ଫହିମ ଅହମ୍ମଦ ଯୋଗଦେଇ କହିଥିଲେ ଯେ, ପ୍ରକୃତି ସହ ମନୁଷ୍ୟର ସମ୍ପର୍କ ଅତି ନିବିଡ। ପ୍ରକୃତି ବଞ୍ଚିଲେ ମନୁଷ୍ୟ ବଞ୍ଚିବ ବୋଲି କହି ପ୍ରକୃତି ରକ୍ଷା କରିବାକୁ କହିଥିଲେ। ପଶୁ-ପକ୍ଷୀ ଗବେଷକ ପ୍ର. ଶିବାନନ୍ଦ ଘୋଷ ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପରିବେଶବିତ ରମଣଲାଲା, ପରିବେଶ ବିଜ୍ଞାନୀ ଜିତେନ୍ଦ୍ର ପାତ୍ର, ଡ. ପ୍ରକାଶ ଶ୍ରୀଚନ୍ଦନ, ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ତପନ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

■ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତିରେ କୁଡୁଆ ସଙ୍କଟ

## କୁମ୍ଭକାର ସେବାୟତଙ୍କୁ ତଲବ ପାଇଁ ସୁପାରିସ

ପୁରୁଣା ଭୁବନେଶ୍ୱର, ୩୦। ୭ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମହପ୍ରଭୁଙ୍କ ଦୈନନ୍ଦିନ ନୀତିରେ ମାଟି ସରଞ୍ଜାମର ଆବଶ୍ୟକତା ରହିଛି। ଠାକୁରଙ୍କ ସକାଳ ଧୂପ, ବଡ଼ସିଂହାର ଧୂପ, ଅନ୍ନ ଧୂପ, ଶୁଖୁଲି ଧୂପ ହେଉ ମାଟିର କୁଡୁଆ, ପଲମ, ସରା, ହାଣ୍ଡି, ମାଠିଆ ଆଦିରେ ଭୋଗ ବଢାଯାଇଥାଏ। ବର୍ଷ ବର୍ଷ ଧରି ମାଟି କୁଡୁଆର ଅଭାବ ଥିବାବେଳେ ଏହାର ଉତ୍କଟ ଅବସ୍ଥା ଏବେ ଧାରଣ କରିଛି। ଏପରି କି ଠାକୁରଙ୍କୁ ମାଟି ପାତ୍ର ବ୍ୟତୀତ ଥାଳିର ବ୍ୟବହାର ହେଉଥିବାର ନଜିର ରହିଛି। ଏହାକୁ କେବଳ ମନ୍ଦିର ପ୍ରଶାସନ ମାଟି ସରଞ୍ଜାମ ବାହାରୁ କିଣି କାର୍ଯ୍ୟ ଯେନତେନ ଚଳାଇଛି। ତେବେ ଠାକୁରଙ୍କୁ ମାଟି କୁଡ଼ିଆ ଯୋଗାଇବା ପାଇଁ ୬ ଏକରରୁ ଊର୍ଦ୍ଧ୍ୱ ଜମି ଭୋଗ ଦଖଲରେ ଥାଇ କୁଡୁଆ ନ ଯୋଗାଉଥିବା କୁମ୍ଭକାର ସେବାୟତଙ୍କ ଉପରେ କାରଣ ଦର୍ଶାଅ ତଲବ ପାଇଁ ମଙ୍ଗଳବାର ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ସୁପାରିସ କରିଛନ୍ତି।

■ ରଙ୍ଗମିସ୍ତ୍ରିଙ୍କୁ ହତ୍ୟା ଘଟଣା

## ଦୁଇ ମାସ ପରେ ଅଭିଯୁକ୍ତ ଗିରଫ

ବାଲିଅନ୍ତା,୩୦।୭(ଡି.ଏନ.ଏ)

ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଧୀନ ନଖରାପଡ଼ାସ୍ଥିତ ଏକ ଘରର ଛାତ ଉପରେ ରଙ୍ଗମିସ୍ତ୍ରି ଅରୁଣ କୁମାର ଦାସଙ୍କ ହତ୍ୟା ଘଟଣାର ଦୁଇମାସ ପରେ ପୋଲିସକୁ ସଫଳତା ମିଳିଛି। ଅଭିଯୁକ୍ତଙ୍କୁ କଟକ ଜଗତପୁର ଅଞ୍ଚଳରୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଞ୍ଚଳର ପ୍ରଦୀପ କୁମାର ଦାସ(ଟିକୁ)। ପୋଲିସ ପୂର୍ବରୁ ଲୁହାରଡ ପାଇଥିବାବେଳେ ଏବେ ହତ୍ୟା ସମୟରେ ଟିକୁ ପିନ୍ଧିଥିବା ଏକ ରକ୍ତଲଗା ଶାର୍ଟକୁ ଜବତ କରିଛି।

ପୋଲିସ ସୂଚନା ମୁତାବକ, ଅରୁଣର ନିଜ ଘର ପାରଳାଖେମୁଣ୍ଡି ଅଞ୍ଚଳରେ ଥିବାବେଳେ ସେ ୮ବର୍ଷ ହେବ ଚନ୍ଦ୍ରଶେଖରପୁରସ୍ଥିତ ରଜନୀ ସାହୁ କଲୋନୀରେ ଭଡାରେ ରହୁଥିଲେ। ଅଭିଯୁକ୍ତ ଟିକୁ ତାଙ୍କ ପାଖରେ ରଙ୍ଗ ଶ୍ରମିକ ଭାବେ କାମ କରୁଥିଲେ। ୨ଜଣ ମିଶି ନଖରାଗଡ଼ରେ ଥିବା କୈଳାସ ଚନ୍ଦ୍ର ସାହୁଙ୍କ ନିର୍ମାଣାଧୀନ ଘରେ ରହିବା ସହ ତାଙ୍କ ଘରେ ରଙ୍ଗକାମ କରୁଥିଲେ। ପ୍ରତିଦିନ ମଜୁରି ନେବା ନେଇ ଉଭୟଙ୍କ ମଧ୍ୟରେ ବଚସା ହୁଏ। ମେ ୧ ସନ୍ଧ୍ୟାରେ କାମ ସାରି ଅରୁଣ ଚିକେନ ଆଣି ଟିକୁକୁ ରାନ୍ଧିବା ପାଇଁ କହିଥିଲେ। ଟିକୁକୁ ଜ୍ୱର ହୋଇଥିବାରୁ ରାନ୍ଧି ବଜାରକୁ ଔଷଧ ଆଣିବାକୁ ଯାଇଥିଲା। ଫେରିବାବେଳେ ରନ୍ଧା ଖାଦ୍ୟ ନଥିବା ଦେଖି ଅରଣକୁ ପଚାରିବାରୁ ଟିକୁକୁ ଗାଳିଗୁଲଜ କରିଥିଲା। ଏ ନେଇ ବଚସା ହେବାରୁ ଅରୁଣ ରାଗିଯାଇ ଟିକୁର ବ୍ୟାଗ ବାହାରକୁ ଫୋପାଡିବା ସହ ଟିକୁକୁ ଠେଲି ଗେଟରେ ତାଲା ପକାଇଦେଇ ଛାତ ଉପରକୁ ଚାଲିଯାଇଥିଲା। ଏଥିରେ ଟିକୁ ଉତ୍ତ୍ୟକ୍ତ ହୋଇ ବାଉଁଶ ଭାରାରେ ଛାତକୁ ଚଢ଼ି ଅରୁଣ ଶୋଇଥିବା ଅବସ୍ଥାରେ ପ୍ରଥମେ ବେଲଚା ପରେ ଲୁହାରଡରେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲା। ଘଟଣାସ୍ଥଳରେ ଅରୁଣଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଟିକୁ ସେଠାରୁ ଫେରାର ହୋଇଯାଇଥିଲା। ଏ ନେଇ ଘର ମାଲିକ କୈଳାସଙ୍କ ଅଭିଯୋଗକ୍ରମେ ପୋଲିସ ନଂ ୧୧୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

ବିଏମ୍‌ସି ନାଁରେ ବେଆଇନ ପାର୍କିଂ ଫି ଆଦାୟ

## ଜାଲ ରସିଦ ବହି ଜବତ, ୩ ଗିରଫ

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ରାଜଧାନୀର ବିଭିନ୍ନ ସ୍ଥାନରେ ବିଏମ୍‌ସି (ଭୁବନେଶ୍ୱର ମହାନଗର ନିଗମ) ନାଁରେ ଜାଲ ରସିଦ ଜରିଆରେ ପାର୍କିଂ ଫି ଆଦାୟ କରାଯାଉଛି। ଏନେଇ ଅଭିଯୋଗ ହେବା ପରେ କ୍ୟାପିଟାଲ ଥାନା ଅଞ୍ଚଳରୁ ୩ ଜଣଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଲିଙ୍ଗରାଜ ଥାନା ଅଧୀନ ରାମେଶ୍ୱରପାଟଣା ଅଞ୍ଚଳର ରାଜେଶ ସାମନ୍ତରାୟ, ଜଟଣୀ ମଦନପୁର ଅଞ୍ଚଳର ଶୁଭ୍ରମନୁ ମହାନ୍ତି ଓ ବାଲିଅନ୍ତା ଥାନା ଅଞ୍ଚଳର ତୋଫାନ ନାୟକ।

ସୂଚନା ମୁତାବକ, ଭୁବନେଶ୍ୱରର ବିଭିନ୍ନ ଶପିଂ ମଲ ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଗାଡି ପାର୍କିଂ ଫି ଆଦାୟ ପାଇଁ ଟେଣ୍ଡର ଜରିଆରେ ବିଏମ୍‌ସି ପକ୍ଷରୁ ଅନୁମତି ଦିଆଯାଇଥାଏ। କିନ୍ତୁ ବିଏମ୍‌ସିର ଅନୁମତି ନ ଥାଇ ଏବଂ ଟେଣ୍ଡର ଅବଧି ସରିବା ପରେ ପାର୍କିଂ ଫି ଆଦାୟ କରାଯାଉଛି। ଏ ନେଇ କିଛି ଦିନ ପୂର୍ବରୁ ଖାରବେଳନଗର, କ୍ୟାପିଟାଲ ଆଦି ଥାନାରେ ବିଏମ୍‌ସି ଅଧିକାରୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ମଙ୍ଗଳବାର କ୍ୟାପିଟାଲ ଥାନା ଅଧୀନ ଜନପଥ ଓ ଅଶୋକନଗର ଅଞ୍ଚଳରେ ପାର୍କିଂ ବାବଦରେ ଟଙ୍କା ଆଦାୟ ଚାଲିଥିଲା। ଏନେଇ ଜଣେ ଗ୍ରାହକଙ୍କ ସହ ବଚସା ହେବା ପରେ ଘଟଣା ପଦାକୁ ଆସିଥିଲା। ବିଏମ୍‌ସି ନାଁରେ ଜାଲ ରସିଦ ଜରିଆରେ ୩ ଅଭିଯୁକ୍ତ ଲୋକମାନଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୩ ଜାଲ ରସିଦ ବହି ଜବତ କରିଥିଲା।

## 'କବି ନାରାୟଣ ମୁଦୁଲି ଗ୍ରନ୍ଥାବଳୀ' ଉନ୍ମୋଚିତ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

କବି ନାରାୟଣ ମୁଦୁଲିଙ୍କ ଦ୍ୱାରା ଲିଖିତ ୨୦ଖଣ୍ଡ ଓଡ଼ିଆ କବିତା ପୁସ୍ତକକୁ ନେଇ ୧୦୨୪ ପୃଷ୍ଠା ସମ୍ବଳିତ ବିଶାଳ ଗ୍ରନ୍ଥ 'କବି ନାରାୟଣ ମୁଦୁଲି ଗ୍ରନ୍ଥାବଳୀ' ପ୍ରଥମ ଭାଗକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରିଛନ୍ତି। ରାଜଭବନରେ ଏକ ସ୍ୱତନ୍ତ୍ର ଅବସରରେ ପୁସ୍ତକର ଉନ୍ମୋଚନ କରି ରାଜ୍ୟପାଳ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଓଡ଼ିଶା ଦୂରସଞ୍ଚାର ପରିମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଡ. ଉଦୟ ଶଙ୍କର ପଣ୍ଡା, ପ୍ରଧାନ ମହାପ୍ରବନ୍ଧକ ଅଭିନ୍ନ କୁମାର ପହି, ପ୍ରକାଶିକା ସୁଜାତା ମୁଦୁଲି, ସଂକଳନ କର୍ତ୍ତା ରସରାଜ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। କବି ମୁଦୁଲି ରାଜ୍ୟପାଳଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଥିଲେ।

### ସ୍କୁଲ ପରିସରରେ ବୃକ୍ଷରୋପଣ

ପୁରୁଣା ଭୁବନେଶ୍ୱର,୩୦।୭(ଡି.ଏନ.ଏ.)

ଏକାମ୍ର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ଥାନୀୟ ବି.ଏମ. ହାଇସ୍କୁଲ ପରିସରରେ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। ଛାତ୍ରୀଛାତ୍ରମାନଙ୍କ ସହ ସଂଘର ବରିଷ୍ଠ ନାଗରିକମାନେ କଦମ୍ବ, କରଞ୍ଜ, ଲିମ୍ବ ଆଦି ଚାରାରୋପଣ କରିଥିଲେ। ଏଥିରେ ସଂଘ ସଭାପତି ପ୍ରଫୁଲ୍ଲ ମିଶ୍ର, ସମ୍ପାଦକ ଧୀରେନ ପଟ୍ଟନାୟକ, ବିଏମ୍‌ସି ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଗଣେଶ ପ୍ରସାଦ ଦାସ, ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା, ପ୍ରସନ୍ନ ରଥ, ଅରୁଣ ମହାନ୍ତି, ଅଜିତ ବିଶ୍ୱାଳ, ଦିଗମ୍ବର ସାମଲ, ଅଶୋକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

■ ସ୍ମାର୍ଟ ଫେରିବାଲା

## ସୁଟ୍ ବୁଟ୍ ପିନ୍ଧା ବହି ବିକାଳି ଗିରଫ

ଭୁବନେଶ୍ୱର, ୩୦।୭(ବ୍ୟୁରୋ)



ଗିରଫ ଅଭିଯୁକ୍ତ।

ଭାରତୀୟ ରେଳବାଇ ଷ୍ଟେଶନ ଓ ଟ୍ରେନ ଭିତରେ ଫେରିବାଲା ବିକ୍ରିକୁ ବେଆଇନ ଘୋଷଣା କରିବା ପରେ ବୁଲା ବିକାଳିଙ୍କ ଚିନ୍ତା ବଢ଼ିଯାଇଛି। ଫଳରେ କେତେକ ଅସାଧୁବ୍ୟକ୍ତି ଗଳାବାଟ କାଢ଼ି ଯାତ୍ରା କରିବା ବାହାନାରେ ଆସି ବେପାର କରୁଛନ୍ତି। ଏଭଳି ଏକ ଅସାଧୁ ବ୍ୟବସାୟୀଙ୍କୁ ଭୁବନେଶ୍ୱର ରେଳ ସୁରକ୍ଷା ବଳ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବାଲୁଗାଁର ସଞ୍ଜୟ କୁମାର ସାହୁ। ସୂଚନାଯୋଗ୍ୟ, ସଞ୍ଜୟ ଚକାଚକ୍ ଫର୍ମାଲ ପୋଷାକ, ଜୋତା, ଟାଇ ପିନ୍ଧି କାନ୍ଧରେ ଏକ ବ୍ୟାଗ ପକାଇ ଜୀବ ବିଜ୍ଞାନର ଏକ ବହି ଧରି ବିକ୍ରି କରୁଥିଲେ। ତାଙ୍କ ବେଶଭୂଷା ଦେଖି କେହି ବି ତାଙ୍କୁ ବୁଲା ବିକାଳି ବୋଲି ଆଦୌ ଭାବି ପାରିବେନି। ବଛା ବଛା ଲୋକଙ୍କୁ ଦେଖି ଅଭିଯୁକ୍ତଜଣକ ବହି ବିଷୟରେ ବୁଝାଇ ବିକ୍ରି କରୁଥିଲେ। ଆର୍‌ପିଏଫ କିମ୍ବା ଜିଆରପିକୁ ଦେଖିଲେ ଫୋନ୍‌ରେ ଗପିବା ବାହାନା କରି ଖସିଯାଉଥିଲେ। ମଙ୍ଗଳବାର ଅପରାହ୍ଣରେ ପ୍ଲାଟଫର୍ମ ନଂ.୬ରେ ଜଣେ ଯୁବତୀଙ୍କୁ ବହି ବିଷୟରେ ବୁଝାଉଥିବା ବେଳେ ଆରପିଏଫର ଜଣେ କନଷ୍ଟେବଳ ଅଭିଯୁକ୍ତକୁ ଧରିଥିଲେ। ପରେ ଅଭିଯୁକ୍ତଙ୍କ ବିରୋଧରେ ରେଳବାଇ ଧାରା ୧୪୪ରେ ନଂ.୧୯୯୭/୨୦୧୯ରେ ମାମଲା ରୁଜୁ ହୋଇଛି। କିଛିଦିନ ପୂର୍ବରୁ ରେଳ ସୁରକ୍ଷା ବଳ ଏଭଳି ଦୁଇଜଣ ଅସାଧୁ ବ୍ୟବସାୟୀଙ୍କୁ ଧରିଥିଲା। ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଦୁଇ ଜଣ ଜରିଅଖା ଭିତରେ ଚା କେଟିଲି ରଖି ଚା ବିକ୍ରି କରୁଥିଲେ। ଭୁବନେଶ୍ୱର ଷ୍ଟେଶନରେ ଓହ୍ଲାଇବାବେଳେ ଧରାପଡିଥିଲେ।

■ଶ୍ରୀଲିଙ୍ଗରାଜଙ୍କ ଆଉ ଏକ ଜମି ଉଦ୍ଧାର ପାଇଁ ପ୍ରୟାସ

# ବେଆଇନ ନିର୍ମାଣ କାର୍ଯ୍ୟ ଉପରେ ୧୪୪ ଧାରା ଜାରି

ପୁରୁଣା ଭୁବନେଶ୍ୱର, ୩୦। ୭ (ଡି.ଏନ.ଏ.)



ଶ୍ରୀ ଲିଙ୍ଗରାଜଙ୍କ ଜମି ଉପରେ ବେଆଇନ ହୋଇଥିବା ପିଲାର।

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଜମି ଉପରେ ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ରୋକ ଲାଗିଛି। ମିଳିଥିବା ଖବର ମୁତାବକ, ନୂଆଗାଁ ମୌଜା, ଖାତା ନଂ. ୪୩୭, ପ୍ଲଟ ନଂ. ୧୧୮, ଚକ ନଂ. ୮୧ରେ ଶ୍ରୀଲିଙ୍ଗରାଜଙ୍କ ନାମରେ ଥିବା ଏ ୨.୬୩୦ ଡ଼ିସିମିଲ ଜମି ଉପରେ ଏହି ରୋକ ଲଗାଯାଇଛି। ୩୧୬ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଗଙ୍ଗୁଆ ବ୍ରିଜ୍ କଡ଼ରେ ଠାକୁରଙ୍କ ଏହି ସମ୍ପତ୍ତିର ମୂଲ୍ୟ ୫୦ କୋଟିରୁ ଅଧିକ ହେବ। ତେବେ ରାଜସ୍ୱ ବିଭାଗର ତଳିଆ କର୍ମଚାରୀଙ୍କୁ ହାତ ପେଞ୍ଚ କରି ଏଠାରେ ଜବରଦସ୍ତ ଏକ ମାର୍କେଟ କମ୍ପ୍ଲେକ୍ସ ପାଇଁ ଜଣେ ବ୍ୟକ୍ତି କଂକ୍ରିଟ କାର୍ଯ୍ୟ ଜୋରସୋର ଚଳାଇଥିଲେ। ଏପରିକି ଗ୍ରାଉଣ୍ଡ ଫ୍ଲୋର ଛାତ ପକେଇବା ପରେ ଅନ୍ୟକାର୍ଯ୍ୟ ଦ୍ରୁତଗତିରେ ଚାଲିଥିଲା। ଖବରପାଇ ଏହି ଜମିର ମାର୍ଫତଦାର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ତତ୍ପରତା ଦେଖା ଦେଇଥିଲା। ଏ ନେଇ ବୋର୍ଡ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳକୁ ଘଟଣା ସମ୍ବନ୍ଧରେ ଅବଗତ କରାଇଥିଲା। ତେଣୁ ତାଙ୍କ ନିର୍ଦ୍ଦେଶରେ ବୋର୍ଡ ପକ୍ଷରୁ ଏକ କ୍ରିମିନାଲ ମିଶକେସ୍ ନଂ. ୧୧୬୨/୧୯ ସିଆରପିସିରେ ୧୪୪ ଧାରା ଅନୁଯାୟୀ ରହିତାଦେଶ ଜାରି କରିଛନ୍ତି। ମଙ୍ଗଳବାର ଏହାକୁ ଭିତ୍ତିକରି ନିର୍ମାଣରୁ ବିରତ ରହିବାକୁ କୋର୍ଟ ଆଦେଶ ପ୍ରଦାନ କରିଥିଲେ। ତେଣୁ କୋର୍ଟଙ୍କ ଆଦେଶକୁ କାର୍ଯ୍ୟ କରିବା ପୂର୍ବକ ମନ୍ଦିର ପ୍ରଶାସନ ପକ୍ଷରୁ ଧଉଳି ଏବଂ ଲିଙ୍ଗରାଜ ଥାନାରେ ଏହି ଆଦେଶ ପାଳନ ନିମନ୍ତେ ଅବଗତ କରାଯାଇଛି। ସୂଚନାଥାଉ କି ଶ୍ରୀଲିଙ୍ଗରାଜଙ୍କର ଉକ୍ତ ପ୍ଲଟ ସଂଲଗ୍ନ ଆହୁରି ୧୦ ଏକରରୁ ଊର୍ଦ୍ଧ୍ୱ ଜମି ବିଭିନ୍ନ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ରହିଛି। ସେହିଭଳି ଠାକୁରଙ୍କ ଶତାଧିକ ଏକର ଜମି ଜବରଦଖଲକାରୀଙ୍କ କବ୍‌ଜାରେ ଥିବାବେଳେ ଯିଏ ଯେଉଁଠି ପାରିଲା ବେଆଇନ ନିର୍ମାଣ କରି ଠାକୁରଙ୍କ ଜମିକୁ ନିଜ ଦଖଲକୁ ନେବାକୁ ଏଭଳି ଦୁଃସାହସିକ ପଦକ୍ଷେପ ନେଉଛନ୍ତି। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଜନପ୍ରତିନିଧିମାନଙ୍କ ପ୍ରଚ୍ଛଦପଟରେ ସହଯୋଗର ହାତ ରହିଛି। ନଚେତ୍ କୋଟି କୋଟି ଟଙ୍କାର ଠାକୁରଙ୍କ ଏହି ସମ୍ପତ୍ତିରେ ମନମୁଖି ଭାବେ ଟଙ୍କା ଖର୍ଚ୍ଚ କରି ନିର୍ମାଣ କାର୍ଯ୍ୟ କରିବାକୁ କେହି ଇଚ୍ଛା ପ୍ରକାଶ କରୁ ନ ଥାନ୍ତେ। ମନ୍ଦିର ପ୍ରଶାସନ ପକ୍ଷରୁ ଠାକୁରଙ୍କ ଜମିକୁ ଜବରଦଖଲ ମୁକ୍ତ କରିବାର ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ଆରମ୍ଭ ହେବ ମୋ କଲେଜ ଯୋଜନା

ଭୁବନେଶ୍ୱର,୩୦।୭(ବ୍ୟୁରୋ)



■ ଚଳିତ ବର୍ଷ ଆଉ ୬ ମଡେଲ ଡିଗ୍ରୀ କଲେଜ ଖୋଲିବ

■ ଖୁବ୍‌ଶୀଘ୍ର ସରକାରୀ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତ ହେବେ:ମନ୍ତ୍ରୀ

'ମୋ ସ୍କୁଲ'ଭଳି ଖୁବ୍‌ଶୀଘ୍ର 'ମୋ କଲେଜ' କାର୍ଯ୍ୟକ୍ରମ ଆରମ୍ଭ ହେବ। ପୁରାତନ ଛାତ୍ରମାନଙ୍କୁ ଏଥିରେ ସାମିଲ କରାଯିବ। କଲେଜର ବିକାଶ ତଥା ଗୁଣାତ୍ମକ ଶିକ୍ଷା ଦିଗରେ ସେମାନଙ୍କଠାରୁ ମତାମତ ସଂଗ୍ରହ କରାଯିବ। ଏଥିସହିତ ସେମାନଙ୍କ ଅନୁଦାନରେ କଲେଜର ଭିତ୍ତିଭୂମି ନିର୍ମାଣ କରାଯିବ। ମଙ୍ଗଳବାର ମୁଲତବୀ ଆଲୋଚନାର ଜବାବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଏହି ସୂଚନା ଦେଇଛନ୍ତି।

ମନ୍ତ୍ରୀ ସାହୁ କହିଛନ୍ତି ଯେ, ରାଜ୍ୟରେ ଉଚ୍ଚଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଗତ ୨ ମାସ ମଧ୍ୟରେ ସରକାରୀ କଲେଜ ଅଧ୍ୟକ୍ଷ, ବିଶ୍ୱବିଦ୍ୟାଳୟ ଭିସିମାନଙ୍କୁ ଡାକି ବୈଠକ କରାଯାଇଛି। ସେମାନଙ୍କଠାରୁ ମତାମତ ନିଆଯାଇଛି। ବିଶ୍ୱବିଦ୍ୟାୟରେ ଖାଲି ପଦବୀ ପୂରଣ ପ୍ରକ୍ରିୟା ଜାରି ରହିଛି। ରାଜ୍ୟରେ ୫୨ ସରକାରୀ ଡିଗ୍ରୀ କଲେଜ ରହିଛି। ଗତ ୩ ବର୍ଷରେ ଛାତ୍ରୀଛାତ୍ରମାନଙ୍କର ନାମଲେଖା ବଢ଼ିବାରେ ଲାଗିଛି। ୨୦୧୬-୧୭ରେ ୨୧,୫୬୫ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ୨୦୧୭-୧୮ରେ ୨୩,୦୦୨ ଏବଂ ୨୦୧୮-୧୯ରେ ୨୩,୯୪୬ ଜଣ ନାମ ଲେଖାଇଛନ୍ତି। ସରକାରୀ କଲେଜରେ ଚଏସ୍‌ବେସ୍‌ଡ କ୍ରେଡିଟ ସିଷ୍ଟମ(ସିବିସିଏସ୍) ସେମିଷ୍ଟର ପଦ୍ଧତିରେ ପାଠପଢ଼ା ହେଉଛି। ଅନୁନ୍ନତ ଓ ପଛୁଆ ଜିଲାରେ ରୁଷା ଯୋଜନାରେ ୮ଟି ମଡେଲ ଡିଗ୍ରୀ କଲେଜ ଖୋଲାଯାଇଛି। ପ୍ରତ୍ୟେକ କଲେଜକୁ ୮ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ୨୦୧୬-୧୭ରୁ ସେଥିରେ ନାମଲେଖା ଆରମ୍ଭ ହୋଇଛି। ଚଳିତ ବର୍ଷ ଆଉ ୬ଟି ମଡେଲ ଡିଗ୍ରୀ କଲେଜ ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହି ଜିଲାଗୁଡ଼ିକ ହେଲା ବଲାଙ୍ଗୀର, କଳାହାଣ୍ଡି, ଢେଙ୍କାନାଳ, କନ୍ଧମାଳ, କୋରାପୁଟ ଓ ଗଜପତି। ଛାତ୍ରୀଛାତ୍ରମାନଙ୍କର କହିବା ଦକ୍ଷତା ବୃଦ୍ଧି କରିବା ପାଇଁ ୪୦ଟି ସରକାରୀ କଲେଜରେ ଲାଙ୍ଗୁଏଜ ଲାବୋରେଟୋରି ଖୋଲାଯାଇଛି। ୫୧ଟି ସରକାରୀ କଲେଜରେ ସ୍ମାର୍ଟ କ୍ଲାସ୍‌ରୁମ୍ ଏବଂ ୪୨ଟି କଲେଜରେ ଆଇଆଇଟି ମୁମ୍ବାଇ ଭାଗୀଦାରିରେ ସ୍ପୋକନ ଟ୍ୟୁଟୋରିଆଲ ଆରମ୍ଭ କରାଯାଇଛି। ୨୭ଟି କଲେଜରେ ୱାଇଫାଇ ବ୍ୟବସ୍ଥା କରାଯାଇଛି। କଲେଜଗୁଡ଼ିକୁ ରୁଷା ଏବଂ ବିଶ୍ୱବ୍ୟାଙ୍କରୁ ସହାୟତା ଯୋଗାଇ ଦିଆଯାଉଛି। ସରକାରୀ ଡିଗ୍ରୀ କଲେଜରେ ୨୩୦୯ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଛି। ଖାଲିଥିବା ଅବଶିଷ୍ଟ ପଦବୀଗୁଡ଼ିକରେ ୧୨୦ ଜଣ ଅସ୍ଥାୟୀ ଅଧ୍ୟାପକ ଓ ୧୦୬୦ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ନିୟମିତ ଅଧ୍ୟକ୍ଷ ଚୟନ ନିମନ୍ତେ ସରକାରଙ୍କ ଅନୁରୋଧକ୍ରମେ ରିଡରମାନଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଓଡ଼ିଶା ଲୋକସେବା ଆୟୋଗ ଚୟନ ପ୍ରକ୍ରିୟା ଜାରି ରଖିଛନ୍ତି। ତାଲିକା ମିଳିବା ପରେ ଖୁବ୍‌ଶୀଘ୍ର ସମସ୍ତ ସରକାରୀ କଲେଜରେ ନିୟମିତ ଅଧ୍ୟକ୍ଷମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ: ୨ ଗିରଫ

ପାତ୍ରପଡା, ୩୦। ୭ (ଡି.ଏନ.ଏ.): ବ୍ରାଉନ୍‌ସୁଗାର ବିକ୍ରି କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ୨ ଜଣ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଯଦୁପୁର ଅଞ୍ଚଳର ପତନୁ ଖାନ୍ ଓ ଖୋର୍ଦ୍ଧା ଜିଲ୍ଲା ବନରାଜ୍ୟ ଅଞ୍ଚଳର ପ୍ରଭାତ କୁମାର ସାହୁ, ପୋଲିସ ସେମାନଙ୍କଠାରୁ ୧୫ ଗ୍ରାମ ବ୍ରାଉନସୁଗାର, ୨ ବାଇକ୍ ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ଅଭିଯୁକ୍ତଦ୍ୱୟ ଡୁମୁଡୁମାସ୍ଥିତ ଏକ ବେସରକାରୀ କଲେଜ ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିବା ନେଇ ବିଶ୍ୱସ୍ତସୂତ୍ରରୁ ପୋଲିସକୁ ସୂଚନା ମିଳିଥିଲା। କ୍ୟୁଏଟି ଓ ଖଣ୍ଡଗିରି ଥାନା ପୋଲିସ ମିଳିତ ଭାବେ ସେଠାରେ ଚଢାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ଖଣ୍ଡିଗିରି ଥାନାରେ ନଂ. ୪୦୨/୧୯ରେ ମାମଲା ରୁଜୁ ହୋଇଛି।

### ନିଶା ଦେଇ ଲୁଟ୍ ଅଭିଯୋଗରେ ୨ ଗିରଫ

ପାତ୍ରପଡା, ୩୦। ୭ (ଡି.ଏନ.ଏ.): ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଯାତ୍ରୀମାନଙ୍କୁ ନିଶା ଦେଇ ଲୁଟପାଟ୍ କରୁଥିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ଟାଙ୍ଗୀ ଅଞ୍ଚଳର ଅତୁଲ୍ୟ କୁମାର ଗୋଚ୍ଛାୟତ(୫୦) ଓ କଟକ ଜିଲା ବୈଦେଶ୍ୱର ଅଞ୍ଚଳର ମନୋଜ ପ୍ରଧାନ(୪୦)। ପୋଲିସ ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଗଞ୍ଜାମ ଜିଲା ବରପାଲ୍ଲୀ ଅଞ୍ଚଳର ଲୋଚନ ନାୟକ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଲୁଟ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଏ ସଂକ୍ରାନ୍ତରେ ଖଣ୍ଡଗିରି ଥାନାରେ ନଂ.୪୦୧/ ୧୯ରେ ମାମଲା ରୁଜୁ ହୋଇଛି।

# ୩ ବର୍ଷରେ ୧୦୬ ହରିଣ ଶିକାର

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

■ ୬ ବାଘ, ୬ ହାତୀଙ୍କୁ ମଧ ମାରି ଦିଆଯାଇଛି

■ ମହେନ୍ଦ୍ରଗିରି ପର୍ବତକୁ ଜୈବମଣ୍ଡଳ ଘୋଷଣା ପାଇଁ ତଥ୍ୟ ଖୋଜା ଚାଲିଛି



ରାଜ୍ୟରେ ହରିଣ ଶିକାର ଦ୍ରୁତ ଗତିରେ ବଢୁଛି। ଗତ ୩ ବର୍ଷ ମଧ୍ୟରେ ବିଭିନ୍ନ ପ୍ରଜାତିର ୧୦୬ ହରିଣଙ୍କୁ ଶିକାର କରାଯାଇଛି। ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ । ସେ କହିଛନ୍ତି ଯେ ୨୦୧୬-୧୭ ଏବଂ ୨୦୧୮-୧୯ରେ ୧୦୬ ହରିଣ ଶିକାର ହୋଇଛନ୍ତି। ୨୦୧୬-୧୭ରେ ୨୮ଟି ହରିଣଙ୍କୁ ମାରି ଦିଆଯାଇଥିବା ବେଳେ ୨୦୧୭-୧୮ରେ ୪୪ ଏବଂ ୨୦୧୮-୧୯ରେ ୩୪ଟି ହରିଣଙ୍କୁ ଶିକାର କରାଯାଇଛି। ଏହି ସମୟ ମଧ୍ୟରେ ୬ଟି କଲାରାପତରିଆ ବାଘ ଏବଂ ୬ଟି ହାତୀଙ୍କୁ ମଧ ଶିକାରୀ ମାରିଛନ୍ତି। ଶିକାରୀଙ୍କ କବଳରୁ ଜୀବଜନ୍ତୁଙ୍କୁ ରକ୍ଷା କରିବା ପାଇଁ ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ଜୀବଜନ୍ତୁ ସୁରକ୍ଷା ସ୍କ୍ୱାର୍ଡ ଗଠନ କରାଯାଇ ୨୪ ଘଣ୍ଟା ନଜର ରଖାଯାଉଛି। ପଶୁଜନ୍ତୁଙ୍କୁ ଶିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ଅପରାଧ ଶାଖାରେ ଏକ ସେଲ ଖୋଲାଯାଇଛି। ଯେଉଁମାନେ ଶିକାରୀମାନଙ୍କ ବିଷୟରେ ଖବର ଦେବେ ସେମାନଙ୍କୁ ପୁରସ୍କୃତ କରିବା ବ୍ୟବସ୍ଥା ରହିଛି ବୋଲି ବିଧାୟକ ମୋହନ ମାଝିଙ୍କ ତାରକା ପ୍ରଶ୍ନ (ନଂ-୬୨୬)ର ଉତ୍ତର ଦେଇ ମନ୍ତ୍ରୀ ଏହା କହିଛନ୍ତି। ସେହିପରି ମହେନ୍ଦ୍ରଗିରି ପର୍ବତକୁ ଜୈବମଣ୍ଡଳ ଘୋଷଣା ନିମନ୍ତେ ଏହାର ସାମାଜିକ ଓ ଅର୍ଥନୈତିକ ସର୍ଭେ କରିବା ପାଇଁ ଯୋଜନା ଚାଲିଛି। ସେହି ଅଞ୍ଚଳର ଜୈବ ବିବିଧତାକୁ ପୁଙ୍ଖାନୁପୁଙ୍ଖ ଭାବେ ଅଧ୍ୟୟନ କରିବାକୁ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାର ତଥ୍ୟ ଆସିନାହିଁ। ତଥ୍ୟ ମିଳିବାପରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ଶୋ'ରୁମ୍ ମାଲିକ...

ସୂଚନା ଅନୁଯାୟୀ, ତାପସ ପୁରୀ ବାଇପାସ ରୋଡ୍ ଜଗନ୍ନାଥ ସଡ଼କ ନିକଟରେ ବ୍ୟବହୃତ ଗାଡି ବ୍ୟବସାୟ କରନ୍ତି। ସେ ଦୋକାନରେ ବସିଥିବାବେଳେ ଅପରାହ୍ନ ପ୍ରାୟ ୩ଟା ୩୦ରେ ଦୁଇଟି ବାଇକରେ ୫ଜଣ ଦୁର୍ବୃତ୍ତ ଆସିଥିଲେ। ସେମାନେ ମୁହଁରେ କପଡା ବାନ୍ଧିଥିଲେ। ହଠାତ୍ ତାପସଙ୍କୁ ମାଡ଼ ମାରି ଟଙ୍କା ଦେବାକୁ କହି ବେକରେ ଭୁଜାଲି ଲଗାଇ କ୍ୟାଶ୍ କାଉଣ୍ଟର ନିକଟକୁ ନେଇଥିଲେ। ହେଲେ ତାପସ ଚତୁରତାର ସହ ଅନ୍ୟ ଏକ କ୍ୟାଶ୍ କାଉଣ୍ଟର ଦେଖାଇବାରୁ ଲୁଟେରାମାନେ ତାଙ୍କ ମୁଣ୍ଡ ଓ କାନ୍ଧକୁ ହାଣି ସେ ପିନ୍ଧିଥିବା ସୁନା ଚେନ୍ ଲୁଟି ନେଇଥିଲେ। ପରେ ଭିକିଙ୍କୁ ହାଣି ତାଙ୍କଠାରୁ ଟଙ୍କା ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ।

BDS Admission Guidance
Course fee package as low as 10 lac in India

| Catagory | Eligibilty Criteria | Cut off score (Out of 720) |
| --- | --- | --- |
| General | 50th percentile | 134 |
| OBC/SC/ST | 40th percentile | 107 |

UTKAL ACADEMY
YOUR TRUST I ଆପଣଙ୍କ ବିଶ୍ୱାସ
(A Unit of Vardham Metropolish Pvt. Ltd)
Toll-Free No: 1800 123 89 5400
BHUBANESWAR: 1190/A, Jagmohan Nagar, ITER Square, Khandagiri, 751030, Mob: 9090053338, 8917405105
BERHAMPUR: Panitanki Square, Mob: 9778162762
WEB: www.utkalacademy.com

# ବର୍ଷାର ଲୁଚକାଳି: ୨ରୁ ୪ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୩୦।୭(ବ୍ୟୁରୋ)

ବର୍ଷା ଦୁଇଦିନ ଧରି ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷିବା ପରେ ପୁଣି ଉଭାନ ହୋଇଯାଇଛି। ବର୍ଷା ଯୋଗୁ ଯେଉଁ ଜିଲାରେ ବନ୍ୟା ପରିସ୍ଥିତି ଦେଖାଦେଇଥିଲା ସେଠାରେ ସ୍ଥିତି ସୁଧାରିବାରେ ଲାଗିଛି। ତେବେ ୩୧ରୁ ୧ତାରିଖ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳରେ ବର୍ଷା ହେବ। ୨ରୁ ୪ତାରିଖ ମଧ୍ୟରେ ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ବିଶେଷ କରି କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ପୁରୀ, ଗଞ୍ଜାମ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, ବରଗଡ଼ ଜିଲାରେ ଅଧିକ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମଙ୍ଗଳବାର ସୁନ୍ଦରଗଡ଼, ହୀରାକୁଦ, କୋରାପୁଟ, ମାଲକାନଗିରି, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, ଚାନ୍ଦବାଲିରେ ବର୍ଷା ହୋଇଥିବା ଜଣାପଡ଼ିଛି।

■ କଟକରେ ୩ଜଣଙ୍କୁ ଗଳାକାଟି ହତ୍ୟା ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ପାଇଁ ମିଳୁନି ଦୃଢ଼ ପ୍ରମାଣ

କଟକ ଅଫିସ,୩୦।୭

ଗୋଟିଏ ଦିନରେ ୩ଜଣଙ୍କୁ ଗଳାକାଟି ହତ୍ୟା ଘଟଣାର ସନ୍ଦିଗ୍ଧ ଅଭିଯୁକ୍ତ ଏବେ ପୋଲିସ କବ୍‌ଜାରେ ରହିଛନ୍ତି। ସୋମବାର ପୂର୍ବାହ୍ନରେ ସନ୍ଦିଗ୍ଧ ନାରାୟଣ ସାହୁଙ୍କୁ ପୋଲିସ ଉଠାଇ ଆଣିଥିଲା। ହେଲେ ଏଯାଏ ତାଙ୍କୁ ଗିରଫ କରିବା ପାଇଁ ଠୋସ ପ୍ରମାଣ ଯୋଗାଡ଼ କରି ପାରିନାହିଁ ପୋଲିସ। ଡିସିପି ଅଖିଳେଶ୍ୱର ସିଂଙ୍କ ନେତୃତ୍ୱରେ ୪ଜଣ ବରିଷ୍ଠ ପୋଲିସ ଅଧିକାରୀ ନାରାୟଣଙ୍କୁ ଘନଘନ ଜେରା କରୁଛନ୍ତି। ମାତ୍ର ସନ୍ଦିଗ୍ଧ ନାରାୟଣଙ୍କୁ ଗିରଫ କରିବା ଭଳି କୌଣସି ପ୍ରମାଣ ପୋଲିସ ହାତରେ ପଡ଼ିନାହିଁ ବୋଲି ଡିସିପି ସିଂ କହିଛନ୍ତି। ସୂଚନାଯୋଗ୍ୟ, ସିସିଟିଭି ଫୁଟେଜ ଆଧାରରେ ନାରାୟଣଙ୍କୁ ପୋଲିସ ଉଠାଇ ଆଣିଥିଲା।

ସେ ହତ୍ୟାକାରୀ ବୋଲି ପୋଲିସ ସ୍ପଷ୍ଟ କରି ନ ଥିଲେ ମଧ ତାଙ୍କ ଉପରେ ସନ୍ଦେହ ଘନୀଭୂତ ହୋଇଥିବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲା। ତେବେ ସେ ହତ୍ୟାରେ ବ୍ୟବହାର କରିଥିବା ଛୁରି କିମ୍ବା ରକ୍ତଭିଜା କପଡ଼ା ପୋଲିସକୁ ମିଳିପାରିନାହିଁ।



ଜଟଣୀ ଆଇଓସିଏଲ୍ ଟର୍ମିନାଲରେ ମଙ୍ଗଳବାର ହୋଇଥିବା ମକ୍‌ଡ୍ରିଲ୍।

■ ଜଟଣୀ ଆଇଓସିଏଲ୍ ଟର୍ମିନାଲରେ ମକ୍‌ଡ୍ରିଲ୍

# ଖୋର୍ଦ୍ଧା, ବ୍ରହ୍ମପୁର, ପାରାଦୀପରେ ହେବ ପ୍ରକଳ୍ପ

ଜଟଣୀ, ୩୦।୭ (ଡି.ଏନ.ଏ.)

**ନିବେଶ ହେବ ୧୧ଶହ କୋଟି**

ପାରାଦୀପରେ ଏଲ୍‌ପିଜି ଇମ୍‌ପୋର୍ଟ ଟର୍ମିନାଲ,ଖୋର୍ଦ୍ଧାରେ ଏଲ୍‌ପିଜି ବଟ୍‌ଲିଂ ପ୍ଲାଣ୍ଟ, ବ୍ରହ୍ମପୁରରେ ଅନ୍ୟ ତୈଳ କମ୍ପାନୀ ସହ ମିଶି ଡିପୋ ଟର୍ମିନାଲ ସ୍ଥାପନ ହେବାକୁ ଯାଉଥିବା ଓଡ଼ିଶାସ୍ଥିତ ଆଇଓସିଏଲ୍‌ର ଚିଫ ଜେନେରାଲ ମ୍ୟାନେଜର(ସିଜିଏମ୍) ଶୁଭୋଜିତ ଘୋଷ କହିଛନ୍ତି। ଜଟଣୀସ୍ଥିତ ଆଇଓସିଏଲ ସ୍ମାର୍ଟ ଟର୍ମିନାଲ ପରିସରରେ ସୁରକ୍ଷା ଓ ନିରାପତ୍ତା ଉପରେ ମଙ୍ଗଳବାର ଅନୁଷ୍ଠିତ ମକ୍‌ଡ୍ରିଲ ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସିଜିଏମ୍ ଘୋଷ ଏହା କହିଥିଲେ। ୧୧ ଶହ କୋଟି ଟଙ୍କା ନିବେଶରେ ଉପରୋକ୍ତ ୩ଟି ପ୍ରକଳ୍ପ ସ୍ଥାପନ ହେବ। ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଅନେକ ନିଯୁକ୍ତି ସୃଷ୍ଟି ହେବ। ସେହିପରି ପ୍ରଦୂଷଣ ମୁକ୍ତ ପରିବେଶ ପାଇଁ ପେଟ୍ରୋଲ ପମ୍ପଗୁଡ଼ିକୁ କିପରି ସବ୍‌ସିଡି ସୁବିଧା ଦିଆଯାଇ ସୋଲାର ବ୍ୟବସ୍ଥା କରାଯାଉଛି ସେ ନେଇ ସୂଚନା ଦେଇଥିଲେ। ଏଥିସହ ବିଭିନ୍ନ ସମୟରେ ତେଲ ଚୋରି ଭଳି ଘଟଣାକୁ ରୋକିବା ପାଇଁ ଇ-ଲକିଂ ବ୍ୟବସ୍ଥା ପ୍ରଚଳନ ସହ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଉପରେ ଆଇଓସିଏଲ୍ କିପରି ଗୁରୁତ୍ୱ ପ୍ରଦାନ କରୁଛି ସେନେଇ କହିଥିଲେ। ସାମାଜିକ ଦାୟିତ୍ୱବୋଧରେ ପରିବେଶ, ସ୍ୱାସ୍ଥ୍ୟସେବା, ପରିମଳ, ପାନୀୟ ଜଳ ସୁବିଧା, ଶିକ୍ଷା, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ ଆଦି ବିଭିନ୍ନ କ୍ଷେତ୍ରରେ କମ୍ପାନୀ କାର୍ଯ୍ୟ କରୁଛି। ସେହିପରି ରାଜସ୍ୱ ଆଦାୟ କ୍ଷେତ୍ରରେ ଦେଶର ଏହି ବୃହତ କମ୍ପାନୀ 'ଫର୍ଚ୍ଚୁନ୍-୫୦୦ ଇଣ୍ଡିଆ' ତାଲିକାରେ ଶୀର୍ଷସ୍ଥାନ ଓ ୨୦୧୯ 'ଫର୍ଚ୍ଚୁନ୍ ଗ୍ଲୋବାଲ୍-୫୦୦'ରେ ୧୧୭ ସ୍ଥାନ ଅଧିକାର କରିଛି। ୩୩ ହଜାରରୁ ଅଧିକ ଶ୍ରମଶକ୍ତି, ବ୍ୟାପକ ଶୋଧନ, ବିତରଣ, ବଜାରୀକରଣ ଭିତ୍ତିଭୂମି, ଉନ୍ନତ ଅନୁସନ୍ଧାନ ଓ ବିକାଶ ସୁବିଧା ସହ ସାମାଜିକ-ଅର୍ଥନୈତିକ ବିକାଶଧାରାକୁ ତ୍ୱରାନ୍ୱିତ କରିବା ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା କମ୍ପାନୀ ଗ୍ରହଣ କରିପାରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ କମ୍ପାନୀ ୬,୦୫,୯୨୪ କୋଟି ଟଙ୍କା ବ୍ୟବସାୟ ସହ ୧୬,୮୯୫ କୋଟି ଟଙ୍କା ପ୍ରତ୍ୟକ୍ଷ ଲାଭ କରିଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ଅପରେଶନ୍) ରବି କୁମାର, ଜଟଣୀ ଟର୍ମିନାଲର ଜିଏମ୍ ଏନ୍.ସି. ସେଠୀ, କଲିକତା କର୍ପୋରେଟ କମ୍ୟୁନିକେଶନର ଜିଏମ୍ ଅରୂପ ଦାସ, ଚିଫ୍ ମ୍ୟାନେଜର ଶ୍ରୀନିବାସ ପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

ଜଟଣୀ ସ୍ମାର୍ଟ ଟର୍ମିନାଲ ପରିସରରେ ସୁରକ୍ଷା ଓ ନିରାପତ୍ତା ଉପରେ ଆଇଓସିଏଲ୍ କିପରି ସବୁବେଳେ ପ୍ରସ୍ତୁତ ରହିଛି ସେ ନେଇ ମକ୍‌ଡ୍ରିଲ୍ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ହଠାତ୍ ଯଦି ତେଲ ଲିକ୍ ହୋଇ ନିଆଁ ଲାଗି ଯାଏ ବା କୌଣସି ଦୁର୍ଘଟଣା ଘଟେ ଦାୟିତ୍ୱରେ ଥିବା କର୍ମଚାରୀ କିପରି ପ୍ରଥମେ ଜୋର ପାଟି କରିବା, ୱାକିଟକି ମାଧ୍ୟମରେ କଣ୍ଟ୍ରୋଲ ରୁମ୍‌କୁ ଖବର ଦେବା, ସାଇରନ୍ ବାଜିବା ଆଦି ରହିଥିବା ବିଭିନ୍ନ ପର୍ଯ୍ୟାୟର ସୁରକ୍ଷା ବ୍ୟବସ୍ଥା ଏହି ମକ୍‌ଡ୍ରିଲରେ ସ୍ଥାନ ପାଇଥିଲା। ରହିଥିବା କୋମ୍‌ବାଟ ଟିମ୍, ଅଗ୍ନିଲାରି ଟିମ୍ ଓ ରେସ୍‌କ୍ୟୁ ଟିମ୍‌ର ତାଲିମପ୍ରାପ୍ତ ସଦସ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବା, ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ସୁବିଧା ଆଦି ନାନା ସୁରକ୍ଷା ସମ୍ବନ୍ଧିତ ମକ୍‌ଡ୍ରିଲ ମାଧ୍ୟମରେ ସମ୍ପାଦନ କରିଥିଲେ।

# ଶ୍ରୀଲିଙ୍ଗରାଜଙ୍କ ଅଳାଁ ବେଢ଼ା ପୂର୍ବରୁ ଲିଭିଗଲା ମହାଦୀପ

ପୁରୁଣା ଭୁବନେଶ୍ୱର, ୩୦। ୭ (ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ପ୍ରତ୍ୟେକ ମାସର ଚତୁର୍ଦ୍ଦଶୀ ପାଳିରେ ମନ୍ଦିର ଚୂଡାକୁ ଉଠିଥାଏ। ମଙ୍ଗଳବାର ଠାକୁରଙ୍କ ଚତୁର୍ଦ୍ଦଶୀ ପାଳିରେ ମହାଦୀପ ମନ୍ଦିର ଚୂଡାକୁ ଉଠାଇବାରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରେ ପାଳିଆ ସମର୍ଥା ସେବାୟତ ମହାଦୀପ ଧରି ମନ୍ଦିର ଚୂଡାକୁ ଉଠିଥିଲେ। ଲୁହାକଡି ସରିବା ସ୍ଥାନ ଅର୍ଥାତ ଅଳାଁବେଢା ପୂର୍ବରୁ ମହାଦୀପଟି ଲିଭିଯାଇଥିଲା। ବଗତ ବର୍ଷଗୁଡିକରେ ଯେତେ ଦୈବୀ ଦୁର୍ବିପାକ ଆସୁ ଅଳାଁରେ ମହାଦୀପ ଲିଭିବା କେବେ ବି ଦେଖାଯାଇନାହିଁ ବୋଲି ଜଣେ ସମର୍ଥା ସେବାୟତ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ସୂଚନା ଥାଉ କି ଅଳାଁବେଢାରୁ ଅଗ୍ନି ସ୍ଥାପନ ସ୍ଥାନ ପର୍ଯ୍ୟନ୍ତ ଦୂରତା ଅଳ୍ପ ବାଟ ହୋଇଥିଲେ ହେଁ ଏଭଳି ବ୍ୟତିକ୍ରମକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

# ୬ ଡିଏସ୍‌ପିଙ୍କ ବଦଳି, ଭୁବନେଶ୍ୱର ଫେରିଲେ ଅନୁପ

ଭୁବନେଶ୍ୱର,୩୦।୭(ବ୍ୟୁରୋ)

**ସତ ହେଲା ଧରିତ୍ରୀ ଆଶଙ୍କା**

ଗତ ନିର୍ବାଚନକୁ ଆଖି ଆଗରେ ରଖି ଓ ଆଇନ ସୁରକ୍ଷାକୁ ନଜର କରି ରାଜ୍ୟ ସରକାର କେତେକ ପୋଲିସ ଅଧିକାରଙ୍କୁ ଅଚାନକ ବଦଳି କରି ଦେଇଥିଲେ। ନିର୍ବାଚନ ଶେଷ ହେବା ପରେ ବଦଳିଥିବା ଅଧିକାରୀମାନେ ପୁଣି ସେହି ଅଞ୍ଚଳକୁ ଆସିବା ପାଇଁ ଲବି କରିଥିବାର ଜଣାପଡିଥିଲା। ଏହା ଜଣାପଡିବା ପରେ ଗତ ମେ ୨୭ରେ ବଦଳି ଅଫିସର ରାଜଧାନୀ ଫେରିବେ ବୋଲି ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ନିର୍ବାଚନର ୪ମାସ ପରେ ପୁଣି ବଦଳି ହୋଇଯାଇଛି। ଫଳରେ ବଦଳି ହୋଇ କଟକରେ ଆଇୟୁସିଏଡବ୍ଲୁରେ ଥିବା ଡିଏସ୍‌ପି ଅନୁପ କାନୁନଗୋଙ୍କୁ ରାଜଧାନୀକୁ ଏସିପି ଭାବେ ବଦଳି କରାଯାଇଛି। ସେ ରାଜଧାନୀରେ ୧୦ବର୍ଷ ରହିସାରିଥିଲେ ମଧ୍ୟ କିଭଳି ପୁଣି ରାଜଧାନୀକୁ ଅଣାଗଲା ତାହାକୁ ନେଇ ପୋଲିସ ବିଭାଗ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ଦେଖିବାକୁ ପାଉଛି। ତାଙ୍କୁ ରାଜଧାନୀରେ କୌଣସି ଜୋନ୍ ଯଦି ଦିଆଯାଏ ତେବେ କଟକରୁ ଆସି ରହିଥିବା ଅନ୍ୟ ପୋଲିସ ଅଫିସରଙ୍କ ମଧ୍ୟରେ ବିଦ୍ରୋହ ଦେଖାଦେଉଛି। ତେଣୁ ତାଙ୍କର ରାଜଧାନୀକୁ ଆସିବାକୁ ନେଇ ପୁଣି ପୋଲିସ ମୁଖ୍ୟାଳୟ ଚିନ୍ତା କରନ୍ତୁ ବୋଲି ଅନେକ ପୋଲିସ ଅଫିସର ନିଜ ନାମ ଗୋପନ ରଖି କହିଛନ୍ତି।

ସେହିପରି କେନ୍ଦୁଝର ଜିଲାରେ ଥିବା ଇନ୍‌ସ୍ପେକ୍ଟର ମନୋଜ କୁମାର ରାଉତଙ୍କୁ ବାଲେଶ୍ୱରକୁ ଡିଏସ୍‌ପି ଇନ୍‌ଚାର୍ଜ ଭାବେ ବଦଳି କରାଯାଇଛି। ରାଉରକେଲା ବିସିଆର ସେଲରେ ଥିବା ଓପିଏସ୍ ରମାକାନ୍ତ ସାହୁଙ୍କୁ ଝାରସୁଗୁଡା ଏସ୍‌ଆରପିଓକୁ ବଦଳି କରାଯାଇଛି। ସେହିଭଳି ଯାଜପୁର ଜିଲା ମୁଖ୍ୟାଳୟରେ ଥିବା ଡିଏସ୍‌ପି ବିଜୟ କୁମାର ମଲ୍ଲିକଙ୍କୁ ଭୁବନେଶ୍ୱର ଏସ୍‌ଟିଏଫ୍ ଡିଏସ୍‌ପି ଭାବେ ବଦଳି କରାଯାଇଛି। କନ୍ଧମାଳ ହେଡ୍‌କ୍ୱାର୍ଟର୍ସରେ ଥିବା ଡିଏସ୍‌ପି ଅଜୟ କୁମାର ମିଶ୍ରଙ୍କୁ ଗଞ୍ଜାମ ଡିଏସ୍‌ପି ଭାବେ ବଦଳି କରାଯାଇଛି। ମୟୂରଭଞ୍ଜ ଜିଲା ଆଇୟୁସିଏଡବ୍ଲୁରେ ଥିବା ଲଳିତ କୁମାର ପଟ୍ଟନାୟକଙ୍କୁ ବେତନଟିକୁ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ରାଜଧାନୀରୁ କଟକ ଯାଇଥିବା ଏସିପି ଓ ଇନ୍‌ସ୍ପେକ୍ଟରଙ୍କୁ ଆଉ କିଛିଦିନ ପରେ ରାଜଧାନୀକୁ ବଦଳି କରାଯିବ ବୋଲି ଆଶଙ୍କା କରାଯାଉଛି। ଏପରିକି କେଉଁ ଅଫିସର କେଉଁ ଥାନାକୁ ଆସିବେ ସେନେଇ ସ୍ଥିର ହୋଇ ସାରିଥିବା କୁହାଯାଉଛି। କେବଳ ନୋଟିଫିକେଶନ୍ ବାହାରିବା ପରେ ସ୍ପଷ୍ଟ ହେବ ବୋଲି ଜଣାପଡିଛି। ଏଠାରେ ପ୍ରଶ୍ନ ଉଠୁଛି ରାଜଧାନୀରୁ ବିଦା ହୋଇଥିବା ଅଫିସରମାନଙ୍କୁ ପୁଣି ଏଠାକୁ ଆଣିବାର ରହସ୍ୟ କଣ ରହିଛି। ବର୍ତ୍ତମାନ ରାଜଧାନୀରେ ଥିବା ଅଫିସରଙ୍କ କଣ ଅପରାଧ ନିୟନ୍ତ୍ରଣ କରିବାର ଦକ୍ଷତା ନାହିଁ। ଯଦି ନାହିଁ ତେବେ ସେମାନଙ୍କୁ କ'ଣ ୪ମାସ ପାଇଁ ନିର୍ବାଚନ ପୂର୍ବରୁ ଭଡାରେ ରାଜଧାନୀକୁ ଅଣାଯାଇଥିଲା। ତାହାକୁ ନେଇ ଅନେକ ଲୋକେ ପ୍ରଶ୍ନ କରିଛନ୍ତି।

■ କେନ୍ଦ୍ରାପଡ଼ାରେ ବାଂଲାଦେଶୀ ଶରଣାର୍ଥୀ ମାମଲା

# ପୁନଃ ଥଇଥାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

କଟକ ଅଫିସ, ୩୦।୭

**୪ ସପ୍ତାହ ସମୟ ଦେଲେ ହାଇକୋର୍ଟ**

ବାଂଲାଦେଶୀ ଶରଣାର୍ଥୀଙ୍କୁ ପୂର୍ବଭଳି ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଉଚ୍ଚ ନ୍ୟାୟାଳୟ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟ ଆଗାମୀ ୪ସପ୍ତାହରେ ଶେଷ କରିବାକୁ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ଜଷ୍ଟିସ କୃଷ୍ଣରାମ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ୧୯୫୧ ମସିହାରୁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଅଞ୍ଚଳରେ ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ବାଂଲାଦେଶୀ ଶରଣାର୍ଥୀ ରହି ଆସୁଛନ୍ତି। ୧୯୭୨ ମସିହାରେ ରାଜ୍ୟ ସରକାର ଏହି ଶରଣାର୍ଥୀମାନଙ୍କୁ ଜମିପଟ୍ଟା ଯୋଗାଇଦେବା ସହ ଭାରତୀୟ ନାଗରିକ ଅଧିକାର ଅନୁଯାୟୀ ଭୋଟ ପରିଚୟପତ୍ର ତଥା ଆନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ। ଏମାନେ ସମସ୍ତ ସୁବିଧା ସୁଯୋଗ ଉପଭୋଗ କରି ଆସୁଥିବାବେଳେ ୨୦୧୩ରେ ରାଜ୍ୟ ସରକାର ଉକ୍ତ ଜମିପଟ୍ଟାର କିସମ ପରିବର୍ତ୍ତନ କରି ଜଙ୍ଗଲଜମି ଭାବେ ଘୋଷଣା କରିଥିଲେ। ଏ ନେଇ ସେମାନେ ୨୦୧୭ରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଥିଲେ। ମନ୍ତ୍ରୀ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ସହ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଘଟଣାର ସମାଧାନ ଲାଗି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଜିଲାପାଳ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଫଳରେ ପଦ୍ମନାଭ ଚୌଧୁରୀ ଏବଂ ଅନ୍ୟମାନେ ଏ ସଂକ୍ରାନ୍ତରେ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ନ୍ୟାୟାଳୟ ମଙ୍ଗଳବାର ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ସରୋଜ ପାଢ଼ୀ, ତାପସ ଦ୍ୱିବେଦୀ ଓ ସଂଗ୍ରାମ ମିଶ୍ର ମାମଲା ପରିଚାଳନା କରିଥିଲେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



■ ଫନୀ କ୍ଷତିଗ୍ରସ୍ତ ତାଲିକା ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ

# ତହସିଲ ଅଫିସ ଆଗରେ ଗର୍ଜିଲେ ବିପନ୍ନ

**ନିଶ୍ଚିନ୍ତକୋଇଲି,୩୦।୭(ସ୍ୱ.ପ୍ର.)**



ବନ୍ଧୁପୁର ପଞ୍ଚାୟତର ବାତ୍ୟା ବିପନ୍ନ ତହସିଲ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ଧନୀ ଲୋକଙ୍କୁ ସାମିଲ କରାଯାଇଛି
■ବଞ୍ଚିତ ହୋଇଛନ୍ତି ବହୁ କ୍ଷତିଗ୍ରସ୍ତ
■ଚୂଡ଼ାନ୍ତ ତାଲିକା ଆସିବା ପରେ ବଢ଼ୁଛି ଅସନ୍ତୋଷ

ବାତ୍ୟା ଫନୀ ପ୍ରଭାବରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଏହାପରେ ତହସିଲ ପ୍ରଶାସନ ନର୍ଦ୍ଦେଶକ୍ରମେ ରାଜସ୍ୱ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରିଥିଲେ। ହେଲେ ଏହି ଆକଳନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏପରି କି ବହୁ ବିପନ୍ନଙ୍କୁ କ୍ଷତିଗ୍ରସ୍ତ ସହାୟତା ତାଲିକାରେ ସାମିଲ କରାଯାଇନାହିଁ। ଫଳରେ ଏଥିରୁ ବଞ୍ଚିତ ହୋଇଥିବା ତହସିଲ ଅଧୀନ ବନ୍ଧୁପୁର ପଞ୍ଚାୟତର ବହୁ ବିପନ୍ନ ମଙ୍ଗଳବାର ତହସିଲ ଅଫିସ ସମ୍ମୁଖରେ ଗର୍ଜିବା ସହ ଏହାର ପ୍ରତିବାଦ କରିଥିଲେ। ପୁନଃ ତଦନ୍ତ କରାଯିବା ସହ ବାଦ୍ ପଡ଼ିଥିବା ବିପନ୍ନଙ୍କୁ କ୍ଷତିଗ୍ରସ୍ତ ତାଲିକାରେ ସାମିଲ କରାଯିବ ବୋଲି ତହସିଲାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ବାତ୍ୟା ପ୍ରଭାବରେ ବ୍ଲକରେ ଥିବା ୨ଲକ୍ଷ ୧୨ ହଜାର ୫୫୬ ଲୋକ ପ୍ରଭାବିତ ହୋଇଥିଲେ। ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ଥିବା ୧୭୭ ରାଜସ୍ୱ ଗ୍ରାମରେ ରାଜସ୍ୱ ନିରୀକ୍ଷକମାନେ କ୍ଷୟକ୍ଷତି ଆକଳନ କରିଥିଲେ। ତେବେ ଏହି ସମୟରେ କେତୋଟି ନିର୍ଦ୍ଦିଷ୍ଟ ପଞ୍ଚାୟତର ପ୍ରଭାବଶାଳୀ ନେତାଙ୍କ ପ୍ରରୋଚନାରେ ଆକଳନ ଠିକ ହୋଇ ନ ଥିଲା। ଏପରି କି ପଲିଥିନ ବଣ୍ଟନକୁ ନେଇ ତହସିଲ ସମ୍ମୁଖରେ ବାରମ୍ବାର ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା। ସେହି ସମୟରେ କ୍ଷୟକ୍ଷତି ଆକଳନ ଠିକ୍ ଭାବେ ହୋଇଛି ଓ ସମସ୍ତ ବିପନ୍ନଙ୍କୁ ସହାୟତା ମିଳିବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଥିଲା।

ଇତି ମଧ୍ୟରେ କ୍ଷୟକ୍ଷତି ଆକଳନର ଚୂଡାନ୍ତ ତାଲିକା ଜିଲାପାଳଙ୍କ ଅନୁମୋଦନ ପାଇବା ପରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସିଛି। ଏହି ତାଲିକା ପ୍ରକାଶ ପାଇବା ପରେ ବହୁ କ୍ଷତିଗସ୍ତ ବାଦ ପଡିଥିବା ବେଳେ ଧନିକ ଶ୍ରେଣୀର ଲୋକ ସହାୟତା ପାଇବାକୁ ଯୋଗ୍ୟ ହୋଇଥିବା ଜଣାପଡ଼ିଛି। ଘଟଣା ପ୍ରଚାରିତ ହେବା ପରେ ପ୍ରତି ଗାଁରେ ଫନୀ ସହାୟତାକୁ ନେଇ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି। କେତେବେଳେ ଲୋକପ୍ରତିନିଧି ତ ଅନ୍ୟ କେତେବେଳେ ପ୍ରଶାସନିକ ଅଧିକାରୀ ବିପନ୍ନଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଅନ୍ୟପକ୍ଷରେ କ୍ଷୟକ୍ଷତି ଆକଳନରେ ଅନିୟମିତତା ହୋଇଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରାଯାଇଛି।

ତହସିଲ ଅଧୀନରେ ଥିବା ୧୭୭ ଗ୍ରାମରେ କ୍ଷୟକ୍ଷତି ଆକଳନ ଠିକରେ ହୋଇ ନ ଥିବା ଅଭିଯୋଗ ହୋଇଛି। ଏଯାବତ୍ ୨୫୦ରୁ ଊର୍ଦ୍ଧ୍ୱ ବିପନ୍ନ ପୁନଃତଦନ୍ତ ପାଇଁ ତହସିଲ ଅଫିସରରେ ଲିଖିତ ଆବେଦନ କରିଛନ୍ତି। ତହସିଲ ଅଧୀନରେ ୧୮ ହଜାରରୁ ଊର୍ଦ୍ଧ୍ୱ ବିପନ୍ନ ସହାୟତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତନ୍ମଧ୍ୟରୁ ୧ହଜାରୁ ଊର୍ଦ୍ଧ୍ୱ ପରିବାର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ତାଲିକାରୁ ଜଣାପଡିଛି। ଏ ସମ୍ପର୍କରେ ତହସିଲଦାର ଜିତେନ୍ଦ୍ର ପାତ୍ରଙ୍କୁ ପଚାରିବାରେ ସେ କହିଥିଲେ, କ୍ଷୟକ୍ଷତି ଆକଳନ କରାଯାଇଛି। ଯଦି ଅଯୋଗ୍ୟ ବ୍ୟକ୍ତି କାହାରିକୁ ପ୍ରଭାବିତ କରି ସହାୟତା ନେଉଥିବା ଅଭିଯୋଗ ଆସେ ତେବେ ତା'ର ପୁନଃ ତଦନ୍ତ କରାଯିବ। ଏପରି କି ସେମାନଙ୍କୁ ସହାୟତା ପ୍ରଦାନରୁ ବଞ୍ଚିତ ମଧ୍ୟ କରାଯିବ। ସେହିପରି ଯେଉଁ ଯୋଗ୍ୟ ବ୍ୟକ୍ତି ସହାୟତାରୁ ବାଦ୍ ପଡ଼ିଛନ୍ତି ପୁନଃ ତଦନ୍ତ କରାଯାଇ ସେମାନଙ୍କୁ ସହାୟତା ପ୍ରଦାନ କରାଯିବ।

## ନାବାଳିକା ଅପହରଣକାରୀ ଗିରଫ

**ଆଠଗଡ଼,୩୦।୭(ସ୍ୱ.ପ୍ର.)**

ନାବାଳିକାଙ୍କୁ ଅପହରଣ କରିବା ଓ ପରେ ତାଙ୍କ ସହ ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ଆଠଗଡ଼ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଥାନା ଅନ୍ତର୍ଗତ ଜେନାପଦା ଦଳ ଗ୍ରାମର ହରକୃପା ମହାନ୍ତି(ଗୁଡ୍ଡୁ) (୨୪)। ମିଥ୍ୟା ପ୍ରଲୋଭନ ଦେଖାଇ ୩ମାସ ତଳେ ଗୁଡ୍ଡୁ ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରିଥିଲେ। ଏ ନେଇ ନାବାଳିକାଙ୍କ ମା' ସୋମବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୧୭୯/୧୯ ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ଗୁଡ୍ଡୁ ମେଘା ପାଟେଣି ଗାଁରେ ଥିବା ଜାଣି ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହାପରେ ଗୁଡୁଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇଛି। ବୁଧବାର ଅଭିଯୁକ୍ତଙ୍କୁ ଅଦାଲତରେ ହାଜର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ବିଚିତ୍ରାନନ୍ଦ ଲେଙ୍କା କହିଛନ୍ତି। ୩ମାସ ତଳେ ନାବାଳିକା ଜଣଙ୍କ ଢେଙ୍କାନାଳ ଅଞ୍ଚଳରେ ଥିବା ତାଙ୍କ ଭଉଣୀ ଘରକୁ ଯାଇଥିଲେ। ପୂର୍ବରୁ ଗୁଡୁ ସହ ତାଙ୍କର ସମ୍ପର୍କ ଥିବାରୁ ଗୁଡୁ ଢେଙ୍କାନାଳସ୍ଥିତ ନାବାଳିକାଙ୍କ ଭଉଣୀ ଘରକୁ ଯାଇ ତାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ନେଇ ଆସିଥିଲେ। ଗୁଡୁ ନାବାଳିକାଙ୍କ ବଡ଼ ଭଉଣୀଙ୍କ ଘରୁ ୮୦ହଜାର ଟଙ୍କାର ସୁନା ଓ ୧୮ହଜାର ଟଙ୍କାର ମୋବାଇଲ ଚୋରି କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ସାବିତ୍ରୀ ଦେବୀ କଲେଜ ଅଧ୍ୟକ୍ଷ ଗୁରୁତର

**ସାଲେପୁର,୩୦।୭(ଡି.ଏନ.ଏ.):** ସାଲେପୁର ଥାନା ଅଧୀନ ଶିଶୁଆ-ଜପକୁଦ ରାସ୍ତାର ପୁରୁଷୋତ୍ତମପୁର ସ୍ଥିତ ମା'କନକ ଦୁର୍ଗା ଛକ ନିକଟରେ ଜଣେ ବାଇକ୍ ଚାଳକଙ୍କୁ ଏକ ଡାଲା ଅଟୋ ଧକ୍କା ଦେଇଛି। ଏଥିରେ ବାଇକ୍ ଚାଳକ ଶିଶୁଆ ସାବିତ୍ରୀ ଦେବୀ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଦେବେନ୍ଦ୍ର ନାଥ ପତି ଗୁରୁତର ହୋଇଛନ୍ତି। ଅଧକ୍ଷ ପତି ବାଇକ୍ ଯୋଗେ ନିଜ ଘର ବାସୁଦେବପୁରକୁ ଯାଉଥିଲେ। ଏହି ସମୟରେ ପଛପଟୁ ଏକ ଡାଲା ଅଟୋ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପତି ରାସ୍ତା ପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ତାଙ୍କ ଡାହାଣ ଗୋଡ଼ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଖବର ପାଇ କଲେଜ କର୍ମଚାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ପତିଙ୍କୁ କଟକର ଏକ ଘରୋଇ ହସ୍ପିଟାଲ୍‌କୁ ନେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ଟ୍ରାକ୍ଟର ଲଙ୍ଗଳ ବାଜି ଚାଷୀ ମୃତ

**ତିଗିରିଆ,୩୦।୭(ଡି.ଏନ.ଏ.):** ଟ୍ରାକ୍ଟର ଲଙ୍ଗଳ ବାଜି ମଙ୍ଗଳବାର ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତିଗିରିଆ ଥାନା ପାଞ୍ଚଗାଁ ଗ୍ରାମର ଚକ୍ରଧର ମହାପାତ୍ର(୫୦)। ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଜମିରେ ରୁଆପୋତା କରିବା ଲାଗି ଟ୍ରାକ୍ଟର ଯୋଗେ ଚକ୍ରଧର କାଦୁଅ କରୁଥିଲେ। ଟ୍ରାକ୍ଟର ବିଲରେ ବୁଲୁଥିବାବେଳେ ଚକ୍ରଧର ହିଡ଼ ସାଇଜ୍ କରୁଥିଲେ। ଏହି ସମୟରେ ଟ୍ରାକ୍ଟର କୌଣସି କାରଣରୁ ଭାରସାମ୍ୟ ହରାଇଥିଲା। ଫଳରେ ଟ୍ରାକ୍ଟର ପଛରେ ଲାଗିଥିବା ଲୁହା ଲଙ୍ଗଳ ଓ କାଠ ମଇ ଚକ୍ରଧରଙ୍କ ଦେହରେ ବାଜିବା ସହ ଘୋଷାଡ଼ି ନେଇଥିଲା। ଏଥିସହିତ ଜମିରେ ଥିବା ଏକ କାଠ ଖୋବା ତାଙ୍କ ବେକରେ ବାଜିଥିଲା। ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ତିଗିରିଆ ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଖବର ଲେଖାହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ କହିଛନ୍ତି।

### ମଦ ଜବତ, ଜଣେ ଗିରଫ

**ବାଙ୍କୀ,୩୦।୭(ସ୍ୱ.ପ୍ର.):** ମଙ୍ଗଳବାର ସୁବର୍ଣ୍ଣପୁର ଫାଣ୍ଡି ଅଧିକାରୀ ରବିନାରାୟଣ ପରିଡା କନ୍ତପହଁରା ଛକରୁ ୩୧ବୋତଲ ବିଦେଶୀ ମଦ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେ ହେଲେ ଆଠଗଡ ଥାନା ଅନ୍ତର୍ଗତ ଜେନାପଦା ଗ୍ରାମର ପ୍ରସନ୍ନ ନାୟକ। ପ୍ରସନ୍ନ ଚୋରାମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହୋଇଥିଲା। କଟକ ଗ୍ରାମାଞ୍ଚଳ ଏସ୍.ପିଙ୍କ ନିର୍ଦ୍ଦେଶ କ୍ରମେ ବାଙ୍କୀର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା।

### ମତ୍ସ୍ୟଚାଷ ପ୍ରଶିକ୍ଷାର୍ଥୀଙ୍କ କ୍ଷେତ୍ର ପରିଦର୍ଶନ

**ବାଙ୍କୀ,୩୦।୭(ବି.ପ୍ର.):** ବାଙ୍କୀ ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ବାଙ୍କୀ ଓ ଡମପଡ଼ା ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଓ ସମ୍ପାଦକଙ୍କୁ ପଞ୍ଚାୟତ ପୋଖରୀରେ ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ନିମନ୍ତେ ସୋମବାର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣରେ ଯୋଗ ଦେଇଥିବା ସଭାପତି ଓ ସମ୍ପାଦକଙ୍କୁ ମଙ୍ଗଳବାର କ୍ଷେତ୍ର ପରିଦର୍ଶନ କରାଯାଇଛି। ବାଙ୍କୀ ବ୍ଲକର ୯ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି, ସମ୍ପାଦିକା ଏବଂ ଡମପଡା ବ୍ଲକର ୪ ସ୍ୱୟଂସହାୟକ ଗୋଷ୍ଠୀ ସଭାପତି ଓ ସମ୍ପାଦିକା କ୍ଷେତ୍ର ପରିଦର୍ଶନ କରିଥିଲେ। ସେମାନଙ୍କୁ ଭୁବନେଶ୍ୱରସ୍ଥିତ ଜାତୀୟ ମଧୁର ଜଳ ଓ ମାଛ ଚାଷ ବୈଷୟିକ ଶିକ୍ଷା ଅନୁଷ୍ଠାନ(ସିଫା) ଏବଂ ରାଜ୍ୟ ମତ୍ସ୍ୟ ଚାଷ କେନ୍ଦ୍ର କୌଶଲ୍ୟାଗଙ୍ଗକୁ ନିଆଯାଇ ବିଶେଷଜ୍ଞଙ୍କ ଦ୍ୱାରା ବିଭିନ୍ନ ଯାଁଳ ଓ ରଙ୍ଗିନ ମାଛ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ବୋଲି ବାଙ୍କୀ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦିନେଶ ପ୍ରଧାନ ସୂଚନା ଦେଇଛନ୍ତି। କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମରେ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟିକା ନର୍ମଦା ଦାସ, ଡମପଡ଼ା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଦେବୀଦତ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଗାଡ଼ି ମୋଟର ଯାଞ୍ଚ, ୯୯ ହଜାର ଜରିମାନା ଆଦାୟ

**ଆଠଗଡ଼,୩୦।୭(ସ୍ୱ.ପ୍ର.)**

କଟକ ଆଞ୍ଚଳିକ ପରିବହନ ବିଭାଗ ଓ ଆଠଗଡ଼ ପୋଲିସ ପକ୍ଷରୁ ମଙ୍ଗଳବାର କଟକ-ନରସିଂହପୁର ରାସ୍ତାର ବୀରକିଶୋରପୁର ଛକଠାରେ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଏହି ସମୟରେ ୧୩୧ଟି ମାମଲା ରୁଜୁ କରାଯାଇ ୯୯ହଜାର ୪ଶହ ଟଙ୍କା ଜରିମନା ଆଦାୟ କରାଯାଇଛି। କଟକ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡିଙ୍କ ନେତୃତ୍ୱରେ ଏହି ଯାଞ୍ଚ ହୋଇଥିଲା। ୧୦୩ଜଣ ବାଇକ ଆରୋହୀଙ୍କ ହେଲମେଟ ନ ଥିବାରୁ ଜରିମନା ଆଦାୟ ହେବା ସହ ଗାଡି ଚଳାଇବା ସମୟରେ ମୋବାଇଲରେ କଥା ହେଉଥିବା ୬ଜଣ, ନିଶାଦ୍ରବ୍ୟ ସେବନ କରି ଗାଡି ଚଳାଉଥିବା ୩ଜଣ, ୪ଚକିଆ ଯାନ ଚାଳକ ସିଟ୍ ବେଲ୍ଟ ବାନ୍ଧି ନ ଥିବା ୧୭ଜଣ ଓ ପଣ୍ୟଦ୍ରବ୍ୟ ବହନକାରୀ ଗାଡିରେ ଯାତ୍ରୀ ବସାଇଥିବା ଅଭିଯୋଗରେ ୨ଜଣ ଗାଡି ଚାଳକଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ସେମାନଙ୍କଠାରୁ ଜରିମନା ଆଦାୟ କରାଯାଇଥିଲା। ଚଢ଼ାଉରେ ମୋଟର ଯାନ ନିରୀକ୍ଷକ ରବୀନ୍ଦ୍ରନାଥ ଜେନା, ଆଠଗଡ ଥାନା ଉପନିରୀକ୍ଷକ ବିଚିତ୍ରାନନ୍ଦ ଲେଙ୍କା, ସନ୍ତୋଷ ପ୍ରଧାନ, ହିଦାୟତ୍ ମହମ୍ମଦ ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

## ବୁଡ଼ିଯାଇ ନାବାଳକ ଗୁରୁତର

**ସାଲେପୁର,୩୦।୭(ଡି.ଏନ.ଏ.)**

ସାଲେପୁର ବ୍ଲକ ନଇଗୁଆଁ ଗ୍ରାମର ଜଣେ ନାବାଳକ ମଙ୍ଗଳବାର ପାଣିରେ ବୁଡ଼ି ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର ବିଜୟ କାଣ୍ଡିଙ୍କ ପୁଅ ସିଦ୍ଧେଶ୍ୱର (୧୬)। ସିଦ୍ଧେଶ୍ୱର ସାଙ୍ଗମାନଙ୍କ ସହ ନଇଗୁଆଁ ଗାଁ ଦଣ୍ଡା ପୋଲ ନିକଟରେ ଗାଧୋଉ ଥିଲେ। କୌଣସି କାରଣରୁ ସିଦ୍ଧେଶ୍ୱର ବୁଡ଼ିଯାଇଥିଲେ। ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ସିଦ୍ଧେଶ୍ୱରଙ୍କୁ ସ୍ଥାନୀୟ ଲୋକେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା କରାଯାଇ କଟକ ବଡ଼ଡାକ୍ତରଖାନା ପଠାଇ ଦିଆଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।




ବାଙ୍କୀ ବ୍ଲକର ୯ ଓ ଡମପଡ଼ା ବ୍ଲକର ୪ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାପତି, ସମ୍ପାଦକ ମତ୍ସ୍ୟଚାଷ କରିବା ପୂର୍ବରୁ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

## 'କବି ନାରାୟଣ ମୁଦୁଲି ଗ୍ରନ୍ଥାବଳୀ'ଉନ୍ମୋଚିତ

**ମାହାଙ୍ଗା/ଲଳିତଗିରି,୩୦।୭(ସ୍ୱ.ପ୍ର.)**



ଗ୍ରନ୍ଥାବଳୀକୁ ରାଜ୍ୟପାଳ ଉନ୍ମୋଚନ କରୁଛନ୍ତି।

ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତସ୍ଥ କୋଠପଦା ଗ୍ରାମର କବି ନାରାୟଣ ମୁଦୁଲିଙ୍କ ଦ୍ୱାରା ଲିଖିତ ୨୦ ଖଣ୍ଡ ଓଡ଼ିଆ ପୁସ୍ତକକୁନେଇ ୧୦୨୪ପୃଷ୍ଠାସମ୍ବଳିତ 'କବି ନାରାୟଣ ମୁଦୁଲି ଗ୍ରନ୍ଥାବଳୀ' ଉନ୍ମୋଚନ କରାଯାଇଛି। ରାଜଭବନ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ଗ୍ରନ୍ଥାବଳିକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଦୂର ସଂଚାର ପରିମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଡ. ଉଦୟଶଙ୍କର ପଣ୍ଡା, ପ୍ରଧାନ ମହାପ୍ରବବନ୍ଧକ ଅଭିନ କୁମାର ପହି, ଗ୍ରନ୍ଥାବଳୀର ପ୍ରକାଶିକା ସୁଜାତା ମୁଦୁଲି, ସଂକଳନ କର୍ତ୍ତା ରସରାଜ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳ ଲାଲ ଗ୍ରନ୍ଥାବଳିର ଉଚ୍ଚ ପ୍ରଶଂସା କରିଥିଲେ। କବି ନାରାୟଣ ମୁଦୁଲି ରାଜଭବନର ସମସ୍ତ ପଦାଧିକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ପ୍ରକାଶଯେ, ୧୯୯୪ରୁ ଅଦ୍ୟାବଧି ମୁଦୁଲିଙ୍କ ଦ୍ୱାରା ୪ ଖଣ୍ଡ ହିନ୍ଦୀ କବିତା ଓ ୨୮ ଖଣ୍ଡ ଓଡ଼ିଆ କବିତା ପୁସ୍ତକ ପ୍ରକାଶିତ ହୋଇଛି।

## ବିଲିପଡ଼ାରେ ବଧୂହତ୍ୟା ଅଭିଯୋଗ

**ବାଙ୍କୀ,୩୦।୭(ସ୍ୱ.ପ୍ର.)**

ଡମପଡ଼ା ବ୍ଲକ ଅନ୍ତର୍ଗତ ବିଲିପଡ଼ା ଗ୍ରାମରେ ମଙ୍ଗଳବାର ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା ନଂ-୧୯୭/୧୯ରୁଜୁ କରିବା ସହ ଦଫା ୪୯୮ଏ, ୩୦୪ବି, ୩୦୨, ୩୪ ଆଇ.ପି.ସି ଓ ୪ଡିପିଆକ୍ଟ ଲଗାଇ ତଦନ୍ତ ଆରମ୍ଭ କରିଛି। ଏଥିସହିତ ମୃତଦେହକୁ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବାଙ୍କୀ ଥାନା ଆଇଆଇସି ସମୀର କୁମାର ପଣ୍ଡା କହିଛନ୍ତି। ସେହିପରି ଘଟଣାସ୍ଥଳକୁ ଆଇଆଇସି ପଣ୍ଡାଙ୍କ ସମେତ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ ବିଶ୍ୱାଳ, ସେକେଣ୍ଡ ଅଫିସର ଶତ୍ରୁଘ୍ନ ଦଳେଇ ଓ ଫରେନସିକ୍ ଟିମ୍ ଯାଇ ଅନୁସନ୍ଧାନ କରି ଫେରିଛନ୍ତି।

ସୂଚନା ଅନୁସାରେ, ବିଲିପଡ଼ା ଗ୍ରାମର ଅଇଁଠ ମନ୍ତ୍ରୀଙ୍କ ପୁଅ ବିକଳ ୭ବର୍ଷ ତଳେ ଡାଙ୍ଗିପିଟାର ଅନନ୍ତ ସ୍ୱାଇଁଙ୍କ ଝିଅ ପୂର୍ଣ୍ଣିମାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ୧ ଲକ୍ଷ ଟଙ୍କା ପୁଅଘର ଦାବି କରିଥିଲେ। ଝିଅ ଘର ପକ୍ଷରୁ ୬୦ହଜାର ଟଙ୍କା ଦିଆଯାଇଥିଲା। ଅବଶିଷ୍ଟ ୪୦ ହଜାର ଟଙ୍କା ପରେ ଦେବାକୁ ପୂର୍ଣ୍ଣିମାଙ୍କ ବାପା ଝିଅ ଶାଶୁଘରକୁ କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଟଙ୍କା ଦେବାରେ ଅବହେଳା କରିଥିଲେ। ଫଳରେ ବାକି ଟଙ୍କା ଆଣିବା ପାଇଁ ପୂର୍ଣ୍ଣିମାଙ୍କ ଉପରେ ଶାଶୁଘର ଲୋକେ ବିଭିନ୍ନ ସମୟରେ ଉପରେ ଚାପ ପକାଉଥିଲେ। ଏପରି କି ମାରଧର ମଧ୍ୟ କରୁଥିଲେ। ଯଦ୍ଦ୍ୱାରା ପୂର୍ଣ୍ଣିମା ମାନସିକ ଚାପରେ ଥିଲେ। ଏଥିସହିତ ତାଙ୍କ ବାପାଙ୍କୁ ମଧ୍ୟ ଅନେକ ସମୟରେ ଜଣାଇଥିଲେ। ହେଲେ ମଙ୍ଗଳବାର ହଠାତ୍ ପୂର୍ଣ୍ଣିମାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବାପା ଅନନ୍ତ ପହଞ୍ଚି ଝିଅର ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହାପରେ ଥାନାକୁ ଯାଇ ତାଙ୍କ ଝିଅକୁ ଶାଶୁ ରଜନୀ, ଶଶୁର ଅଇଁଠ, ଦିଅର ଟଙ୍କଧର ଓ ସ୍ୱାମୀ ବିକଳ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଘଟଣାରେ ଏ ପର୍ଯ୍ୟନ୍ତ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

## ଶିଶୁ ବାଟିକା ମାତୃ ସମ୍ମିଳନୀ

**ବାଙ୍କୀ,୩୦।୭(ବି.ପ୍ର.)**

ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁ ବାଟିକା ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ସ୍ୱସ୍ଥ୍ୟକେନ୍ଦ୍ରର ରାଷ୍ଟ୍ରୀୟ ବାଲ୍ ବିକାଶ କାର୍ଯ୍ୟକ୍ରମ ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା, ମୁଖ୍ୟବକ୍ତା ଅଧାପିକା ସୁଜତା ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ସଭାପତି ବିବେକାନନ୍ଦ ସାମଲଙ୍କ ଅଧକ୍ଷତାରେ ଉପସଭାପତି ରେଣୁବାଳା ରାଜ, ଯୁଗ୍ମ ସମ୍ପାଦକ ବୃନ୍ଦାବନ ପ୍ରଧାନ, ସଦସ୍ୟ ତାପସ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ବିମଳ ଚନ୍ଦ୍ର ରାଉତରାୟ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ଶୈକ୍ଷିକ ପରାମର୍ଶଦାତା ସୀତାକାନ୍ତ ମିଶ୍ର ଶିଶୁଙ୍କୁ ରାଷ୍ଟ୍ର ଭକ୍ତି କରାଇବାରେ ମା'ଙ୍କ ଅନନ୍ୟ ଭୂମିକା ରହିଥିବା ସମ୍ପର୍କରେ ଉପସ୍ଥିତ ମାତୃ ମଣ୍ଡଳିଙ୍କୁ କହିଥିଲେ। ଶିଶୁ ବାଟିକା ପ୍ରମୁଖ ସ୍ୱର୍ଣ୍ଣଲତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ମମତା ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମ୍ମିଳନୀ ପରିଚାଳନା ସମିତି ସଦସ୍ୟ ଓ ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ସହଯୋଗରେ ସଞ୍ଚାଳିତ ହୋଇଥିଲା।



ଶିଶୁ ବାଟିକା ମାତୃ ସମ୍ମିଳନୀରେ ଯୋଗଦେଇଥିବା ମା' ଓ ଶିଶୁ।

## ଭଡ଼ାରେ ଲାଗିଛି ପଞ୍ଚାୟତର ନୂତନ ଗୃହ

**ରଘୁନାଥପୁର, ୩୦।୭ (ଡି.ଏନ.ଏ.)**

ନିଶ୍ଚିନ୍ତକୋଇଲି ବ୍ଲକ



ପଞ୍ଚାୟତ ଗୃହରେ ଭଡ଼ାରେ ଥିବା ଲୋକମାନେ।

■ବିଡିଓଙ୍କ ପାଖରେ ନାହିଁ ଖବର
■ପଞ୍ଚାୟତ ଏକଜିକ୍ୟୁଟିଭ ଅଫିସରଙ୍କୁ ହୋଇନି ଚାବି ହସ୍ତାନ୍ତର

ସରକାରଙ୍କ ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଇଥିବା ପଞ୍ଚାୟତ ଗୃହ ଲୋକଙ୍କ କାମରେ ଲାଗୁନି। ଏହାକୁ ଭଡା ସୂତ୍ରରେ ଦିଆଯାଇଥିବା ବେଳେ ଏ ସମ୍ପର୍କରେ ବିଡିଓଙ୍କ ପାଖରେ କୌଣସି ଖବର ନାହିଁ। ସେହିପରି ପଞ୍ଚାୟତର ଏକଜିକ୍ୟୁଟିଭ ଅଫିସରଙ୍କୁ ମଧ୍ୟ ନୂଆ ଘରର ଚାବି ହସ୍ତାନ୍ତର କରାଯାଇନାହିଁ। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ମଣିଜଙ୍ଗ ପଞ୍ଚାୟତ କ୍ଷେତ୍ରରେ। ବର୍ଷେ ତଳୁ ନବନିର୍ମିତ ପଞ୍ଚାୟତ ଗୃହକୁ କାର୍ଯ୍ୟାଳୟ କରିବା ପରିବର୍ତ୍ତେ ଏ ଅଞ୍ଚଳରେ କେନାଲ କାମ କରୁଥିବା ଜନୈକ ଠିକାଦରଙ୍କୁ ଭଡା ସୂତ୍ରରେ ଦିଆଯାଇଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳରେ କେନାଲ କାମ କରୁଥିବା ୧୨ଜଣ ଶ୍ରମିକ ଏଠାରେ ରହିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପଞ୍ଚାୟତର ନାଏବ ସରପଞ୍ଚ ନିଖିଲ ଦାସ ଅଭିଯୋଗ କରିବା ପରେ ପ୍ରକୃତ ବାସ୍ତବତା ସମ୍ପର୍କରେ ଅନୁଧାନ କରାଯାଇଥିଲା। ୱାର୍ଡସଭ୍ୟ କେଦାରନାଥ ସେଠୀ, ସୁରେନ୍ଦ୍ର ସାହୁ, ଯୋଗେନ୍ଦ୍ର ମଲିକ, ସରୋଜିନୀ ନାୟକ ଓ ସୁବ୍ରତ ସାହୁ ମଧ୍ୟ ଅନୁରୂପ ଭାବେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ପଞ୍ଚାୟତର ଏକଜିକ୍ୟୁଟିଭ ଅଫିସର(ଇଓ) ଶୁଭେନ୍ଦୁ ଜେନାଙ୍କୁ ପଚାରିବାରେ ସେ ଦୁଇଟି ପଞ୍ଚାୟତ ଦାୟିତ୍ୱରେ ରହିଥିବାରୁ ନୂଆ ପଞ୍ଚାୟତ ଗୃହର ଚାବି ସରପଞ୍ଚ ରଞ୍ଜିତା ନାୟକଙ୍କୁ ହସ୍ତାନ୍ତର କରିଥିଲେ। ବର୍ଷେ ତଳୁ ଭଡା ଦିଆଯାଇଥିବାବେଳେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଚାବି ହସ୍ତାନ୍ତର କରିବାକୁ ଇଓ କହିଥିଲେ ହେଁ ସେ ଦେଇ ନ ଥିଲେ। ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ତାଙ୍କ ପାଖରେ ଖବର ନ ଥିବା ଏବଂ ତଦନ୍ତ କରି ଦେଖିବେ ବୋଲି ସେ କହିଛନ୍ତି। ୱାର୍ଡ ସଭ୍ୟାସଭ୍ୟଙ୍କ ଅଭିଯୋଗ ଅନୁଯାୟୀ, ପ୍ରତ୍ୟେକ କ୍ଷେତ୍ରରେ ସରପଞ୍ଚଙ୍କ ସ୍ୱାମୀ ହସ୍ତକ୍ଷେପ କରିବା ଏବଂ ନିୟମିତ ପଞ୍ଚାୟତ ବୈଠକ କରା ନ ଯାଇ ରିଜୋଲେଶନ ଖାତାରେ ଦସ୍ତଖତ କରାଇ ନେଉଥିବାର ଗୁରୁତର ଅଭିଯୋଗ କରିଛନ୍ତି। ଭଡାରେ ଲାଗିଥିବା ଅର୍ଥ କୁଆଡେ ଯାଉଛି ବୋଲି ମଧ୍ୟ ସେମାନେ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କ ସ୍ୱାମୀ ସର୍ବେଶ୍ୱର ନାୟକଙ୍କୁ ପଚାରିବାରେ ନୂଆ ଭାବେ ନିର୍ମାଣ କରାଯାଇଥିବା ପଞ୍ଚାୟତ ଗୃହରେ କେତେବେଳେ କିଏ ପଞ୍ଚାୟତ କାମରେ ଆସିଲେ ରହୁଛନ୍ତି। ଗୃହକୁ ଭଡା ସୂତ୍ରରେ ଦିଆଯାଇଥିବା ଅଭିଯୋଗକୁ ସେ ଖଣ୍ଡନ କରିବା ସହ ଏହା ଭିତ୍ତିହୀନ ବୋଲି କହିଛନ୍ତି।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବିଲିପଡ଼ାରେ ବଧୂହତ୍ୟା ଅଭିଯୋଗ

ବାଙ୍କୀ,୩୦।୭(ସ୍ୱ.ପ୍ର.): ଡମପଡ଼ା ବ୍ଲକ ଅନ୍ତର୍ଗତ ବିଲିପଡ଼ା ଗ୍ରାମରେ ମଙ୍ଗଳବାର ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା ନଂ-୧୯୭/୧୯ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହିତ ମୃତଦେହକୁ ଜବତ କରିଛି। ବୁଧବାର ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବାଙ୍କୀ ଥାନା ଆଇଆଇସି ସମୀର କୁମାର ପଣ୍ଡା କହିଛନ୍ତି। ସେହିପରି ଘଟଣାସ୍ଥଳକୁ ଫରେନସିକ୍ ଟିମ୍ ଯାଇ ଅନୁସନ୍ଧାନ କରି ଫେରିଛନ୍ତି। ସୂଚନା ଅନୁସାରେ, ବିଲିପଡ଼ା ଗ୍ରାମର ଅଇଁଠ ମନ୍ତ୍ରୀଙ୍କ ପୁଅ ବିକଳ ୭ବର୍ଷ ତଳେ ଡାଙ୍ଗପିଟାର ପୂର୍ଣ୍ଣିମାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ବାବଦକୁ ୧ ଲକ୍ଷ ଟଙ୍କା ପୁଅଘର ଦାବି କରିଥିଲେ। ଝିଅ ଘର ପକ୍ଷରୁ ୬୦ହଜାର ଟଙ୍କା ଦିଆଯାଇଥିଲା। ଅବଶିଷ୍ଟ ୪୦ ହଜାର ଟଙ୍କା ପରେ ଦେବାକୁ ପୂର୍ଣ୍ଣିମାଙ୍କ ବାପା ଝିଅ ଶାଶୁଘରକୁ କହିଥିଲେ। ବାକି ଟଙ୍କା ଆଣିବା ପାଇଁ ପୂର୍ଣ୍ଣିମାଙ୍କ ଉପରେ ଶାଶୁଘର ଲୋକେ ବିଭିନ୍ନ ସମୟରେ କହିବା ସହ ମାଡ଼ ମାରୁଥିଲେ। ଫଳରେ ପୂର୍ଣ୍ଣିମା ମାନସିକ ଚାପରେ ଥିଲେ। ଏଥିସହିତ ତାଙ୍କ ବାପାଙ୍କୁ ମଧ ଅନେକ ସମୟରେ ଜଣାଇଥିଲେ। ମଙ୍ଗଳବାର ହଠାତ୍ ପୂର୍ଣ୍ଣିମାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବାପା ଅନନ୍ତ ପହଞ୍ଚି ଝିଅର ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହାପରେ ଥାନାକୁ ଯାଇ ତାଙ୍କ ଝିଅକୁ ଶାଶୁ ରଜନୀ, ଶଶୁର ଅଇଁଠ, ଦିଅର ଟଙ୍କଧର ଓ ସ୍ୱାମୀ ବିକଳ ହତ୍ୟା କରିଥିବା ଅଭିଯୋଗ କରିଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ

ଟାଙ୍ଗୀ(କଟକ),୩୦।୭(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚପଦା ପଞ୍ଚାୟତ ଅନ୍ତର୍ଗତ କ୍ଷେତ୍ରପାଳ ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କପିଳାସ ସିମେଣ୍ଟ ମାନୁଫ୍ୟାକ୍ଚରିଂ ୱାର୍କ୍ସ ସହଯୋଗରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମକୁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ତଥା ସିଆରସିସି ସମରେନ୍ଦ୍ର କୁମାର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ସିମେଣ୍ଟ କାରଖାନାର ଲୋକ ସମ୍ପର୍କ ଅଧିକାରୀ ନୀଳାମ୍ବର ମିଶ୍ର, ବଳରାମ ଭୂୟାଁ, ସାମାଜିକ କର୍ମୀ ଚିତ୍ତରଞ୍ଜନ ସାମଲ, ନୀହାର ରଞ୍ଜନ ମଲ୍ଲିକ, ଶ୍ରୀପତି ସାମଲ, ରାଜେଶ ରଞ୍ଜନ ଷଡ଼ଙ୍ଗୀ, ନିବାସ ପାଣ୍ଡବ, ଜନ୍ମେଜୟ ଖିଲାର, ପରିଚାଳନା କମିଟି ସଭାପତି କୃପାସିନ୍ଧୁ ନାୟକ, ନାଏବ ସରପଞ୍ଚ କାଦମ୍ବିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଓଷ୍ଟା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ବଣ୍ଟନ



କଟକ ଅଫିସ, ୩୦।୭: ଫନୀ ପ୍ରଭାବିତ କଟକ, ପୁରୀ ଏବଂ ଖୋର୍ଦ୍ଧା ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ କିଟ୍ସ ବଣ୍ଟନ କରାଯାଇଛି। ଉପକୂଳ ଓଡ଼ିଶାରେ ଫନୀର ତାଣ୍ଡବ ପରେ ଓଷ୍ଟାର ଏକ ପ୍ରତିନିଧିମଣ୍ଡଳ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ। ପ୍ରତିନିଧିମଣ୍ଡଳଠାରୁ ରିପୋର୍ଟ ମିଳିବା ପରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୨ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ତେବେ କ୍ଷତିଗ୍ରସ୍ତ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ସହାୟତା ଯୋଗାଇଦେବା ଲାଗି ସଂଘର ରାଜ୍ୟ କାର୍ଯ୍ୟକାରିଣୀ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅନୁଯାୟୀ ସବୁଠାରୁ ଅଧିକ ପ୍ରଭାବିତ ପୁରୀ, ଖୋର୍ଦ୍ଧା ଓ କଟକ ଜିଲାରେ ଗତ ଦୁଇଦିନ ଧରି ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ଦଶମ ଶ୍ରେଣୀରେ ଅଧୟନ କରୁଥିବା ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ଏହି ସହାୟତା ଯୋଗାଇ ଦିଆଯାଇଥିବା ସଂଘର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି। ମହାନ୍ତିଙ୍କ ସହିତ ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, କୋଷାଧକ୍ଷ ପ୍ରେମାନନ୍ଦ ଜେନା, ଅଶୋକ କୁମାର ମହାପାତ୍ର, ଅକ୍ଷୟ କୁମାର ହୋତା, ଶଙ୍କର କୁମାର ସୁବୁଦ୍ଧି, ରଞ୍ଜନ କୁମାର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

■ ବିପର୍ଯ୍ୟୟ ବେଳେ ଧନଜୀବନ ସୁରକ୍ଷା ଲାଗି ରୋଡ୍ ମ୍ୟାପ୍ ପ୍ରସ୍ତୁତି କର୍ମଶାଳା

# 'ଭୟ ଦୂର ପାଇଁ ସଚେତନତା ଆବଶ୍ୟକ'




ଜୋନ୍ ସ୍ତରୀୟ କର୍ମଶାଳାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ବକ୍ତବ୍ୟ ରଖୁଛନ୍ତି।

**କଟକ ଅଫିସ, ୩୦।୭**

ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟରେ କ୍ଷୟକ୍ଷତି ଏବଂ ଧନଜୀବନ ସୁରକ୍ଷା ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତି ସଂକ୍ରାନ୍ତରେ ମଙ୍ଗଳବାର କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜୋନସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟନ କରି ୧୯୯୯ ମହାବାତ୍ୟା ସମ୍ପର୍କିତ ପ୍ରତ୍ୟକ୍ଷ ଅନୁଭୂତି ବଖାଣିଥିଲେ। ଏଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସାହସର ସହିତ ମୁକାବିଲା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଲୋକଙ୍କ ମନରେ ଥିବା ଭୟକୁ ହ୍ରାସ କରିବା ଏବଂ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ ସଚେତନତାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଜିଲାପାଳ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ୫ଟି ମନ୍ତ୍ରକୁ ପ୍ରାକୃତିକ ବିପର୍ଯ୍ୟୟର ଭୟ ହ୍ରାସ ପାଇଁ ଗ୍ରହଣ କରାଯାଇପାରିଲେ ସଫଳତା ମିଳିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦୁଲ ଅଖତର, ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟର ଭୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଓସ୍‌ଡମାର ମୁଖ୍ୟ ସାଧାରଣ ପରିଚାଳକ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସରକାରୀସ୍ତରରେ ପ୍ରାକ୍ ପ୍ରସ୍ତୁତି ସହିତ ପ୍ରଶାସନ ସଜାଗ ରହି ବିପର୍ଯ୍ୟୟ ମୁକାବିଲା ପାଇଁ ସମର୍ଥ କରାଇବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା। କର୍ମଶାଳାରେ ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟର କ୍ଷୟକ୍ଷତି ତଥା ଭୟରୁ ମୁକ୍ତ କରିବା, ପୁନରୁଦ୍ଧାର, ଥଇଥାନ ତଥା ପୂର୍ବାବସ୍ଥା ଫେରାଇ ଆଣିବା ଲାଗି ରୋଡମ୍ୟାପ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। କର୍ମଶାଳାରେ କଟକ ସମେତ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଢେଙ୍କାନାଳ ଓ ଅନୁଗୋଳ ଜିଲାର ପ୍ରତିନିଧିମାନେ ଯୋଗଦେଇଥିଲେ । ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ୧୦ଟି ଗ୍ରୁପ କରାଯାଇ ଆଲୋଚନା ମାଧ୍ୟମରେ ସେମାନଙ୍କର ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କିତ ମତାମତ ନିଆଯାଇଥିଲା । ଏଥିରେ ବନବିଭାଗ, ଶିଶୁ ସୁରକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀମାନେ ଯୋଗଦେଇ ବିପର୍ଯ୍ୟୟ ସମୟ ଓ ସମସ୍ୟାର ସମ୍ମୁଖୀନ ଏବଂ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ଜିଲା ତଥା ରାଜ୍ୟ ପ୍ରୋଗ୍ରାମ ଅଧିକାରୀ, ଜିଲା ଜରୁରିକାଳୀନ ଅଧିକାରୀଙ୍କ ସହିତ ୟୁଏନ୍‌ଡିପି, ୟୁନିସେଫ୍ ଏବଂ ପିପୁଲ୍‌ସ ଫୋରମର ଅଧିକାରୀମାନେ ଯୋଗଦେଇଥିଲେ ।

# ଚାଲାଣକାରୀଙ୍କ କବଳରୁ ଖସିଆସିଲେ ନାବାଳିକା

■ କାନ୍ଦୁଥିବା ଅବସ୍ଥାରେ ଉଦ୍ଧାର କଲା ଚାଇଲ୍ଡ ଲାଇନ

■ ବଖାଣିଲେ ଦୁଃଖ, କାମ କରି ବି ମାଡ଼ ଖାଉଥିଲେ

**କଟକ ଅଫିସ,୩୦।୭**

ଜଣେ ୧୪ବର୍ଷୀୟା ନାବାଳିକାଙ୍କୁ ଚାଲାଣ କରାଯାଉଥିବା ବେଳେ ଚାଇଲ୍ଡ ଲାଇନ ଉଦ୍ଧାର କରିଛି। ନାବାଳିକା ଜଣଙ୍କ କୌଶଳ କ୍ରମେ ଚାଲାଣକାରୀଙ୍କ କବଳରୁ ଖସି ଆସିଥିଲେ। ବିଜୁ ପଟ୍ଟନାୟକ ଛକ ନିକଟରେ ଛିଡ଼ା ହୋଇ କାନ୍ଦୁଥିବାବେଳେ ଲୋକେ ଚାଇଲ୍ଡ ଲାଇନକୁ ଫୋନ କରିଥିଲେ। ଚାଇଲ୍ଡ ଲାଇନ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ସେ ତାଙ୍କ ଚାଲାଣ ପଛର କାହାଣୀ ଚାଇଲ୍ଡ ଲାଇନ କର୍ମକର୍ତ୍ତାଙ୍କୁ କହିଥିଲେ। ସହରରେ ପୋଲିସ ପକ୍ଷରୁ ଚାଲିଥିବା ଶିଶୁକନ୍ୟା ସୁରକ୍ଷା କାର୍ଯ୍ୟକ୍ରମ 'ପରୀ' କେତେ ସଫଳ ତାହା ଏଥିରୁ ଜଣାପଡୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ଘଟଣାରୁ ପ୍ରକାଶ ଯେ, ସମ୍ପୃକ୍ତ ନାବାଳିକାଙ୍କ ଘର ବଡ଼ମ୍ବାର କାନପୁର ଅଞ୍ଚଳରେ। ଗତ ଦୁଇବର୍ଷ ହେବ ସେ ଏସ୍‌ସିବି ମେଡ଼ିକାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗରେ କାର୍ଯ୍ୟରତ ଜନୈକା ସେବିକାଙ୍କ ଘରେ କାମ କରୁଥିଲେ। ନାବାଳିକାଙ୍କ ଜଣେ ସମ୍ପର୍କୀୟ ତାଙ୍କୁ ସେବିକାଙ୍କ ଘରେ ଆଣି ଛାଡ଼ିଥିଲେ। ମାସକୁ ୧୦୦୦ ଟଙ୍କା ଲେଖାଏ ସମ୍ପର୍କୀୟ ଜଣଙ୍କ ନାବାଳିକାଙ୍କ ପରିବାରକୁ ଦେଉଥିବାବେଳେ ବାକି ଟଙ୍କା ଆତ୍ମସାତ କରୁଥିଲେ। ସେବିକା ଜଣଙ୍କ ମାରଧର କରିବାରୁ ନାବାଳିକା ସେହି ସ୍ଥାନ ଛାଡ଼ି ଚାଲି ଯାଇଥିଲେ। ବାଦାମବାଡ଼ି ଛକରେ ଛିଡ଼ା ହୋଇଥିବାବେଳେ କେନ୍ଦ୍ରାପଡ଼ାର ଜଣେ ବ୍ୟକ୍ତି ତାଙ୍କୁ ବୁଝାଶୁଝା କରି ସାଙ୍ଗରେ ନେଇ ଯାଇଥିଲେ। ଏହି ବ୍ୟକ୍ତି ଜଣଙ୍କ ମଙ୍ଗୁଳି ଛକରେ ବସ୍‌ରୁ ଓହ୍ଲାଇ ପଡ଼ିଥିଲେ। ପରେ ଜଣେ ମହିଳାଙ୍କୁ ଡାକି ନାବାଳିକାଙ୍କୁ ହସ୍ତାନ୍ତର କରିଥିଲେ। ମହିଳା ଜଣଙ୍କ ନାବାଳିକାଙ୍କୁ ନେଇ ଗୁରୁଡ଼ିଝାଟିଆରେ ରଖିଥିଲେ। ଏହାର କିଛିଦିନ ପରେ କେନ୍ଦ୍ରାପଡ଼ାର ସମ୍ପୃକ୍ତ ବ୍ୟକ୍ତି ମଦ୍ୟପାନ କରି ମହିଳାଙ୍କ ପାଖକୁ ଯାଇ ନାବାଳିକାଙ୍କୁ ନେବାକୁ ଜିଦ ଧରିଥିଲେ। ନାବାଳିକାଙ୍କୁ ଧରି ଫେରୁଥିବା ବେଳେ ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏହି ସମୟରେ ସୁଯୋଗ ଦେଖି ନାବାଳିକା ଖସି ଆସିଥିଲେ। ସେଠାରୁ ଆସି ବିଜୁପଟ୍ଟନାୟକ ଛକରେ ଛିଡ଼ା ହୋଇଥିବା ବେଳେ ଚାଇଲ୍ଡ ଲାଇନ ତାଙ୍କୁ ଉଦ୍ଧାର କରିଥିଲା। ମଙ୍ଗଳବାର ତାଙ୍କୁ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇଥିବା ବେଳେ ସେ ନିଜ ପରିବାରର ଠିକ ପରିଚୟ ଦେଇ ନ ଥିଲେ। ପରେ ଚାଇଲ୍ଡ ଲାଇନ ତାଙ୍କ ପରିବାରର ଠିକଣା ଯୋଗାଡ଼ କରିଛି। ବୁଧବାର ନାବାଳିକାଙ୍କ ପରିବାର ଲୋକ ଶିଶୁ ମଙ୍ଗଳ କମିଟିରେ ହାଜର ହେବେ। ନାବାଳିକା ଏବେ ମୁକ୍ତାଶ୍ରୟ କେନ୍ଦ୍ରରେ ରହିଛନ୍ତି।

# ବସ୍ତିରୁ ଜଳ ନିଷ୍କାସନ ଦାବିରେ ବିକ୍ଷୋଭ




ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

**କଟକ ଅଫିସ, ୩୦।୭**

ହାଡ଼ିଆପଠା ବସ୍ତିରୁ ଜଳ ନିଷ୍କାସନ ଦାବି ନେଇ ବସ୍ତିବାସୀ ଏକତା ମଞ୍ଚ ପକ୍ଷରୁ ମଙ୍ଗଳବାର ଜଳସମ୍ପଦ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବିପତ୍ର ଦିଆଯାଇଛି। ବିକ୍ଷୋଭ ସଭାରେ ବସ୍ତିନେତା ସେଖ୍ ଅବଦୁଲ୍ଲା ସଭାପତିତ୍ୱ କରିଥିଲେ। ଆଡ୍‌ଭୋକେଟ ହେମେନ୍ଦ୍ର ସାମଲ ଏଥିରେ ଯୋଗଦେଇ ବସ୍ତିବାସିନ୍ଦାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଗତ ୨୦ତାରିଖଠାରୁ ମହାନଦୀ ହାଡିଆପଠାରେ ନଦୀ ମଧରେ ଡ୍ରେଜିଂ କରାଯାଇ ବସ୍ତି ନିକଟ ଜମିକୁ ସମତଳ କରିବାକୁ ବାଲି ପକାଯାଉଛି ଓ ଏହାଦ୍ୱାରା ବସ୍ତିବାସିନ୍ଦାଙ୍କ ଘରେ ପାଣି ପଶିଯାଉଛି ବୋଲି ସେ କହିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲେ ମଧ ପଦକ୍ଷେପ ନିଆଯାଉନାହିଁ ବୋଲି ସେ ଅଭିଯୋଗ କରିଥିଲେ। ସଭାରେ ପ୍ରତାପ ମହାପାତ୍ର, ବିଶ୍ୱନାଥ ବିଶ୍ୱାଳ, ସସ୍ମିତା ସାହୁ, ପ୍ରସାନ ରାଓ, ଦୁର୍ଗୀ ମୁର୍ମୁ, ଭଗବାନ ପ୍ରଧାନ, ଶରତ ନାଏକଙ୍କ ସମେତ ଶତାଧିକ ବସ୍ତିବାସିନ୍ଦା ଉପସ୍ଥିତ ଥିଲେ।

### ଦୋକାନରୁ ଚୋରି: ୨ ଗିରଫ

**ଚୌଦ୍ୱାର,୩୦।୭(ଡି.ଏନ୍.ଏ.)**

ମାର୍ବଲ ଦୋକାନରୁ ଚୋରି ଅଭିଯୋଗରେ ଚୌଦ୍ୱାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ପ୍ରଧାନ ସାହିର ଶୁଭ ରଞ୍ଜନ ନାୟକ ଓ ଗୋପାଳ ନଗରର ନିରଞ୍ଜନ ଜେନା। ଅଭିଯୁକ୍ତଙ୍କ ଘରୁ ୨୭ ପେଟି ଟାଇଲ ଜବତ କରିଛି ପୋଲିସ। ଚୌଦ୍ୱାର କଲେଜ ସମ୍ମୁଖରେ ଥିବା ବ୍ରାହ୍ମଣ ସାହିର ବୈକୁଣ୍ଠ ପୃଷ୍ଟଙ୍କ ମାର୍ବଲ ଦୋକାନରେ ଅଭିଯୁକ୍ତଦ୍ୱୟ ପୂର୍ବରୁ କାମ କରୁଥିଲେ। ସୋମବାର ରାତିରେ ବୈକୁଣ୍ଠ ଦୋକାନ ବନ୍ଦକରି ଘରକୁ ଯିବାପରେ ଅଭିଯୁକ୍ତଦ୍ୱୟ ୨୭ପେଟି ଭେଟ୍ରିଫାଏଡ଼ ଟାଇଲ ଚୋରାଇ ନେଇଥିଲେ। ବୈକୁଣ୍ଠଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୪୦/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

### ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

**ଚୌଦ୍ୱାର,୩୦।୭(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅନ୍ତର୍ଗତ ଅଙ୍ଗତରାଡିହ ଗ୍ରାମର ନବକିଶୋର ସ୍ୱାଇଁଙ୍କ ଘରୁ ସୋମବାର ରାତିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ୩୫ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ନବକିଶୋରଙ୍କ ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ପରିବାର ଲୋକ ଶୋଇଯିବା ପରେ ଦୁର୍ବୃତ୍ତମାନେ ବାଡ଼ିପଟ କବାଟ ଭାଙ୍ଗି ଘରେ ପଶିଥିଲେ। ଏହାପରେ ଦୁର୍ବୃତ୍ତମାନେ ଆଲମିରାରୁ ୩୫ ହଜାର ଟଙ୍କା ଏବଂ ସୁନା ଅଳଙ୍କାର ଚୋରି କରି ନେଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୪୧/୧୯) ରୁଜୁ କରି ତଦନ୍ତ ଚଳାଇଛି।

### ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ସ୍ମାରକପତ୍ର



ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଅନ୍ତେବାସୀ।

**କଟକ ଅଫିସ, ୩୦।୭**

କଟକ ସହରସ୍ଥ ସିଡିଏ-୬ ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗିରହିଛି। ଏଠାକାର ଜୟପ୍ରକାଶ ନାରାୟଣ ପାର୍କ ନବୀକରଣ ନିମନ୍ତେ ପୂର୍ବତନ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା। କଟକ ଉନ୍ନୟନ କର୍ତ୍ତୃପକ୍ଷ ଏହି ପାର୍କର ପାଚେରି କାମ ହାତକୁ ନେଇଥିଲେ। ପାଚେରି ନିର୍ମାଣ ମାତ୍ର ୨୦ପ୍ରତିଶତ ସରିଛି। ସେହିପରି ସତୀଚଉରା ଶ୍ମଶାନର ପୁନରୁଦ୍ଧାର ସହ ୨୦୧୮ ଶେଷ ସୁଦ୍ଧା ଏହି କାର୍ଯ୍ୟ ସାରିବା ପାଇଁ ଦିନଧାର୍ଯ୍ୟ ହୋଇଥିଲେ ମଧ ତାହା ଆଜିପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ। ପେଟାନାଳର ପୁନରୁଦ୍ଧାର ଓ ସଫେଇ ସହ ଉଭୟ ପାର୍ଶ୍ୱରେ ପାଚେରି ନିର୍ମାଣ ପାଇଁ ବାରମ୍ବାର ଦାବି ହୋଇଆସୁଛି। କିନ୍ତୁ ପାଚେରି ନିର୍ମାଣ ହୋଇନାହିଁ। ପେଟାନାଳ ନିକଟସ୍ଥ ଜଳାଶୟ ପୁନରୁଦ୍ଧାର କରି ସୁନ୍ଦର ପୋଖରୀ ନିର୍ମାଣ କଲେ ଶ୍ମଶାନକୁ ଶବଦାହ ଲାଗି ଆସୁଥିବା ବ୍ୟକ୍ତିମାନେ ଗାଧୋଇବା ସହ ମାଛ ଚାଷ ମଧ କରାଯାଇପାରିବ। ଗେଲ୍ ଇଣ୍ଡିଆ ଉକ୍ତ ଅଞ୍ଚଳରେ ଗ୍ୟାସ ପାଇପ ବିଛାଇବା ନିମନ୍ତେ ରାସ୍ତା ଖୋଳି ଦେଇଛି। ଏହାର ତୁରନ୍ତ ମରାମତି ପାଇଁ ଦାବି ହୋଇଛି । ଫନୀ ବାତ୍ୟାରେ ବହୁ ଷ୍ଟ୍ରିଟଲାଇଟ୍ ଭାଙ୍ଗି ଯାଇଥିବାବେଳେ ଅନେକ ଷ୍ଟ୍ରିଟ ଲାଇଟ ଜଳୁନାହିଁ। ଫଳରେ ଉକ୍ତ ଅଞ୍ଚଳରେ ଚୋରି ବୃଦ୍ଧି ପାଉଛି। ଏସବୁ ସମସ୍ୟା ନେଇ ସିଡିଏ ସେକ୍ଟର-୬ ବାସିନ୍ଦା ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ଏହାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଏହି ଅବସରରେ ଶିଶିର ଦାସ, ଅରୁଣ କୁମାର ପଣ୍ଡା, ସୁଜାତା ପଟ୍ଟନାୟକ, ଗଦାଧର ସାହୁ, ସତ୍ୟ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ୩୦ବର୍ଷ ପରେ ନିଲାମ ହେଲା ପଞ୍ଚାୟତ ପୋଖରୀ

**କଟକ ସଦର,୩୦।୭(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ତତ୍ତ୍ୱାବଧାନରେ ଥିବା ମହୁରା ପୋଖରୀର ନିଲାମ ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପୋଖରୀକୁ ୨୦ ହଜାର ୫୦୦ ଟଙ୍କାରେ ନିଲାମ କରାଯାଇଥିଲା। ୩୦ବର୍ଷ ପରେ ଏହି ପୋଖରୀର ନିଲାମ ପାଇଁ କଟକ ସଦର ଉପଜିଲାପାଳ ଅନୁମତିପ୍ରଦାନ କରିଥିଲେ। ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଯାଜ୍ଞସେନୀ ଗୋଚ୍ଛାୟତଙ୍କ ଉପସ୍ଥିତିରେ ନିଲାମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ପୋଖରୀକୁ ନିଲାମ କରିବା ପାଇଁ ବାରମ୍ବାର ଆଇନଗତ ପ୍ରତିବନ୍ଧକ ସୃଷ୍ଟି ହେବାରୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପତ୍ରସଂଖ୍ୟା ୨୧୦୬୮/୨୩।୧୦।୨୦୦୦ ରେ ସମ୍ପୃକ୍ତ ପଞ୍ଚାୟତ ନିଜ ତତ୍ତ୍ୱାବଧାନରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୧୯୮୮ରେ ପ୍ରାୟ ୫ଏକର ପରିମିତ ଏହି ପୋଖରୀ ନିଲାମକୁ ନେଇ ମାମଲା ଓଡ଼ିଶା ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ୨୦୧୦-୨୦୧୭ ମଧରେ ପଞ୍ଚାୟତ ପକ୍ଷରୁ ପୋଖରୀ ଉନ୍ନତି ପାଇଁ ସାଢେ ୩ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାଛଚାଷ ପାଇଁ ସୁବିଧା ନ ହେବାରୁ ସର୍ବସାଧାରଣରେ ନିଲାମ ପାଇଁ ପଞ୍ଚାୟତ ପକ୍ଷରୁ ଉପଜିଲାପାଳଙ୍କୁ ସୁପାରିସ କରାଯାଇଥିଲା।

■ ଫନୀ କ୍ଷତିଗ୍ରସ୍ତ ତାଲିକାରେ ଅନିୟମିତତା

# ଓଡ଼ିଶା କୃଷକ ସଭାର ଗଣଧାରଣା

**ଟାଙ୍ଗୀ(କଟକ),୩୦।୭(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶାଳଗାଁ ପଞ୍ଚାୟତରେ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ତାଲିକା ପ୍ରସ୍ତୁତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରକୃତ କ୍ଷତିଗ୍ରସ୍ତ ଲୋକ ବଞ୍ଚିତ ହୋଇଥିବାବେଳେ ଅଯୋଗ୍ୟ ଲୋକଙ୍କୁ ସାମିଲ କରାଯାଇଛି। ଏହାର ପ୍ରତିବାଦରେ ଓଡ଼ିଶା କୃଷକ ସଭା ଶାଳଗାଁ ଶାଖା ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସମ୍ପାଦକ ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତି ସଭ୍ୟ ରମେଶ ବେହେରା, ବିଷ୍ଣୁ ବେହେରା, ଡମ୍ବରୁଧର ସାହୁ, ପର୍ଶୁରାମ ମହାରଣା, କାଙ୍ଗାଳି ରାଉତ, ରୋହିତ ମଲ୍ଲିକ, ଲକ୍ଷ୍ମୀଧର ସ୍ୱାଇଁ, ବିଜୟ ସେନାପତି, ସିପିଆଇ(ଏମ୍) ନେତା ବଦ୍ରି ନାରାୟଣ ଦାଶ ଓ ପୁଷ୍ପା ଦାଶ ପ୍ରମୁଖ ଯୋଗଦେଇ ଜରିପାଲ ବଣ୍ଟନ ଓ ଘରଭଙ୍ଗା ହିତାଧିକାରୀ ତାଲିକା ସାର୍ବଜନୀନ କରିବାକୁ ଦାବି କରିଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ, ରାଜସ୍ୱ ନିରୀକ୍ଷକ ସୌରୀ ହାତୀ ଓ ସହକାରୀ ଅଞ୍ଜନା ସାହୁ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ତାଲିକା ପ୍ରକାଶିତ ହେବ ବୋଲି ଅତିରିକ୍ତ ତହସିଲଦାର ସାମନ୍ତରାୟ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।




ଧାରଣାରେ ବସିଥିବା ଓଡ଼ିଶା କୃଷକ ସଭାର କର୍ମକର୍ତ୍ତାମାନେ।

# ସହରର ବିଭିନ୍ନ ସମସ୍ୟା ନେଇ ଆଲୋଚନା

**କଟକ ଅଫିସ, ୩୦।୭**

କଟକ ସହରରେ ବିଭିନ୍ନ ସମସ୍ୟା ଲାଗିରହିଛି। ଡ୍ରେନେଜ ସମସ୍ୟା ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ବର୍ଷା ହେଲେ ଲୋକେ ଜଳବନ୍ଦୀ ହୋଇପଡୁଛନ୍ତି। ଦୀର୍ଘଦିନରୁ ଏହି ସମସ୍ୟା ଲାଗିରହିଥିଲେ ମଧ ଏପର୍ଯ୍ୟନ୍ତ ଦୂର ହୋଇପାରିନାହିଁ। ଏଥିଯୋଗୁ ସହରବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ମଙ୍ଗଳବାର କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ପରିସରରେ ବିଧାୟକ ସୌଭିକ ବିଶ୍ୱାଳ ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ବିଶେଷକରି ଡ୍ରେନେଜ ସମସ୍ୟା ଦୂର, ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ପାର୍କର ମରାମତି, ସମସ୍ତ ପାର୍କରେ ଆଲୋକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜୀବ ଆବାସ ଯୋଜନାରେ କେତେ ଗରିବ ଲୋକଙ୍କୁ ଘର ମିଳିଛି, କେତେ ଲୋକଙ୍କୁ ମିଳିବା ବାକି ଅଛି ଏବଂ କେବେ ମିଳିବ ଆଦି ପଚାରି ବୁଝିଥିଲେ ବିଧାୟକ ବିଶ୍ୱାଳ। ଏଥିସହ ଜଳାଶୟ ଗୁଡ଼ିକର ସ୍ଥିତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିଥିଲେ। ଯୋବ୍ରା ନିକଟରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସେ ପରାମର୍ଶ ଦେଇଥିଲେ। ଯୋବ୍ରାରେ ଭେଣ୍ଡିଂ ଜୋନ କିପରି କାର୍ଯ୍ୟକାରୀ ହୋଇପାରିବ, ଗୋଷ୍ଠୀ ଶୌଚାଳୟ କେତୋଟି ଏବଂ କେଉଁ କେଉଁ ଜାଗାରେ ଅଛି, ତାହା ସୁଚାରୁରୂପେ କାର୍ଯ୍ୟ କରୁଛି କି ନାହିଁ, ପବ୍ଲିକ ଟଏଲେଟରୁ କେତେ ଟଙ୍କା ଆଦାୟ ହେଉଛି ଆଦି ପଚାରି ବୁଝିଥିଲେ। ସମସ୍ୟା ଦୂର ପାଇଁ ପଦକ୍ଷେପ ନେବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କମିଶନର ଅନନ୍ୟା ଦାସ କହିଛନ୍ତି, ବୈଠକରେ ଯେଉଁ ସବୁ କାର୍ଯ୍ୟ ଆଲୋଚନା ହେଲା ସେଗୁଡ଼ିକୁ ଯଥାଶୀଘ୍ର ସିଏମ୍‌ସି ପୂରା କରିବାକୁ ଚେଷ୍ଟା କରିବ। ଯେପରି ଆଗାମୀ ଦିନରେ ଲୋକେ ସମସ୍ତ ସୁବିଧା ପାଇପାରିବେ ସେଥିଲାଗି ଚେଷ୍ଟା ଜାରି ରହିବ। ଏହି ବୈଠକରେ ଅନ୍ୟମାନଙ୍କ ମଧରେ ସିଏମ୍‌ସି ଅତିରିକ୍ତ କମିଶନର ଜୟନ୍ତ ନାରାୟଣ ଷଡଙ୍ଗୀ, ଡେପୁଟି କମିଶନର (ସ୍ଲମ) ଦେବାଶିଷ ମହାନ୍ତି, ସେକ୍ରେଟାରୀ ଲତାଶ୍ରୀ ବାଗଙ୍କ ସମେତ ସିଏମ୍‌ସିର ଯନ୍ତ୍ରୀ ଏବଂ ଅଧିକାରୀମାନେ ଯୋଗଦେଇଥିଲେ।



ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

### ବିଧାୟକଙ୍କ ସମୀକ୍ଷା ବୈଠକ



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି, ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ। -ସ୍ୱାମୀ ଶିବାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ଖୋର୍ଦ୍ଧାର ସ୍କୁଟି ପୁରୀରୁ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୩୦।୭:** ଖୋର୍ଦ୍ଧାରୁ ଚୋରି ହୋଇଥିବା ସ୍କୁଟିକୁ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପୁରୀରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ସେହିଭଳି ସ୍କୁଟି ଖୋଜୁ ଖୋଜୁ ଆଉ ଏକ ବାଇକ୍ ମଧ ଅନୁରୂପ ଭାବେ ଜବତ ହୋଇଛି। ସ୍କୁଟି ଚୋରି ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମଠସାହିର ଅବିନାଶ ସାହୁ(୨୦) ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅବିନାଶଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ରବିବାର ଫାୟାର ଷ୍ଟେଶନ ନିକଟରୁ ଏକ ସ୍କୁଟି ଚୋରି ହେବା ପରେ ପୋଲିସ ନଂ. ୨୨୩/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### ଏସ୍‌ଟିଏଫ୍‌ର ଟ୍ରାକ୍ ଚେଞ୍ଜ
### ନେତା, ସରକାରୀ ବାବୁଙ୍କ ବଢୁଛି ରକ୍ତଚାପ

**ଖୋର୍ଦ୍ଧା ଅଫିସ,୩୦।୭ :** ନିଶା ଓ ଖଣି କାରବାରରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୧୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଜେଲରେ ଭର୍ତ୍ତି କରି ସାରିଲାଣି। ତେବେ ଏସ୍‌ଟିଏଫ୍‌ର କେତେବେଳେ ଖଣି ଓ ଆଉ ଅନ୍ୟ ସମୟରେ ନିଶା ଉପରେ ଚଢ଼ାଉ କରୁଛି। କିଛିଦିନ ତଳେ ଖଣି ଓ କ୍ରଶର ଉପରେ ଚଢ଼ାଉ ଚାଲୁ ରହିଥିବାବେଳେ ମଙ୍ଗଳବାର ଖୋର୍ଦ୍ଧାରେ କେତେଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କ ଘରେ ଚଢ଼ାଉ ଚାଲିଛି। ଏସ୍‌ଟିଏଫ୍‌ର ବାରମ୍ବାର ଟ୍ରାକ ଚେଞ୍ଜ ହେବାରୁ ଭୟଭୀତ ହୋଇ ପଡିଛନ୍ତି ସଂପୃକ୍ତି ଥିବା କେତେକ ନେତା, ସରକାରୀ ବାବୁ ଓ କର୍ମଚାରୀମାନେ। ଖଣି ଖାଦାନ ଓ କ୍ରଶରରେ ଯାଞ୍ଚ ପରେ ଦୁର୍ନୀତିର ଗନ୍ଧ ମିଳିଛି। ସେହିପରି ନିଶାରେ ମଧ କିଛି ନେତା, ଖବରଦାତା, ସରକାରୀ ବାବୁ ଓ କର୍ମଚାରୀମାନଙ୍କର ସମ୍ପୃକ୍ତି ତଦନ୍ତରୁ ଜଣାପଡିଛି। ଅପରପକ୍ଷେ ଖୋର୍ଦ୍ଧା ଆଦର୍ଶ ଥାନାର କେତେଜଣ ପୋଲିସ ନିଶା କାରବାରରେ ଲିପ୍ତ ଛୋଟାଙ୍କଠାରୁ ଚାନ୍ଦା ନେଇ ଘର ତିଆରି କରିଥିବା ମଧ ଜଣାପଡିଲାଣି। ଉଭୟ କାରବାରରେ ସମ୍ପୃକ୍ତି ଥାଇ କେତେଜଣ ଫେରାର ହୋଇଯାଇଥିଲେ ହେଁ ସେମାନଙ୍କ ଉପରେ ଏସ୍‌ଟିଏଫ୍ ଏକ ନକ୍ସା ପ୍ରସ୍ତୁତ କରି ସାରିଛି। ସେହିପରି ଫେରାର ନ ହୋଇ ମୁହଁ ଫୁଟାଣି ଦେଖାଉଥିବା କେତେଜଣଙ୍କୁ ମଧ ସାବାଡ କରିବାକୁ ଏସ୍‌ଟିଏଫ୍ ଗିରଫ କରିବାକୁ ପ୍ରସ୍ତୁତି ଚଳାଇଛି। ଏହା ଜଣାପଡିବା ପରେ ଅନେକଙ୍କର ଉଚ୍ଚ ରକ୍ତଚାପ ବଢ଼ି ଯାଉଛି। ଆଉ କେତେଜଣ କୌଣସି କାର୍ଯ୍ୟାନୁଷ୍ଠାନ ହେବନି ବୋଲି କହି ପୁରୁଣା ଢାଞ୍ଚାରେ ମାସିକ କୋଟା ଓ ଉପହାର ନେଇ ଚାଲିଛନ୍ତି। ଦେଖାଯାଉ ଏସ୍‌ଟିଏଫ୍‌ର କାର୍ଯ୍ୟାନୁଷ୍ଠାନ ଫାଇଲ କେବେ ପୁଣି ଖୋଲୁଛି।

■ ଖୋର୍ଦ୍ଧା ସହରରେ ବିପଦକୁ ଆମନ୍ତ୍ରଣ

# ପୁରୁଣା ଡ୍ରେନ ପଡ଼ିଛି ମୁକୁଳା

**ନୂଆ ଡ୍ରେନ୍‌ରେ କେତେକ ସ୍ଥାନରେ ପକାଯାଇଛି ସ୍ଲାବ୍**

**ଖୋର୍ଦ୍ଧା ଅଫିସ,୩୦।୭**

ଜିଲା ସଦର ମହକୁମାରେ ଥିବା ଖୋର୍ଦ୍ଧା ସହରର ପୁରୁଣା ଡ୍ରେନଗୁଡିକ ବିପଦସଙ୍କୁଳ ସହ ମୁକୁଳା ପଡିଛି। ନବନିର୍ମିତ ଡ୍ରେନ ଉପରେ କେତେକ ସ୍ଥାନରେ ସ୍ଲାବ ପକାଯାଇଛି। ନିକଟରେ ଡ୍ରେନ ଉପରେ ସ୍ଲାପ ରହିଥିଲେ ମଧ ପକା ନ ଯିବାର କାରଣ ବୁଝାପଡୁନି। ମୋଟାମୋଟି ଭାବେ ମୁକୁଳା ଡ୍ରେନ ବିପଦକୁ ଆମନ୍ତ୍ରଣ କରୁଛି।

ଖୋର୍ଦ୍ଧା ସହରବାସୀଙ୍କ ପ୍ରବେଶ ଦ୍ୱାର ଭାବେ ବିବେଚନା କରାଯାଉଥିବା ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଛକଠାରୁ ଗଜପତି ଛକ ପର୍ଯ୍ୟନ୍ତ ଉଭୟପାର୍ଶ୍ୱରେ ଡ୍ରେନ ନିର୍ମାଣ ଚାଲିଛି। ସେହିପରି ନୂଆ ବସ୍‌ଷ୍ଟାଣ୍ଡଠାରୁ ଚଣ୍ଡିଚୁଆ ରାସ୍ତା, ଗଜପତି ଛକଠାରୁ ବାଇପାସ୍‌ର ଚୈତନ୍ୟ ମଠ ଓ ବାଟମଙ୍ଗଳା ମନ୍ଦିରଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଡ୍ରେନ ଅଧାପନ୍ତରିଆ ହୋଇ ପଡିରହିଛି। ଏଠାରେ ସ୍ଥାନେ ସ୍ଥାନେ ଡ୍ରେନ ଉପରେ ସ୍ଲାପ ପଡିନି। ବାଇପାସ୍‌ର ଶାନ୍ତି କଲ୍ୟାଣ ମଣ୍ଡପଠାରୁ ମହିଳା ମହାବିଦ୍ୟାଳୟ, ଠେଙ୍ଗା ହାଟ ଛକ, ସାମନ୍ତରାପୁର ଛକ ଦେଇ କାମନାବର ସାହି ପର୍ଯ୍ୟନ୍ତ ଗଭୀର ଡ୍ରେନ ରହିଛି। ହେଲେ ଏହା ଉପରେ ସ୍ଲାବ୍ ପକାଯାଇନି। ଗୋଡି ପୋଖରୀଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଡ୍ରେନ୍ ରହିଛି। ମାତ୍ର ଏହା ବ୍ୟବସାୟୀ ଓ କେତେଜଣ ଘରୋଇ ଲୋକଙ୍କ ଦ୍ୱାରା ଜବରଦଖଲରେ ରହିଛି। ତଥାପି ଅଧିକାଂଶ ସ୍ଥାନରେ ସ୍ଲାବ୍ ପକାଯାଇନି। ଜିଲା ମୁଖ୍ୟ ଚିକିତ୍ସାଳୟ, ବରୁଣେଇ ସାହି ରାସ୍ତା ପରି ସହରର ୨୨ଟି ୱାର୍ଡରେ ଥିବା ପୁରୁଣା ଡ୍ରେନ ଉପରେ ସ୍ଲାବ୍ ପକାଯାଇନି। ଖୋର୍ଦ୍ଧା ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ଖୋର୍ଦ୍ଧା ପ୍ରକଳ୍ପ ବିଦ୍ୟାଳୟ ସମ୍ମୁଖରେ ମଧ ଡ୍ରେନ ଉପରେ ସ୍ଲାବ୍ ନାହିଁ। ଛାତ୍ରୀଛାତ୍ରମାନେ ସ୍ଥାନୀୟ ଅଞ୍ଚଳ ଦେଇ ଯାତାୟାତ କରୁଥିଲେ ମଧ ଏଥିପ୍ରତି କାହାରି ନଜର ନାହିଁ। ଖୋର୍ଦ୍ଧା ଜୟୀ ରାଜଗୁରୁ ପାର୍କ ପାଖ ଡ୍ରେନ ଉପରେ ମଧ ସ୍ଲାବ୍ ପକାଯାଇନାହିଁ। ଜିଲାପାଳ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ଖୋର୍ଦ୍ଧା ବିଧାୟକ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ମିଳିତ ଭାବେ ପଦକ୍ଷେପ ନ ନେଲେ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି।



ଜୟୀରାଜଗୁରୁ ପାର୍କ ପାଖ ଡ୍ରେନ ମୁକୁଳା ପଡିଛି ।



ବରୁଣେଇ ସାହି ଡ୍ରେନର କେତେକ ସ୍ଥାନରେ ସ୍ଲାବ ପଡିନି ।

■ ପଞ୍ଜାବ ରାଜ୍ୟ ସମବାୟ ମନ୍ତ୍ରୀଙ୍କ ସହ ୬ ଜଣିଆ ଦଳଙ୍କ ଖୋର୍ଦ୍ଧା ଗସ୍ତ

# ସୌଜନ୍ୟମୂଳକ ସାକ୍ଷାତ୍ କରି ନେଲେ ଷ୍ଟାଟସ ରିପୋର୍ଟ

**ଶିଶୁପାଳଗଡ ସମିତିର କମ୍ପ୍ୟୁଟର କାର୍ଯ୍ୟ ଅନୁଧ୍ୟାନ କଲେ**

**ଖୋର୍ଦ୍ଧା ଅଫିସ,୩୦।୭:**

ପଞ୍ଜାବ ରାଜ୍ୟ ସମବାୟ ମନ୍ତ୍ରୀ ସୁଖ୍ ଜିନ୍ଦର ସିଂ ରାନ୍ଧୁଆଲାଙ୍କ ନେତୃତ୍ୱରେ ପଞ୍ଜାବ ରାଜ୍ୟ ସମବାୟ ବିଭାଗର ନିବନ୍ଧକ ବିକାଶ ଗର୍ଗ, ପଞ୍ଜାବ ଷ୍ଟେଟ କୋପରେଟିଭ ବ୍ୟାଙ୍କ ଏମ୍‌ଡି ଏସ୍.କେ. ବତିଶ୍, ପଞ୍ଜାବ ରାଜ୍ୟ ସମବାୟ ବିଭାଗର ଜେନେରାଲ ମ୍ୟାନେଜର, ଚିଫ୍ ଇନଫରମେଶନ ଅଫିସର ପ୍ରମୁଖ ଏକ ୬ ଜଣିଆ ଦଳ ଏକ ଦିବସୀୟ ଖୋର୍ଦ୍ଧା ଜିଲା ଗସ୍ତରେ ଆସିଥିଲେ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ମିଳନୀ କକ୍ଷରେ ସୌଜନ୍ୟମୂଳକ ସାକ୍ଷାତ ପାଇଁ ଏକ ସଭା ହୋଇଥିଲା। ଏଥିରେ ଓଡ଼ିଶା ରେଜିଷ୍ଟ୍ରାର କୋ ଅପରେଟିଭ ସୋସାଇଟ୍ ବିଭୂତି ଭୂଷଣ ପଟ୍ଟନାୟକ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଶାନ୍ତ କୁମାର ଦାସ, ଓଡ଼ିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ ଏମ୍‌ଡି ଦେବେନ୍ଦ୍ର କୁମାର ଜେନା, ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ମିଶ୍ର, ଉପମହାପ୍ରବନ୍ଧକ ସାରଥି ଶତପଥୀ, ଡିଆରସିଏସ୍ ରୋଜାଲିନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ପଞ୍ଜାବ ରାଜ୍ୟ ସମବାୟ ମନ୍ତ୍ରୀଙ୍କୁ ୨୨ ପୃଷ୍ଠା ସମ୍ବଳିତ ଷ୍ଟାଟସ ରିପୋର୍ଟ ପ୍ରଦାନ କରିଥିଲେ। ଯେଉଁ ରିପୋର୍ଟ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ କେବେ ଆରମ୍ଭ ହେଲା, ଚାଷୀଙ୍କୁ ଋଣ, ଚାଷୀ ସଂଖ୍ୟା ପରି ବିଭିନ୍ନ ଡାଟା ରହିଛି। ପଞ୍ଜାବ ସମବାୟ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ ଖୋର୍ଦ୍ଧା ସଦର ଶାଖା ଓ ଖୋର୍ଦ୍ଧା ମହିଳା ବ୍ୟାଙ୍କ ବୁଲି ଦେଖିଥିଲେ। ପରେ ଭୁବନେଶ୍ୱରର ଶିଶୁପାଳଗଡ ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ଯାଇଥିଲେ। ସେଠାରେ କମ୍ପ୍ୟୁଟର ମାଧ୍ୟମରେ କିପରି ସମିତିର ଦୈନନ୍ଦିନ କାର୍ଯ୍ୟ ହେଉଛି ଅନୁଧ୍ୟାନ କରିବା ସହ ପଚାରି ବୁଝିଥିଲେ।



ପଞ୍ଜାବ ସମବାୟ ମନ୍ତ୍ରୀଙ୍କ ସହ ଅନ୍ୟମାନେ ।

■ ଉଦ୍‌ଘାଟନ ହେଲା ପରୀ ୩ କାର୍ଯ୍ୟକ୍ରମ

# ଉଦ୍ଧାର ୭ ଶିଶୁ, କିଶୋର ଶ୍ରମିକରୁ ୬ ଜଣ ଗଲେ ଶେଲ୍ଟର ହୋମ

**ଖୋର୍ଦ୍ଧା ଅଫିସ,୩୦।୭:**

ଜିଲା ସଦର ମହକୁମାର ପରୀ ୩ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟନ ହୋଇଛି। ଖୋର୍ଦ୍ଧା ଆଦର୍ଶ ଥାନାରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ହୋଇଥିଲା। ବୁଧବାର ପୁଣି ଖୋର୍ଦ୍ଧା ଆଦର୍ଶ ଥାନାରେ ହେବ। ଜିଲା ମୁଖ୍ୟାଳୟର ମାନବ ଅଧିକାର ସୁରକ୍ଷା ସେଲର ଇନ୍ସପେକ୍ଟର ଅର୍ଚ୍ଚନା ମଲ୍ଲିକଙ୍କ ନେତୃତ୍ୱରେ ସହକାରୀ ଶ୍ରମଅଧିକାରୀ ପ୍ରଜ୍ଞା ପରମିତା ସାହୁ, ଟାଉନ ଥାନା ଏସ୍‌ଆଇ ମାଧବ ଚନ୍ଦ୍ର ବସ୍ତିଆ, ଚାଇଲ୍ଡରନ ଲାଇନ ୨ସଦସ୍ୟ ପ୍ରମୁଖ ଚଢ଼ାରେ ସାମିଲ ହୋଇ ୭ଜଣ ଶିଶୁ ଓ କିଶୋର ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି। ଏଥିରୁ ଜଣଙ୍କର ୧୮ ବର୍ଷରୁ ଅଧିକ ହୋଇଥିବାରୁ ତାଙ୍କୁ ମା'ଙ୍କୁ ହସ୍ତାନ୍ତର କରାଯାଇଛି । ଅନ୍ୟ ୬ଜଣଙ୍କୁ ସିଡବ୍ଲୁସିରେ ହାଜର କରାଯାଇ ଜଟଣୀର ସେଲ୍ଟର ହୋମକୁ ପଠାଯାଇଛି। ଖୋର୍ଦ୍ଧା କୋର୍ଟ ସମ୍ମୁଖରେ ଥିବା ଶହୀଦ୍ ଡ୍ରେସ ଦୋକାନରୁ ଜଣେ, ଆଦିତ୍ୟ ପାଉରୁଟି ଫ୍ୟାକ୍ଟ୍ରିରୁ ୩ ଜଣ, ପୃଷ୍ଟି ଅଟୋ ୱାର୍କ ସପରୁ ଜଣେ, ଜୟ ଭବାନୀ ପାଉରୁଟି ଫ୍ୟାକ୍ଟ୍ରିରୁ ଜଣେ, ଶରଧାପୁର ଆଲ୍ଲାଉଦ୍ଦିନ ଗ୍ୟାରେଜରୁ ଜଣଙ୍କୁ ଉଦ୍ଧାର କରାଯାଇଥିଲା।




ଉଦ୍ଧାର ହୋଇଥିବା ପିଲାମାନେ ।

### ମୋବାଇଲ ଚୋରି କରି ଜେଲ ଗଲେ ଅଭିଯୁକ୍ତ

**ଖୋର୍ଦ୍ଧା ଅଫିସ,୩୦।୭:** ମୋବାଇଲ ଚୋରି ଅଭିଯୋଗରେ ସାମନ୍ତରାପୁରର ସୂର୍ଯ୍ୟକାନ୍ତ ପଣ୍ଡିତରାୟ ଓରଫ ପିଣ୍ଟୁ (୨୪)ଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ପିଣ୍ଟୁଙ୍କୁ ଖୋର୍ଦ୍ଧା ସବଜେଲକୁ ଯିବାକୁ ପଡିଛି। ସୋମବାର ସନ୍ଧ୍ୟାରେ ଖୋର୍ଦ୍ଧା ତହସିଲ ସମ୍ମୁଖ ଏକ ମୋବାଇଲ ଦୋକାନରୁ ୨୫ ହଜାର ଟଙ୍କାର ମୋବାଇଲ ଚୋରି ହୋଇଥିଲା। ସ୍ଥାନୀୟ ଲୋକ ପିଣ୍ଟୁଙ୍କୁ ଧରି ମୋବାଇଲ ଉଦ୍ଧାର କରି ମାରପିଟ୍ କରି ପୋଲିସ ଜିମା ଦେଇଥିଲେ। ପୋଲିସ ନଂ. ୨୨୫/୧୯ରେ ମାମଲା ରୁଜୁ କରି ପିଣ୍ଟୁଙ୍କୁ ଗିରଫ କରିଥିଲା।

### ଚାରାରୋପଣ

**ବୋଲଗଡ଼,୩୦।୭ (ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ପାଟବନ୍ଧସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବନ୍ଧର ନିମ୍ନ ଅଞ୍ଚଳରେ ମଙ୍ଗଳବାର ବିଭିନ୍ନ ପ୍ରକାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା'ବୁଢୀଦେଈ ସିଂହନାଦ ଜଳ ବ୍ୟବହାରକାରୀ ସଂଘ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଅଁଳା, ଆକାଶୀ, ପଟାସ, ଶାଗୁଆନ ଏବଂ କରଞ୍ଜ ଆଦି ବୃକ୍ଷର ଚାରାରୋପଣ କରାଯାଇଥିଲା। ସଂଘ କର୍ମକର୍ତ୍ତା, ସଦସ୍ୟା/ସଦସ୍ୟ ଓ କ୍ଷୁଦ୍ର ଜଳସେଚନ ବିଭାଗର ସ୍ଥାନୀୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

■ ବଢୁଛି ମାଙ୍କଡା ପଥର, ମୋରମ ଚୋରାଚାଲାଣ

# ନିର୍ମାଣ ହେଉଛି ଆବାସ ଯୋଜନାର ଘର

**ଖୋର୍ଦ୍ଧା ଅଫିସ,୩୦।୭**

■ମାସିକ ହାତଗୁଞ୍ଜା ପକାଇଛି ମୁହଁରେ ତାଲା

■ଯାଞ୍ଚ ହେଉନି ନିଲାମ ଖଣିର ବେଆଇନ କାର୍ଯ୍ୟ

ଖୋର୍ଦ୍ଧା ଜିଲାରେ ମାଙ୍କଡା ପଥର, ମୋରମ ଖଣି ଖନନ ଅବାଧରେ ଚାଲିଛି। ଏହାର ଚୋରା ଚାଲାଣକୁ ପ୍ରଶାସନ ରୋକି ପାରୁନି। ମାସିକ ହାତଗୁଞ୍ଜା କାରଣରୁ ଧରପଗଡ ହେଉ ନ ଥିବା ଅଭିଯୋଗ ହୋଇ ଆସୁଛି। ଏହି କାରବାରରେ କେତେଜଣ ରାଜନେତା, ଅଫିସର ଓ କର୍ମଚାରୀ, ଖଣି ଚୋରଙ୍କ ମେଣ୍ଟ ହୋଇଥିବା କୁହାଯାଉଛି। ଅନ୍ୟପକ୍ଷେ ବୋଲଗଡ ତହସିଲରେ ୬, ବେଗୁନିଆରେ ୧, ଭୁବନେଶ୍ୱର ତହସିଲରେ ୨, ଟାଙ୍ଗୀ ତହସିଲରେ ୧୧, ବାଲିଅନ୍ତାରେ ୬, ବାଲିପାଟଣାରେ ୩ ଏପରି ୨୯ ଗୋଟି ନିଲାମ ଖଣିର ମଧ ଯାଞ୍ଚ ହେଉ ନ ଥିବା ଅଭିଯୋଗ ରହିଛି। ରାଜସ୍ୱ ଅଧିକ ପାଇବାକୁ ୫୭ ଓ ୧୬ ନଂ. ଜାତୀୟ ରାଜପଥରେ କୋଚିତ ସମୟ ଧରପଗଡ ହେଉଛି। ଧରା ପଡୁଥିବା ଗାଡିକୁ ଫାଇନ ହେଉଛି। ଆଉ କେତେକ ଜବତ ଗାଡିକୁ ପ୍ରିୟାପ୍ରୀତି ତୋଷଣ କରି ଛାଡି ଦିଆଯାଉଛି। ଅନ୍ୟପକ୍ଷେ ଯଦି ମାଙ୍କଡା ପଥରକୁ ବେଆଇନ ଭାବେ ପ୍ରଶାସନ ଜବତ କରୁଛି ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଯୋଜନା, ସରକାରୀ କାର୍ଯ୍ୟାଳୟରେ ନିର୍ମାଣ ହୋଇଥିବା ଅଧିକାଂଶ ଘର ଓ ପାଚେରି କିପରି ବିଲ୍ ମଞ୍ଜୁର ହେଉଛି। ଏହାର ଧରପଗଡ କରାଗଲେ ଆବାସ ଯୋଜନା ପରି ଅନେକ ସରକାରୀ ଯୋଜନା ପଛାଇ ଯିବ। ତେବେ ପ୍ରଶାସନର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ପ୍ରଶାସନ ପକ୍ଷରୁ ମାଙ୍କଡା ଓ ମୋରମ ଖଣିଗୁଡିକ ନିଲାମ କରା ଯାଆନ୍ତା ତେବେ ସରକାର ଲାଭରେ ରୁହନ୍ତେ। କେତେଜଣ ପଥର ଚୋର ରାତାରାତି ବଡଲୋକ ହୋଇ ପାରି ନ ଥାନ୍ତେ। ପୁଣି କେତେଜଣ ଅଫିସର ଓ କର୍ମଚାରୀ ଅନୁରୂପ ଭାବେ କଳାଧନରେ ଧନୀ ହେଉ ନ ଥାନ୍ତେ। ଏଭଳିସ୍ଥଳେ ଏସ୍‌ଟିଏଫ୍‌ର ନଜର ମାଙ୍କଡା ଓ ପଥର ଖଣି ଉପରେ ପଡୁ ନାହିଁ।

■ କୃଷ୍ଣପ୍ରସାଦରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଅଭିଯୋଗ

# ବୃଦ୍ଧି ପାଉଛି ଅସାମାଜିକ କାର୍ଯ୍ୟ, ନିଷ୍କ୍ରିୟ ପୋଲିସ

**ଲୋକେ ସୁରକ୍ଷିତ ମନେ କରୁନାହାନ୍ତି**

**କୃଷ୍ଣପ୍ରସାଦ,୩୦।୭(ଡି.ଏନ.ଏ.)–** ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ଗତ କିଛିମାସ ହେବ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଠାରେ ଦିନକୁ ଦିନ ବେଆଇନ ନିଶା କାରବାର, ଚୋରି, ଡକାୟତି, ହତ୍ୟା ଆଦି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଲୋକେ ନିଜକୁ ସୁରକ୍ଷିତ ମନେ କରୁ ନ ଥିବା ଜଣାପଡ଼ିଛି। ଏହି ପରିସ୍ଥିତିରେ ପୋଲିସର ନୀରବ ଓ ନିଷ୍କ୍ରିୟତା ଜନସାଧାରଣଙ୍କୁ ଅଧିକ ଚିନ୍ତିତ ଓ ଭୟଭୀତ କରୁଛି। ସୂଚନାଯୋଗ୍ୟ, କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ରହିଛି ମାଲୁଦ ଫାଣ୍ଡି। ଚିଲିକା, ନୂଆପଡ଼ାରେ ରହିଛି ଗୋଟିଏ ଫାଣ୍ଡି । ତେବେ ୨ ଫାଣ୍ଡିରେ ବର୍ଷେ ହେବ କୌଣସି ଅଧିକାରୀ ନାହାନ୍ତି।

ବଜ୍ରକୋଟର ଫଳ ଦୋକାନ, ମାଲୁଦର ଜଗତେଶ୍ୱର ଡ୍ରେସ୍‌ହାଉସ, ମିଟୁ ପୃଷ୍ଟି ରାଶନ ଦୋକାନ ଓ ପିଣ୍ଟୁ ପୃଷ୍ଟି ମୋବାଇଲ ଦୋକାନରୁ ହୋଇଥିବା ଚୋରି ଘଟଣାରେ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବାରେ ଏ ପର୍ଯ୍ୟନ୍ତ ସକ୍ଷମ ହୋଇପାରିନି। ଶିଆଳ ଗାଁରେ ବଧୂହତ୍ୟା ଘଟଣା ନେଇ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶତାଧିକ ଗ୍ରାମବାସୀ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ ମଧ କାହାକୁ ଗିରଫ କରାଯାଇନାହିଁ। କନ୍ହେଇପୁର ଗୋଷ୍ଠୀକନ୍ଦଳ ଘଟଣାରେ ପୋଲିସ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଶେଷରେ ଶାନ୍ତି କମିଟି ଦ୍ୱାରା ସମାଧାନ କରାଯାଇଥିଲା। କୃଷ୍ଣପ୍ରସାଦ ଥାନା ଚତୁଃପାର୍ଶ୍ୱରେ ବେଆଇନ ମଦ ଭଳି ନିଶା କାରବାର ବୃଦ୍ଧି ନେଇ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଥାନାରେ ଅଭିଯୋଗ କରାଯିବାର ୧ ମାସ ବିତିଯାଇଥିଲେ ସୁଦ୍ଧା ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ମାଲୁଦ ଫାଣ୍ଡି ନିକଟ ରାଜାବଜାର ଅଞ୍ଚଳର ଗାଁଦାଣ୍ଡ, ଗଳି ଓ କନ୍ଦିରେ ଚୋରାମଦ କାରବାର, ଗୋରୁଚାଲାଣ ଆଦି କାରବାର ହେଉଛି। ମାଲିକମାନେ ନିଜ ଗୋରୁଗୁଡ଼ିକୁ ଗୁହାଳରେ ନ ରଖି ମାଲୁଦ, ପାରିକୁଦ ବଜାରକୁ ଛାଡିଦେବା ଯୋଗୁ ଦୁର୍ଘଟଣା ଘଟୁଛି। ଏଥିପ୍ରତି ପୋଲିସର କୌଣସି ପଦକ୍ଷେପ ନାହିଁ। ରାତିରେ ପୋଲିସ ପାଟ୍ରୋଲିଂ ହେଉ ନ ଥିବାରୁ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି। ତେଣୁ ପୋଲିସ ପ୍ରତି ଲୋକଙ୍କ ଦିନକୁ ଦିନ ଭରସା ତୁଟିବାରେ ଲାଗିଛି।

ସୂଚନାଯୋଗ୍ୟ, ବଜ୍ରକୋଟ ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ ଘଟଣାର ୨ ମାସ ବିତିଯାଇଥିଲେ ସୁଦ୍ଧା ଏହାର ପର୍ଦ୍ଦାଫାଶ କରିବାରେ ପୋଲିସ ସଫଳ ହୋଇପାରିନି। ଏ ନେଇ ବ୍ୟାଙ୍କ ପରିଚାଳକ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ଲିଖିତ ଅଭିଯୋଗ କରିଥିଲୁ। କିନ୍ତୁ ପୋଲିସ ଏ ପର୍ଯ୍ୟନ୍ତ ଫୁଟେଜ ଦେଖି ତଦନ୍ତ ଆରମ୍ଭ କରିନାହାନ୍ତି । ଏଟିଏମ୍ ବନ୍ଦ ରହିବା ଯୋଗୁ ଗ୍ରାହକ ହଇରାଣ ହେଉଛନ୍ତି। ମାଲୁଦ ଏବଂ ଚିଲିକା ନୂଆପଡ଼ା ଫାଣ୍ଡିରେ ଅଧିକାରୀ ନିଯୁକ୍ତି ପ୍ରସଙ୍ଗ ନେଇ କୃଷ୍ଣପ୍ରସାଦ ଆରକ୍ଷୀ ନିରୀକ୍ଷକ ସୁଧୀର ସାହୁଙ୍କୁ ପଚାରିବାରୁ ଫାଣ୍ଡିରେ ଅଧିକାରୀ ନିଯୁକ୍ତି ଘଟଣା ନେଇ ସେ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରିଥିବା ପ୍ରକାଶ କରିଥିଲେ। କୃଷ୍ଣପ୍ରସାଦ ବ୍ଲକ ୯ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟା ପ୍ରଭାତୀ ପ୍ରଧାନ ଉପରୋକ୍ତ ସମସ୍ୟା ନେଇ କହିଥିଲେ, ୨୫ ବର୍ଷ ମଧ୍ୟରେ ଆଇନଶୃଙ୍ଖଳାକୁ ସଜାଡିବାରେ ବିଫଳ ହୋଇଥିବା ଏଭଳି କେହି ଆରକ୍ଷୀ ନିରୀକ୍ଷକ ଆମ ଥାନାର ଦାୟିତ୍ୱ ଗ୍ରହଣ କରି ନ ଥିଲେ। ବର୍ତ୍ତମାନ ଚୋରି, ବେଆଇନ ମଦ କାରବାର ବୃଦ୍ଧି ପାଉଛି। ଏହି ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ତେଣୁ ସ୍ଥାନୀୟ ଲୋକେ ଦାୟିତ୍ୱରେ ଥିବା ଆରକ୍ଷୀ ନିରୀକ୍ଷକଙ୍କ ବଦଳି ଦାବି କରିଛନ୍ତି।

■ ବେଗୁନିଆରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ସ୍କୁଲରେ ପାଠପଢ଼ା ବେଳେ ବ୍ୟାଙ୍କ ପକ୍ଷରୁ ଋଣମେଳା

**ବେଗୁନିଆ, ୩୦।୭ (ଡି.ଏନ.ଏ.)**

ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ ହେଉଛି। ପିଲାମାନେ ସ୍କୁଲକୁ ପାଠ ପଢିବାକୁ ଯାଉଥିବାବେଳେ ପରିସରରେ ବିଭିନ୍ନ ସଭାସମିତି ପାଇଁ ବ୍ୟବହାର କରାଯାଉଛି। ଯାହାକି ସ୍କୁଲରେ ପଢୁଥିବା ପିଲାମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ବ୍ଲକ ଅଞ୍ଚଳରେ ଥିବା ସ୍କୁଲଗୁଡିକରେ ପୂର୍ବରୁ ଜାତୀୟ ପତାକା ଅବତରଣରେ ବ୍ୟତିକ୍ରମ, ବିଦ୍ୟାଳୟରେ ପିଲାଙ୍କୁ ମାଙ୍କଡା ପଥର ବୁହାଇବା, ଶିକ୍ଷକ ବଦଳି ନୀତିରେ ଅର୍ଥ କାରବାର, ବହୁ ଶିକ୍ଷୟିତ୍ରୀଶିକ୍ଷକ ଠିକ୍ ସମୟରେ ସ୍କୁଲକୁ ନ ଆସିବା, ପିଲାଙ୍କ ପାଇଁ ଆସୁଥିବା ମଧ୍ୟାହ୍ନଭୋଜନ ଚାଉଳକୁ ବାଇକ୍ ଡିକିରେ ଲୁଚାଇ ନେବା ଭଳି ଅଭିଯୋଗମାନ ରହିଥିଲା। ଏ ସମସ୍ତ ପ୍ରସଙ୍ଗରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ତାଗିଦ୍‌କୁ ଶିକ୍ଷୟିତ୍ରୀଶିକ୍ଷକମାନେ ଫୁ କରି ଉଡାଇ ଦେଇଥିଲେ। ଅଭିଯୋଗ ହେଲେ ଏହାକୁ ରାଜନୈତିକ ଚାପ, ଜାତିଆଣ ଆକ୍ଷେପ ଆଣି ଏହାକୁ ଚପାଇ ଦିଆଯାଉଛି। ଏହା ଉପରେ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଇ କେବଳ ଆପୋସ ସମାଧାନ କରି ଦିଆଯାଉଛି। ଏଭଳି ବ୍ୟତିକ୍ରମ ବନ୍ଦ କରା ନ ଗଲେ ବ୍ଲକ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ପଡିବ ବୋଲି ଅକ୍ଷୟ ରଥ, ବଳଭଦ୍ର ପଣ୍ଡା, ସଞ୍ଜୟ ସାହୁ, ରାମନରେଶ ପଣ୍ଡା କହିଛନ୍ତି। ସେହିଭଳି ଆଉ ଏକ ବ୍ୟତିକ୍ରମ ମଙ୍ଗଳବାର ଦେଖିବାକୁ ମିଳିଛି। ସ୍କୁଲରେ ପିଲାମାନଙ୍କୁ ପଢା ଯାଉଥିବାବେଳେ ଏକ ବ୍ୟାଙ୍କ ପକ୍ଷରୁ ଋଣମେଳା କରାଯାଇଥିଲା। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବେଗୁନିଆ ସଦର ମହକୁମାରେ ଥିବା ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ସଭାଗୃହରେ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ବ୍ୟାଙ୍କ ପକ୍ଷରୁ ଋଣ ମେଳା କରାଯାଇଥିଲା। ପ୍ରାୟ ୨ ଘଣ୍ଟା ଧରି ସାଉଣ୍ଡ ବକ୍ସ ବଜାଯାଇ କର୍ମଚାରୀଙ୍କ ପକ୍ଷରୁ ଭାଷଣ ଦିଆଯାଇଥିଲା। ଫଳରେ ଷଷ୍ଠରୁ ୧୦ମ ପର୍ଯ୍ୟନ୍ତ ପଢୁଥିବା ୪ଶହ ଛାତ୍ରୀଛାତ୍ରଙ୍କ ପାଠପଢାରେ ସମସ୍ୟା ଉପୁଜିଥିଲା। ଏହା ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଇଛି। ପ୍ରଧାନ ଶିକ୍ଷକ କାହା ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇଥିଲେ ତାହା ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଣ୍ଡୋଇଙ୍କୁ ପଚାରିବାରେ ସଭାଗୃହରେ ହୋଇଥିବା କାର୍ଯ୍ୟକ୍ରମରେ ପିଲାମାନଙ୍କର ପଢାରେ କୌଣସି ସମସ୍ୟା ଉପୁଜିନାହିଁ ବୋଲି ସେ କହିଥିଲେ। ଏ ସଂକ୍ରାନ୍ତରେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀଙ୍କୁ ପଚାରିବାରେ ସ୍କୁଲରେ ପିଲାଙ୍କୁ ପାଠପଢା ସମୟରେ ସଭାସମିତି କରାଯିବା ଠିକ୍ ନୁହେଁ। ପ୍ରଧାନ ଶିକ୍ଷକଙ୍କୁ ଏ ବିଷୟରେ ପଚାରିବି ବୋଲି କହିଥିଲେ।




ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏକ ବ୍ୟାଙ୍କର ଋଣମେଳାରେ ଉପସ୍ଥିତ ଥିବା କର୍ମଚାରୀଙ୍କ ସହ ସ୍କୁଲର ପ୍ରଧାନ ଶିକ୍ଷକ ଉପସ୍ଥିତ ରହିଛନ୍ତି।



ଯଦି ତୁମର କାହାଠାରୁ କିଛି ସାହାଯ୍ୟ ପାଇବାକୁ ଅଛି,
ତେବେ ତାକୁ ନିଜ ପାଖକୁ ନ ଡକାଇ ତା' ପାଖକୁ ଯାଅ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଶିଶୁ କବିତା ପାଠୋତ୍ସବ

ପୁରୀ ଅଫିସ, ୩୦।୭: ଶିକ୍ଷାଶ୍ରୀ ଶିଶୁ ପାଠାଗାର ତରଫରୁ ଭଗବତୀ ବିଦ୍ୟା ନିକେତନ ପରିସରରେ ମଙ୍ଗଳବାର ଶିଶୁ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଶିଶୁ ସାହିତ୍ୟ ଓ ସାହିତ୍ୟିକମାନଙ୍କ ଉପରେ ଆଲୋକପାତ କରିଥିଲେ। ଏଥିରେ କୈଳାସ ରାୟ, ପ୍ରଭାତ ଚନ୍ଦ୍ର ରଥ, ସତ୍ୟନାରାୟଣ ମିଶ୍ର, ବିଜୟ କୁମାର ଛାଟୋଇ, ବିଜୟଲକ୍ଷ୍ମୀ ଦାଶ, ଦୁର୍ଗାବତୀ ପ୍ରଧାନ, ମିନତୀ ପଟ୍ଟନାୟକ, ତ୍ରିନାଥ ଦାଶ, ଲରେନ୍ସ ମାଝି, କ୍ରିଷ୍ଣା ମହାପାତ୍ର, ପ୍ରଶାନ୍ତ ମଙ୍ଗରାଜ, ଶ୍ୟାମପ୍ରକାଶ ସେନାପତି, ଲକ୍ଷ୍ମୀକାନ୍ତ ଦଳେଇ, ଅର୍ଚ୍ଚନା ମହାପାତ୍ର ପ୍ରମୁଖ କବିତା ପାଠ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିଶୁ ସାହିତ୍ୟିକ ସୂର୍ଯ୍ୟମଣି ସାମନ୍ତରାୟଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମହେନ୍ଦ୍ର ବିଶୋଇ, ଲକ୍ଷ୍ମୀଧର ମାଝି, କବିତା ମିଶ୍ର, ଶିବପ୍ରସାଦ ମିଶ୍ର, ରାକେଶ ଦାଶ ଓ ଜଳନ୍ଧର ବିଶୋଇ।

### ପରିବେଶ ସୁରକ୍ଷା ଲାଗି ଚାରାରୋପଣ କର

ପୁରୀ ଅଫିସ, ୩୦।୭ : ପ୍ରଳୟଙ୍କରୀ ବାତ୍ୟା ଫନୀରେ ପୁରୀ ଜିଲାରେ ବ୍ୟାପକ ଗଛ ନଷ୍ଟ ହୋଇଛି। ପରିବେଶ ସୁରକ୍ଷା ଲାଗି ବୃକ୍ଷରୋପଣର ଆବଶ୍ୟକତା ରହିଛି। ପ୍ରତ୍ୟେକ ବ୍ୟକ୍ତି, ପରିବାର ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିବା ଦରକାର। ଜଣେ ବ୍ୟକ୍ତି ଜୀବନ କାଳ ମଧ୍ୟରେ ଅନ୍ତତଃ ଗୋଟିଏ ଚାରାରୋପଣ କରି ତାହାକୁ ବଡ ହେବା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିପାରିଲେ, ପରିବେଶ ଉପରେ ଏହା ପ୍ରଭାବ ପଡିବ। ଅନ୍ୟ ମାନଙ୍କୁ ପ୍ରେରଣା ଦେବ ବୋଲି ଭାରତ ବିକାଶ ପରିଷଦ ଜଗନ୍ନାଥ ଧାମ ପକ୍ଷରୁ ସଦର ଅଧୀନ ଗୋରୁଆଳ ସ୍ଥିତ ମଦର ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡିଏଫଓ ହର୍ଷବର୍ଦ୍ଧନ ଉଦ୍‌ଗାତା ଏହା କହିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ର, ପରିଷଦ କର୍ମକର୍ତ୍ତା ପ୍ଲାଷ୍ଟିକ ଓ ପଲିଥିନ କୁ ନା କହିଥିଲେ। ଡିଏଫଓ ଉଦ୍‌ଗାତା ଚାରାରୋପଣ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅଧକ୍ଷା ରିଙ୍କୁ ଷଡ଼ଙ୍ଗୀ, ଜଗନ୍ନାଥ ଧାମର ଅଧକ୍ଷ ପଦ୍ମନାଭ ପଣ୍ଡା, ସଚିବ ସୁପ୍ରୀତି ରଥ, ପ୍ରାନ୍ତୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ରଥ, ସମର୍ପଣ ସମ୍ପାଦିକା ଜ୍ୟନ୍ତୀ ମହାପାତ୍ର, ଲାଲା ଅନନ୍ତ ସିଂ, ଡ.ସୁରେନ୍ଦ୍ର କୁମାର ପତି, ରଜତ କୁମାର ମହାପାତ୍ର, ଫରେଷ୍ଟର ଅଜୟ କୁମାର ଦାସ, ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ କବିତା ପାଠୋତ୍ସବ

ପୁରୀ ଅଫିସ, ୩୦।୭: ଶିକ୍ଷାଶ୍ରୀ ଶିଶୁ ପାଠାଗାର ତରଫରୁ ଭଗବତୀ ବିଦ୍ୟା ନିକେତନ ପରିସରରେ ମଙ୍ଗଳବାର ଶିଶୁ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଣକୃଷ୍ଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଶିଶୁ ସାହିତ୍ୟ ଓ ସାହିତ୍ୟିକମାନଙ୍କ ଉପରେ ଆଲୋକପାତ କରିଥିଲେ। ଏଥିରେ କୈଳାସ ରାୟ, ପ୍ରଭାତ ଚନ୍ଦ୍ର ରଥ, ସତ୍ୟନାରାୟଣ ମିଶ୍ର, ବିଜୟ କୁମାର ଛାଟୋଇ, ବିଜୟଲକ୍ଷ୍ମୀ ଦାଶ, ଦୁର୍ଗାବତୀ ପ୍ରଧାନ, ମିନତୀ ପଟ୍ଟନାୟକ, ତ୍ରିନାଥ ଦାଶ, ଲରେନ୍ସ ମାଝି, କ୍ରିଷ୍ଣା ମହାପାତ୍ର, ପ୍ରଶାନ୍ତ ମଙ୍ଗରାଜ, ଶ୍ୟାମପ୍ରକାଶ ସେନାପତି, ଲକ୍ଷ୍ମୀକାନ୍ତ ଦଳେଇ, ଅର୍ଚ୍ଚନା ମହାପାତ୍ର ପ୍ରମୁଖ କବିତା ପାଠ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ରବି ଧାନ ସଂଗ୍ରହରେ ବାତ୍ୟା ବାଧକ

# ୭୩ ପାକ୍ସ ଜରିଆରେ ଧାନ ନେଇଛନ୍ତି ମାତ୍ର ୮ ମିଲର

ପୁରୀ ଅଫିସ, ୩୦।୭:

ଉପକୂଳବର୍ତ୍ତୀ ପୁରୀ ଜିଲା ଚାଷୀଙ୍କ ଜୀବନ ଜୀବିକାର ମୁଖ୍ୟ ଉତ୍ସ ଧାନ ଚାଷ। କାଁ ଭାଁ କେଉଁଠି ପରିବା ଚାଷ କରାଯାଉଛି। କିନ୍ତୁ ଧାନ ଚାଷ ଉପରେ ହିଁ ଅଧିକାଂଶ ଚାଷୀ ପରିବାର ନିର୍ଭରଶୀଳ। କିନ୍ତୁ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଥାଏ ଏହି ଜିଲାର ଚାଷୀ। କେତେବେଳେ ବାତ୍ୟା ଚାଷ ଜମିକୁ ବୁଡ଼ାଇ ଦେଇଥାଏ ତ ପୁଣି କେତେବେଳେ ସମୁଦ୍ର ଆଉ ଚିଲିକାର ଲୁଣା ଜୁଆର ଜମିକୁ ମାଡ଼ିବସେ। ଏହାସତ୍ତ୍ୱେ ଧାନ ଚାଷରୁ ମୁହଁ ଫେରାଇ ନ ଥାନ୍ତି ଚାଷୀ। ଏ ବର୍ଷ ସିନା ମାଡ଼ ଖାଇଲା, ଆର ବର୍ଷକୁ ଭଲ ହେବ ଏମିତି ଆଶା ରଖି ଧାର କରଜ କରି ଅଧିକାଂଶ ଚାଷୀ ଧାନ ଚାଷକୁ ଆଦରି ନେଇଛନ୍ତି। ତେବେ ଅମଳ ପରେ ଧାନ ବିକିବାରେ ବି ଚାଷୀଙ୍କୁ ନାନା ପ୍ରକାର ସମସ୍ୟା ସମ୍ମୁଖୀନ ହେବାକୁ ପଡିଥାଏ। କେତେବେଳେ ଦିନ ଦିନ ଧରି ମଣ୍ଡିରେ ଧାନ ପଡିରୁହେ ତ ପୁଣି କେତେବେଳେ ବର୍ଷା ଖାଇ ନଷ୍ଟ ହେବାର ମଧ୍ୟ ନଜିର ରହିଛି। ତେବେ ୨୦୧୮-୧୯ ରବି ଧାନ ଚାଷକୁ ନେଇ ଅନେକ ଚାଷୀ ଭଲ ଦି ପଇସା ପାଇବେ ବୋଲି ଆଶା ରଖିଥିଲେ। ହେଲେ ବାତ୍ୟା ସବୁକିଛି ବଦଳାଇ ଦେଇଛି। ଅନେକ ଚାଷୀ ଉତ୍ପାଦନରେ କ୍ଷତି ସହିଥିବା ବେଳେ ଧାନ ସଂଗ୍ରହରେ ମଧ୍ୟ ବାଧା ଉପୁଜିଛି। ଧାନ ସଂଗ୍ରହ ନେଇ ଜିଲାକୁ ଯେଉଁ ଧାର୍ଯ୍ୟ ଲକ୍ଷ୍ୟ ଦିଆଯାଇଥିଲା ତାହାର ଅଧା ବି ପୂରଣ ହୋଇପାରିନି। ତେବେ ଫନୀ ଏହାର ପ୍ରମୁଖ କାରଣ ବୋଲି ଜଣାପଡିଛି।

## ଧାର୍ଯ୍ୟ ଲକ୍ଷ୍ୟ ଅଧା ଛୁଇଁଲାନି

ଜିଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୧୮-୧୯ ରବି ଋତୁରେ ୯୫,୫୮୮.୨୩ କୁଇଣ୍ଟାଲ ଧାନ କିଣିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମେ ଓ ଜୁନ୍ ଏହି ଦୁଇ ମାସରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଥିଲା। ତେବେ ଜିଲାର ବିଭିନ୍ନ ବ୍ଲକର ୭୩ଟି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ଜରିଆରେ ମୋଟ ୪୩,୪୭୬.୯୭ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି, ଯାହାକି ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୪୫ ପ୍ରତିଶତ। ଏଥିରେ ମୋଟ ୮ଜଣ ମିଲର ଅଂଶଗ୍ରହଣ କରିଥିଲେ। ଏହି ମିଲରଙ୍କ ମଧ୍ୟରୁ ପୁରୀ ଜିଲାର ୬ଟି ଏବଂ ଗଞ୍ଜାମ ଜିଲାର ୨ଜଣ ମିଲର ରହିଥିଲେ। ତେବେ ଏଥର ଧାର୍ଯ୍ୟ ଲକ୍ଷ୍ୟ ଅଧା ନ ଛୁଇଁବାର ପ୍ରମୁଖ କାରଣ ବାତ୍ୟା ବୋଲି ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେହିପରି ୨୦୧୭-୧୮ରେ ୧,୮୩,୮୨୩.୫୩ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଜିଲାକୁ ଟାର୍ଗେଟ ଦିଆଯାଇଥିବା ବେଳେ ୧,୬୧,୩୩୧.୪୬ କୁଇଣ୍ଟାଲ ଅର୍ଥାତ୍ ଧାର୍ଯ୍ୟ ଲକ୍ଷ୍ୟର ୮୭ ପ୍ରତିଶତ ସଂଗ୍ରହ କରାଯାଇଥିଲା। ଗତବର୍ଷ ୧୮ଟି ମିଲର ଧାନ ସଂଗ୍ରହ କରିଥିଲେ।

୨୦୧୮-୧୯ ବର୍ଷରେ ରବି ଧାନ ସଂଗ୍ରହ ନୈରାଶ୍ୟଜନକ ସ୍ଥିତି ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ କହିଛନ୍ତି, ଏହାର ପ୍ରମୁଖ କାରଣ ହେଉଛି ବାତ୍ୟା ଫନୀ। ସାଧାରଣତଃ ମେ ଏବଂ ଜୁନ୍ ଏହି ଦୁଇମାସରେ ଚାଷୀଙ୍କଠାରୁ ରବି ଧାନ ସଂଗ୍ରହ କରାଯାଇଥାଏ। ହେଲେ ମେ ମାସ ଆରମ୍ଭରୁ ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ପୁରୀ ଜିଲା। ଜିଲାର ପ୍ରାୟ ସବୁ ମିଲ୍ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବା ଭଳି କୌଣସି ମିଲ୍‌ରଙ୍କ ସ୍ଥିତି ନ ଥିଲା। ତଥାପି ବହୁ କଷ୍ଟରେ ଜିଲାର ୬ ଜଣ ମିଲର ଧାନ ସଂଗ୍ରହ କରିଥିଲେ। ଅନ୍ୟପକ୍ଷରେ ଜିଲାର ଚାଷୀଙ୍କଠାରୁ କିପରି ଅଧିକ ଧାନ ସଂଗ୍ରହ କରାଯାଇପାରିବ ସେ ନେଇ ଜିଲାପାଳ ମଧ୍ୟ ଉଦ୍ୟମ କରି ଗଞ୍ଜାମ ଜିଲାର ୨ଜଣ ମିଲରଙ୍କୁ ଡକାଇଥିଲେ। ସେମାନେ ପୁରୀ ଜିଲାର ଚାଷୀଙ୍କଠାରୁ ଧାନ ନେଇଥିଲେ। ଫଳରେ ଧାର୍ଯ୍ୟ ଲକ୍ଷ୍ୟ ୪୫ ପ୍ରତିଶତ ଛୁଇଁପାରିଥିଲା ବୋଲି ଜିଲା ଯୋଗାଣ ଅଧିକାରୀ କହିଛନ୍ତି। ୨୦୧୭-୧୮ରେ ୧୮ ଜଣ ମିଲର ଧାନ ସଂଗ୍ରହ କରିଥିବା ବେଳେ ଏଥର ମାତ୍ର ୮ ଜଣ ଅଂଶଗ୍ରହଣ କରିଥିଲେ। ସେହିପରି ବାତ୍ୟା ଯୋଗୁ ମଧ୍ୟ ଚାଷୀଙ୍କଠାରୁ ଧାନ ସଂଗ୍ରହ ଠିକ୍ ଭାବେ ହୋଇପାରିଲା ନାହିଁ ବୋଲି ଯୋଗାଣ ଅଧିକାରୀ ମତ ଦେଇଛନ୍ତି।



ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ପରିସରରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର।

# ପ୍ରତି ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ବୀମା ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ

ସାକ୍ଷୀଗୋପାଳ,୩୦ ।୭(ଡି.ଏନ.ଏ)

ପ୍ରତିକୂଳ ପାଗ ଓ ବିପ୍ରୀତ ଯୋଗୁ ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହେଉଥିବାରୁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ସାମିଲ କରିବାକୁ ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ଏକ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ସେମାନଙ୍କର ବିପଦ ସମୟରେ ବୀମା ଯୋଜନା ଲାଭ ତାଙ୍କ ନିକଟରେ ପହଞ୍ଚିପାରିବ ସେଥିପ୍ରତି ଅଧିକ ଯତ୍ନଶୀଳ ହେବାକୁ ସ୍ଥାନୀୟ ସହକାରୀ କୃଷି ଅଧିକାରୀ ହୃଦାନନ୍ଦ ସାମନ୍ତରାୟ କହିଥିଲେ। ବିଡିଓ ସରୋଜ କୁମାର ଦତ୍ତ, ସହକାରୀ କୃଷି ଅଧିକାରୀ ଶାନ୍ତା ସୁଚରିତା ଦାସ, କୃଷିଫାର୍ମ ସ୍ୱତନ୍ତ୍ର ଅଧିକାରୀ ଅଶୋକ କୁମାର ଦାସ, ନିୟନ୍ତ୍ରିତ ବଜାର ସମ୍ପାଦକ କମଳ କୁମାର ଆଚାର୍ଯ୍ୟ, ଜନସେବା କେନ୍ଦ୍ର ଜିଲା ପରିଚାଳକ, ବୀମା କମ୍ପାନୀ ପ୍ରତିନିଧି ଓ ପୁରୀ- ନିମାପଡ଼ା କେନ୍ଦ୍ର ବ୍ୟାଙ୍କ ପରିଚାଳକ ପ୍ରମୁଖ ଏହି ଶିବିରରେ ଅତିଥି ଭାବେ ଯୋଗଦେଇଥିଲେ। ଇଣ୍ଟରନେଟ୍ ଓ ଆଧାର ଲିଙ୍କ ଯୋଗୁ ବୀମାକରଣ କାର୍ଯ୍ୟ ବିଳମ୍ବିତ ହେଉଥିବାରୁ ଆଗାମୀ ୩୧ତାରିଖ ପର୍ଯ୍ୟନ୍ତ ବୀମାଭୁକ୍ତ ଅବଧି ବୃଦ୍ଧି କରିବାକୁ କୃଷି ସେବା ସମବାୟ ସମିତି ସମ୍ପାଦକ ଲକ୍ଷ୍ମଣ ବେହେରା ଓ ଜୟନ୍ତ କୁମାର ରଥ ଦୃଷ୍ଟି ଆକର୍ଷଣ କରିଥିଲେ। ସତ୍ୟବାଦୀ ବ୍ଲକର ୧୬ଟି କୃଷି ସେବା ସମବାୟ ସମିତି ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର ଏହି ପ୍ରଶିକ୍ଷଣ ଶିବିରରେ ତାଲିମ ଗ୍ରହଣ କରିଥିଲେ।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

■ ୯ଟା ୧୫ରେ ପତାକା ଉତ୍ତୋଳନ



ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥିମାନେ।

ପୁରୀ ଅଫିସ, ୩୦।୭:

ପୁରୀ ଜିଲାସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ପାଳନର ପ୍ରସ୍ତୁତି ବୈଠକ ମଙ୍ଗଳବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଅଧକ୍ଷତା କରି ସ୍ୱାଧୀନତା ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବା ନିମନ୍ତେ ସହଯୋଗ କାମନା କରିଥିଲେ। ଏତଦ୍‌ବ୍ୟତୀତ ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କିପରି ସୁଚାରୁ ରୂପେ ସମ୍ପାଦନ ହୋଇପାରିବ ସେଥିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ ଯୋଗଦେଇ ସ୍ୱାଧୀନତା ଦିବସ ପାଳନ ସଂକ୍ରାନ୍ତୀୟ କାର୍ଯ୍ୟସୂଚୀ ପାଠ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ପ୍ରାତଃରେ ରାମଧୂନ ପରିବେଷଣ, ଗାନ୍ଧୀଘାଟଠାରେ ପ୍ରଭାତଫେରି ଓ ସର୍ବଧର୍ମ ପ୍ରାର୍ଥନା ସଭା, ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ରକ୍ତଦାନ ଶିବିର ଆୟୋଜନ, ପ୍ରଶାସନ ଏକାଦଶ ଏବଂ ଖବରଦାତା ଏକାଦଶ ମଧ୍ୟରେ ପ୍ରଦର୍ଶନୀ ଫୁଟବଲ ମ୍ୟାଚ୍ ଆୟୋଜନ, ଉତ୍କଳ ବାଳାଶ୍ରମରେ ମିଷ୍ଟାନ୍ନ ବଣ୍ଟନ, ଶାନ୍ତିଶୃଙ୍ଖଳା ଓ ଯାନବାହନ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଥିଲା। ସକାଳ ୯ଟା ୧୫ରେ ଶରଧାବାଲିଠାରେ ମୁଖ୍ୟଅତିଥି ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିବେ।

ସେହିପରି ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଆ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ଦେଶାତ୍ମବୋଧକ ସମବେତ କଣ୍ଠ ସଙ୍ଗୀତ, ବନାଟି ପ୍ରତିଯୋଗିତା ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆସନ୍ତା ୩ ତାରିଖରୁ ଆରମ୍ଭ ହେବ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସରେ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ। ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା କ୍ରୀଡ଼ାବିତ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ସହ ମାନପତ୍ର ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ସ୍ୱାଧୀନତା ଦିବସ ପରେଡସ୍ଥଳରେ ଓ ସନ୍ଧ୍ୟାରେ ପୌରସଦନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୪ ତାରିଖ ଅପରାହ୍ନ ୪ଟାରେ ସଦ୍‌ଭାବନା ସଭାଗୃହରେ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। ୧୧ ଓ ୧୨ ତାରିଖ ଅପରାହ୍ନ ୩ଟାରେ ଏବଂ ୧୩ ତାରିଖ ସକାଳ ୮ଟାରେ ପରେଡ୍ ପୂର୍ବାଭ୍ୟାସ କରାଯିବ। ଏହି ପ୍ରସ୍ତୁତି ବୈଠକରେ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟା ମଞ୍ଜରୀ ଦାସ, ଏଏସ୍‌ପି ଗାଗାରିନ ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ଦାଶ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ସାଧାରଣତନ୍ତ୍ର ଦିବସ ଏବଂ ସ୍ୱାଧୀନତା ଦିବସ ପାଳନ କରାଯାଉଛି। ଏହି ସମୟରେ ଲୋକଙ୍କ ଯାତାୟାତ ଏବଂ ଗାଡିମୋଟର ଚଳାଚଳରେ ବାଧା ଉପୁଜୁଛି। ତେଣୁ ପରେଡସ୍ଥଳ ପରିବର୍ତ୍ତନ ଲାଗି ଅତିରିକ୍ତ ଜିଲାପାଳ (ଏଡିଏମ୍) ପ୍ରସ୍ତାବ ରଖିଥିଲେ। ଏଥର ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍ ପଡ଼ିଆରେ କରିବା ଲାଗି ଅନ୍ୟମାନଙ୍କ ମତ ଲୋଡିଥିଲେ। କିନ୍ତୁ ଅଧିକ ଦୂର ଏବଂ ଅନ୍ୟାନ୍ୟ କାରଣ ଦର୍ଶାଇ ଅନେକେ ରାଜି ହୋଇ ନ ଥିଲେ। ପିଲାମାନଙ୍କ ଯିବା ଆସିବା ଅସୁବିଧା ହେବ, ଯଦି ପରେଡ ସମୟରେ କାହାର କିଛି ହେଲା ତେବେ ତୁରନ୍ତ ହସ୍ପିଟାଲରେ ପହଞ୍ଚାଇବାରେ ବିଳମ୍ବ ହେବ, ଅଧିକ ଲୋକ ଯିବେ ନାହିଁ ବୋଲି ଉତ୍ତର ପାଇବା ପରେ ଏହି ପ୍ରସ୍ତାବକୁ ସ୍ଥଗିତ ରଖାଯାଇଛି।

### ୨୦ତମ କାର୍‌ଗିଲ ବିଜୟ ଦିବସ

ବ୍ରହ୍ମଗିରି,୩୦ ।୭(ଡି.ଏନ.ଏ):

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପଣସପଦାସ୍ଥିତ ହରିଶ୍ଚନ୍ଦ୍ର ଦେବ ଭୋକେଶନାଲ ବିଜ୍ଞାନ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ୨୦ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ପାଳନ ଅବସରରେ ମହାବିଦ୍ୟାଳୟର ଅଧକ୍ଷ ବ୍ରହ୍ମପଦ ମହାନ୍ତିଙ୍କ ସଭାପତିତ୍ୱରେ ଅନ୍ୟାନ୍ୟ ଅତିଥିଭାବେ ସାମରିକ ବାହିନୀରେ କାର୍ଯ୍ୟରତ ଉକ୍ତ ମହାବିଦ୍ୟାଳୟର ସତ୍ରାଜିତ ପ୍ରଧାନ ଏବଂ ସମସ୍ତ ଅଧ୍ୟାପକମାନେ ଯୋଗଦେଇ ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ କରାଯାଇଥିଲା। ଏହି ସଭାରେ ଶହୀଦ ଯବାନଙ୍କ ବଳିଦାନ ସମ୍ପର୍କରେ ଆଲୋଚନା କରାଯାଇ ଛାତ୍ରୀଛାତ୍ରମାନଙ୍କୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହେବା ପାଇଁ ଆହ୍ୱାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ସୁକାନ୍ତ ମହାରଣା, ପ୍ରଦୀପ୍ତ ସ୍ୱାଇଁ, କାଶିନାଥ ନାୟକ, ପ୍ରଶାନ୍ତ ବାହିନିପତି, ଜଗତାନନ୍ଦ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ନିମାପଡ଼ାରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

■ ବେପରୁଆ ଗାଡ଼ିଚାଳନା ଯୋଗୁ ଘଟୁଛି ଦୁର୍ଘଟଣା

ନିମାପଡ଼ା,୩୦ ।୭(ଡି.ଏନ୍.ଏ.):

ନିମାପଡ଼ା ରୁଟରେ ପୁରୀ, ଭୁବନେଶ୍ୱର, କଟକ, ଅସ୍ତରଙ୍ଗ, କୋଣାର୍କ, କାକଟପୁର, ବଳଙ୍ଗା ଅଞ୍ଚଳକୁ ଶତାଧିକ ପର୍ଯ୍ୟଟକ ଓ ଯାତ୍ରୀବାହୀ ବସ, କାର, ଟ୍ରକ୍ ଆଦି ଯାତାୟାତ କରୁଛନ୍ତି। ମୁଖ୍ୟତଃ ନିମାପଡ଼ା ଅଞ୍ଚଳରେ ସ୍ୱତନ୍ତ୍ର ଟ୍ରାଫିକ ପୋଲିସ ବ୍ୟବସ୍ଥା ନ ଥିବାରୁ ଡ୍ରାଇଭରମାନେ ନିୟମ ନ ମାନି ବେପରୁଆ ଭାବେ ଗାଡି ଚଳାଇବାରୁ ଦୁର୍ଘଟଣା ଘଟୁଛି। ସ୍ଥାନୀୟ ଜୟଶ୍ରୀ ଛକ, ଦୋଳବେଦୀ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ମହିଳା କଲେଜ ଛକରେ ଚାରିଚକିଆ ଯାନ ଜାମ ହୋଇଯିବାରୁ ଯାତାୟାତ ଓ ରାସ୍ତା ଅତିକ୍ରମ କରିବା ପାଇଁ ଲୋକେ ହଟହଟା ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନିମାପଡ଼ାରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ରହିଥିବା ବେଳେ ଯାତ୍ରୀବାହୀ ବସ୍‌ଗୁଡିକ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ମୁଖ୍ୟ ରାସ୍ତା ଅବରୋଧ କରି ବହୁ ସମୟ ପର୍ଯ୍ୟନ୍ତ ବସଗୁଡିକ ପାର୍କିଂ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ଥାନା ପକ୍ଷରୁ ଦୋଳବେଦୀ ଛକ ସମେତ କେତେକ ସ୍ଥାନରେ ପୋଲିସ, ହୋମଗାର୍ଡ ଓ କନଷ୍ଟେବଲ ଡ୍ୟୁଟି କରି ଯାନବାହନ ନିୟନ୍ତ୍ରଣ କରୁଥିବା ଆଇଆଇସି ଜନାର୍ଦ୍ଦନ ପାଢୀ କହିଛନ୍ତି। ଜନଗହଳିପୂର୍ଣ୍ଣ ବ୍ୟବସାୟିକ କେନ୍ଦ୍ର ନିମାପଡ଼ାରେ ସ୍ୱତନ୍ତ୍ର ଭାବେ ଟ୍ରାଫିକ ପୋଲିସ ବ୍ୟବସ୍ଥା କରାଯାଉ କିମ୍ବା ଟ୍ରାଫିକ ନିୟନ୍ତ୍ରଣ ପାଇଁ ନିମାପଡ଼ା ଥାନାରେ ଅଧିକ ସଂଖ୍ୟାରେ ପୋଲିସ ନିଯୁକ୍ତି କରାଯିବା ଦିଗରେ ପଦକ୍ଷେପ ନିଆଯିବାକୁ ସ୍ଥାନୀୟ ବାସିନ୍ଦା ପଦ୍ମଚରଣ ସାହୁ, ରାମଚନ୍ଦ୍ର ସାହୁ, ସଦାନନ୍ଦ ପ୍ରଧାନ, ମାନସ ପ୍ରଧାନ, ଗଦାଧର ସ୍ୱାଇଁ, ପବିତ୍ର ବରାଳ ପ୍ରମୁଖ ସ୍ଥାନୀୟ ବିଧାୟକ ତଥା ବିଧ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ପୁରୀ ଜିଲାପାଳ ଓ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।



ପୁରୀ ବେଳାଭୂମି ନିକଟରେ ଥିବା ପାଦଚଲା ରାସ୍ତା ଉପରେ ବାଲି ଚରିଯାଇଥିବାରୁ ଲୋକମାନେ ଏହାକୁ ବ୍ୟବହାର କରୁନାହାନ୍ତି।

■ ସୃଜନୀ ସାହିତ୍ୟ ସଂସଦର ବାର୍ଷିକ ସମାରୋହ

# ଗଠନମୂଳକ କାର୍ଯ୍ୟରେ ମନୋନିବେଶ କର

ପୁରୀ ଅଫିସ, ୩୦।୭:

ସୃଜନୀ ସାହିତ୍ୟ ସଂସଦର ତୃତୀୟ ବାର୍ଷିକୋତ୍ସବ ସ୍ଥାନୀୟ ରାଣୀସତୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପ୍ରଫେସର କାର୍ତ୍ତିକ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ବରିଷ୍ଠ ସ୍ତମ୍ଭକାର ସତ୍ୟବ୍ରତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ସାହିତ୍ୟ ସମାଜର ଦର୍ପଣ ସଦୃଶ। ଏହାଦ୍ୱାରା ସମାଜର ବହୁବିଧ ଉନ୍ନତି ହୋଇପାରିବ। ମୁଖ୍ୟବକ୍ତା ଭାବେ ଭାଷାବିତ୍ ଡ.ହରପ୍ରସାଦ ମିଶ୍ର ଯୋଗଦେଇ ସୃଜନାତ୍ମକ ସାହିତ୍ୟ ରଚନା ପ୍ରତି ଗୁରୁତ୍ୱାରୋପ କରିଥିଲେ। ନିଜ ଆତ୍ମ ପ୍ରଚାରରେ ମଜ୍ଜି ନ ଯାଇ ଗଠନମୂଳକ କାର୍ଯ୍ୟରେ ମନୋନିବେଶ ଲାଗି ପରାମର୍ଶ ଦେଇଥିଲେ। ଡ.ଅସୀମା ସାହୁ, ବିଜୟଲକ୍ଷ୍ମୀ ସାହୁ, ଅଭିମନ୍ୟୁ ଭୂୟାଁ, ବଦ୍ରି ମିଶ୍ର, କୃଷ୍ଣଚନ୍ଦ୍ର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ପଦ୍ମିନୀ ଦାଶ ଓ ପ୍ରତିଭା ତ୍ରିପାଠୀଙ୍କୁ ସୃଜନୀ ସେବା, ତୃପ୍ତି ପଣ୍ଡାଙ୍କୁ ସୃଜନୀ ଜ୍ୟୋତିଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଭାତ ଚନ୍ଦ୍ର ରଥ ଓ ଦୟାନିଧି ତ୍ରିପାଠୀଙ୍କ ସଂଯୋଜନାରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ପବିତ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

# ସରକାରୀ ନିୟମ ମାନୁନାହାନ୍ତି ଘରୋଇ ଶିକ୍ଷାନୁଷ୍ଠାନ

■କାଗଜ ପତ୍ରରେ ସୀମିତ ମାଗଣା ପାଠପଢ଼ା
■ତଣ୍ଡ ଗଣୁଛନ୍ତି ଅଭିଭାବକ

ଗୋପ,୩୦ ।୭(ଡି.ଏନ୍.ଏ.)

ଗୋପ ବ୍ଲକ୍‌ରେ ଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ସରକାରୀ ମାନଦଣ୍ଡକୁ ନ ମାନି ଘରୋଇ ଶିକ୍ଷାନୁଷ୍ଠାନର ମାଲିକମାନେ ଛାତ୍ରୀଛାତ୍ରଙ୍କୁ ଶୋଷଣ କରୁଥିବାବେଳେ ଏବେ ଆଉ ଏକ ଅଭିଯୋଗ ଯୋଡ଼ି ହୋଇଛି। ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବା ଲାଗି ସରକାରଙ୍କ ତରଫରୁ ଗରିବ, ଦିବ୍ୟାଙ୍ଗ ସମେତ ବିଭିନ୍ନ ବର୍ଗର ଛାତ୍ରୀଛାତ୍ରମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ଥିବାବେଳେ ଏମାନଙ୍କୁ ମାଗଣାରେ ପାଠ ପଢ଼ାଇବା ପାଇଁ ସରକାରୀ ସ୍ତରରେ ଶିକ୍ଷାଧିକାର ଆଇନ ଅନୁଯାୟୀ ନିର୍ଦ୍ଦେଶନାମା ଜାରି ରହିଛି। କିନ୍ତୁ ଏହି ନିୟମକୁ କୌଣସି ଘରୋଇ ଶିକ୍ଷାନୁଷ୍ଠାନ ନ ମାନି କେବଳ କାଗଜପତ୍ରରେ ସୀମିତ ରଖିଛନ୍ତି।

ସୂଚନାଯୋଗ୍ୟ, ଏହି ବ୍ଲକ ଅଧୀନରେ ୫୦ରୁ ଉର୍ଦ୍ଧ୍ୱ ଘରୋଇ ଶିକ୍ଷାନୁଷ୍ଠାନ ରହିଥିବାବେଳେ ଶିକ୍ଷା ବିଭାଗ ପକ୍ଷରୁ ୨୩ଗୋଟି ଶିକ୍ଷାନୁଷ୍ଠାନକୁ ଏନ୍‌ଓସି (ନୋ ଅବ୍‌ଜେକ୍‌ଶନ ସାର୍ଟିଫିକେଟ୍) ଦିଆଯାଇଛି। କିନ୍ତୁ ଏନ୍‌ଓସି ପାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ସରକାରଙ୍କ ୩୨ଗୋଟି ମାନଦଣ୍ଡକୁ ପୂରଣ କରି ନ ଥିବାବେଳେ କିଭଳି ଏହି ଏନ୍‌ଓସି ପ୍ରଦାନ କରାଯାଇଛି ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କଠାରୁ ଟଙ୍କା ଆଦାୟ କରାଯାଇ ରସିଦ୍ ପ୍ରଦାନ କରାଯାଉଥିଲେ ମଧ୍ୟ କାଗଜପତ୍ର ମାଧ୍ୟମରେ ସଂରକ୍ଷିତ ବର୍ଗ ଦର୍ଶାଯାଉଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ଘରୋଇ ଶିକ୍ଷାନୁଷ୍ଠାନରେ ୨୫ପ୍ରତିଶତ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପାଠ ପଢ଼ାଇବା ପାଇଁ ଥିବା ନିର୍ଦ୍ଦେଶନାମାକୁ କେବଳ ପୋଷ୍ଟର, ବ୍ୟାନର ଓ କାଗଜପତ୍ରରେ ସୀମିତ ରଖୁଥିବାର ଅଭିଯୋଗ ହେଉଥିବାବେଳେ ଏବେ ବ୍ୟବସାୟରେ ପରିଣତ ହୋଇଛି। ଖୋଦ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ବାଚନମଣ୍ଡଳୀରେ ଏଭଳି ନିୟମ ଉଲ୍ଲଂଘନ କରୁଥିବା ଘରୋଇ ଶିକ୍ଷାନୁଷ୍ଠାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଓ ସରକାରୀ ସ୍କୁଲରୁ ଛାତ୍ରୀଛାତ୍ର ଦୂରେଇ ଯାଉଥିବାର କାରଣ ଜାଣିବା ପାଇଁ ଅଭିଭାବକଙ୍କ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର କୁହନ୍ତି, ୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ କାଗଜ ପତ୍ରରେ ଦର୍ଶାଯାଉଥିବା ମାନିଥିବାବେଳେ ଏହାର ଖୁବଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।